RNI No.ODIODI/2010/33031
୧୫ ବର୍ଷ Volume-15
ISSUE-309 ସଂଖ୍ୟା-୩୦୯
ଭୁବନେଶ୍ୱର, ଶନିବାର ୨୨, ଫେବୃଆରୀ, ୨୦୨୫
Bhubaneswar, Saturday 22, February, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ମହାନଦୀରେ ନିର୍ମାଣ ହେବ ୧୬ ଡ୍ୟାମ୍, ୧୫ ବ୍ୟାରେଜ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୧।୨(ନି.ପ୍ର.): ରାଜ୍ୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମହାନଦୀରେ ଆଉ ୧୬ ଡ୍ୟାମ୍ ଏବଂ ୧୫ ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣ ହେବ। ଏଥିସହ ମହାନଦୀରେ ୪୧ଟି ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ ଷ୍ଟ୍ରକ୍‌ଚର ନିର୍ମାଣ କରିବାକୁ ଯୋଜନା ରହିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ଗୁରୁବାର ବିଧାନସଭାରେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମହାନଦୀ ଅବବାହିକାର ଉପରମୁଣ୍ଡରେ ଛତିଶଗଡ଼ ସରକାର ବହୁ ଅଣଯୋଜନାବଦ୍ଧ ପ୍ରକଳ୍ପ ମାଧ୍ୟମରେ ଅତ୍ୟଧିକ ନଦୀଜଳ ବ୍ୟବହାର କରୁଥିବାରୁ ଓଡ଼ିଶାର ତଳମୁଣ୍ଡକୁ ଜଳ ପ୍ରବାହ କ୍ରମଶଃ ହ୍ରାସ ପାଉଛି।

ଆନ୍ତଃରାଜ୍ୟ ସୀମାନ୍ତରେ ଅବସ୍ଥିତ ହୀରାକୁଦ ଡ୍ୟାମରେ ମଧ୍ୟ ଜଳସ୍ତର ଖସିବାରେ ଲାଗିଛି, ଯାହାକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ବିବାଦ ଲାଗି ରହିଛି। ଏହି ମହାନଦୀ ଜଳ ବିବାଦ ପାଇଁ ଓଡ଼ିଶା ଟ୍ରିବ୍ୟୁନାଲର ଆଶ୍ରୟ ନେଇ ବହୁ ଆବେଦନ ମାଧ୍ୟମରେ ନିଜ ଦାବି ରଖି ଆସୁଛି। ଏହି ମାମଲା ବର୍ତ୍ତମାନ ବିଚାରାଧୀନ ଥିବାରୁ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ମହାନଦୀ ଜଳର ସମାନତା ସହିତ ସ୍ଥାୟୀ ଜଳ ବିକାଶକୁ ସୁରକ୍ଷିତ ରଖିବା ଲାଗି ରାଜ୍ୟ ସରକାର ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି।

ଅପରପକ୍ଷେ ବିଜେଡି ଉପନେତା ପ୍ରସନ୍ନ ଆଚାର୍ଯ୍ୟ ପ୍ରଶ୍ନକାଳରେ ଏହି ପ୍ରସଙ୍ଗ ଉଠାଇଥିଲେ। ଛତିଶଗଡ଼ ସରକାର ମହାନଦୀର ଉପର ଅବବାହିକା ଅଞ୍ଚଳରେ ୮/୯ଟି ବ୍ୟାରେଜ ନିର୍ମାଣ କରିଛନ୍ତି। ଏହାଦ୍ୱାରା ଓଡ଼ିଶା ଗ୍ରୀଷ୍ମ ସମୟରେ ପ୍ରଭାବିତ ହେଉଛି। ଏନେଇ ରାଜ୍ୟ ସରକାର କ'ଣ ପଦକ୍ଷେପ ନେଇଛନ୍ତି ବୋଲି ପ୍ରସନ୍ନ ପ୍ରଶ୍ନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, ଭାଜପା ସରକାର ଗତ ୮ମାସ ଧରି କ୍ଷମତାରେ ଅଛି। ଏତେ କମ୍ ସମୟ ମଧ୍ୟରେ ବନ୍ଧ ନିର୍ମାଣ ହୋଇପାରିବନାହିଁ।

ତେବେ ରାଜ୍ୟ ସରକାର ୩୧ଟି ବୃହତ ଓ ମଧ୍ୟମ ଜଳପ୍ରକଳ୍ପ, ୨୭ଟି ବ୍ୟାରେଜ, ୭୨ଟି ଆଇଏସ୍‌ଏସ୍ ଢାଞ୍ଚା ଏବଂ ୭୯ଟି କ୍ଷୁଦ୍ର ଜଳପ୍ରକଳ୍ପ କରିବାକୁ ଯୋଜନା କରିଛନ୍ତି। ଏଥିପାଇଁ ୫୧ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଜଳସମ୍ପଦ ବିଭାଗ ଏଥିପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କରୁଛି। ଏନେଇ ଆଗାମୀ ୫ବର୍ଷ ମଧ୍ୟରେ ପଦକ୍ଷେପ ନିଆଯିବ ବୋଲି ମହାଲିଙ୍ଗ ବିଧାନସଭାରେ ତଥ୍ୟ ରଖିଛନ୍ତି। ସେ ଆହୁରି କହିଛନ୍ତି, ଛତିଶଗଡ଼ରେ ଯେଉଁ ଡ୍ୟାମ ହୋଇଛି ତାକୁ ନେଇ ବିଧାନସଭାରେ ଅନେକ ବାର ଆଲୋଚନା ହୋଇଛି। ଗତ ୨୪ବର୍ଷର ପ୍ରସଙ୍ଗକୁ ଦୋହରାଇବାକୁ ଚାହୁଁନି। ଏତେବର୍ଷ ସରକାରରେ ଥିବା ବିଜେଡି ମହାନଦୀର ତଳମୁଣ୍ଡରେ କେତୋଟି ଡ୍ୟାମ କରିଛି, ତାହାର ତଥ୍ୟ ବର୍ତ୍ତମାନର ବିରୋଧୀ ଦଳ ନେତା ତଥା ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଥିବ। ତେଣୁ ପ୍ରଥମେ ନିଜକୁ ନିଜେ ପ୍ରଶ୍ନ ପଚାରନ୍ତୁ ବୋଲି ମହାଲିଙ୍ଗ ଟେରଛା ବାଣ ମାରିଛନ୍ତି।

# ପ୍ରଥମ ଦିନରେ ଓଡ଼ିଆରେ ପରୀକ୍ଷା ଦେଲେ ଛାତ୍ରଛାତ୍ରୀ

କଟକ, ୨୧।୦୨: ରାଜ୍ୟରେ ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା। ପ୍ରଥମ ଦିନରେ ମାତୃଭାଷା ଓଡ଼ିଆରେ ପରୀକ୍ଷା ଦେଇଛନ୍ତି ରାଜ୍ୟର ୫ ଲକ୍ଷ ୨୨ ହଜାର ୩୩୬ ଜଣ ପରୀକ୍ଷାର୍ଥୀ। ୩ ହଜାର ୧୩୩ଟି କେନ୍ଦ୍ରରେ ଆଜି ସୁରୁରୁ ରୂପେ ପରୀକ୍ଷା ହୋଇପାରିଛି। ମାତୃଭାଷାରେ ପରୀକ୍ଷା ଦେଇସାରି କେନ୍ଦ୍ର ଭିତରୁ ବାହାରି ଆସିବା ପରେ, ମାଟ୍ରିକ ପରୀକ୍ଷାର୍ଥୀଙ୍କର ଥିଲା ଭଲ ଅନୁଭୂତି। ଯେଉଁଥିରେ ସାମିଲ ହୋଇଛନ୍ତି ୫ ଲକ୍ଷ ୨୨ ହଜାର ୩୩୬ ଜଣ ପରୀକ୍ଷାର୍ଥୀ।

ପ୍ରାୟ ସବୁ ପରୀକ୍ଷା କେନ୍ଦ୍ର ମାନଙ୍କରେ ଆଜି ଏହିଭଳି ଢଙ୍ଗରେ ପରୀକ୍ଷାର୍ଥୀଙ୍କୁ ସ୍ୱାଗତ କରାଯାଇଛି, ଏବଂ ଏକ ସୁନ୍ଦର ପରିବେଶ ଭିତରେ ପିଲାମାନେ ପରୀକ୍ଷା ଦେଇଛନ୍ତି। ଏଥର ମାଟ୍ରିକ ପରୀକ୍ଷା ପରିଚାଳନା ପାଇଁ ଯଥେଷ୍ଟ ଆଗରୁ ପ୍ରସ୍ତୁତି ହୋଇଥିଲା ଏବଂ ପରୀକ୍ଷାରେ ସ୍ୱଚ୍ଛତା ବଜାୟ ରଖିବା ଲାଗି ଗତ ବର୍ଷ ତୁଳନାରେ ଏଥର ଆଉ କିଛି ନୂଆ। ପଦକ୍ଷେପ ମାନ ନେଇଛି ବୋର୍ଡ। ଖାସ କରି ପ୍ରଶ୍ନପତ୍ର ଭାଇରାଲ ହେବା ଭଳି ଘଟଣା ଉପରେ ରୋକ ଲଗାଇବା ପାଇଁ ଚଳିତ ବର୍ଷ, ଡାଇନାମିକ କ୍ୟୁ ଆର୍ କୋଡ୍ ଏବଂ ୱାଟର ମାର୍କ ବ୍ୟବସ୍ଥା କରାଯାଇଛି।

କପି ରୋକିବା ଲାଗି ୪ ସ୍ତରୀୟ ସ୍କାର୍ଡ ବ୍ୟବସ୍ଥା କରିଛି ବୋର୍ଡ। ପ୍ରତେକ ଜିଲ୍ଲାର ପରୀକ୍ଷା ପରିଚାଳନା ପାଇଁ ଜଣେ ଜଣେ ଅତିରିକ୍ତ ଜିଲ୍ଲାପାଳ ଏବଂ ଜଣେ ଡିଏସ୍‌ପି ପାହ୍ୟାର ପୋଲିସ ଅଧିକାରୀ ମାନଙ୍କୁ ଦାୟିତ୍ୱ ଦିଆଯାଇଛି। ମୋଟ ଉପରେ କହିଲେ, ଆଜି ପ୍ରଥମ ଦିନର ପରୀକ୍ଷା ପରିଚାଳନାକୁ ନେଇ ସେଭଳି କୌଣସି ବିବାଦୀୟ ଘଟଣା ସାମ୍ନାକୁ ଆସିନାହିଁ।

ଏଥର ଗୋଟିଏ ଦିନରେ କେବଳ ଗୋଟିଏ ସିଟିଙ୍ଗ ପରୀକ୍ଷା ହେଉଛି ଏବଂ ପ୍ରତେକ ପେପର ପରୀକ୍ଷା ପାଇଁ ଗୋଟିଏ ଗୋଟିଏ ଦିନର ବ୍ୟବଧାନ ରହିଛି। ହେଲେ ଆଗକୁ ଅଛି ଇଂରାଜୀ, ଗଣିତ ଏବଂ ବିଜ୍ଞାନ ପାଇଁ ପରୀକ୍ଷା, ସେତେବେଳେ, ପ୍ରଶ୍ନପତ୍ର ଭାଇରାଲ ରୋକିବା ଏବଂ କପି ରୋକିବା କ୍ଷେତ୍ରରେ ବୋର୍ଡ କେତେ ସଫଳ ହୋଇପାରୁଛି, ତାକୁ ହିଁ ଅପେକ୍ଷା।

# 'କିଟ୍' ଘଟଣା : ସ୍ପଷ୍ଟୀକରଣ ରଖିଲା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ

ଭୁବନେଶ୍ୱର, ୨୧।୨(ନି.ପ୍ର.): 'କିଟ୍'ରେ ନେପାଳ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ଏବେ ସବୁଠି ଚର୍ଚ୍ଚାର କାରଣ। ରାଜ୍ୟ ନୁହେଁ କି' ଦେଶ ନୁହେଁ, ବିଦେଶରେ ବି ଖବର ଶିରୋନାମାରେ ଏହି ଘଟଣା। ଏହାରି ମଧ୍ୟ ଘଟଣାକୁ ନେଇ ସ୍ପଷ୍ଟୀକରଣ ରଖିଛି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ। ଶୁକ୍ରବାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲଙ୍କ ସୂଚନା ଦେଇ କହିଛନ୍ତି, 'ଭାରତ ସରକାର ଘଟଣା ଉପରେ ନଜର ରଖିଛନ୍ତି। ଆମେ ଓଡ଼ିଶା ସରକାରଙ୍କ ସହ ଯୋଗାଯୋଗରେ ଅଛୁ। ରାଜ୍ୟ ସରକାର ଉଚିତ ପଦକ୍ଷେପ ନେଇଛନ୍ତି। ଘଟଣାର ତଦନ୍ତ ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଓଡ଼ିଶା ପୋଲିସ ଅଭିଯୁକ୍ତଙ୍କୁ ଗିରଫ ମଧ୍ୟ କରିଛି।' ସେ ଆହୁରି କହିଛନ୍ତି ନେପାଳ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ହେଲପଲାଇନ ନମ୍ବର ଜାରି କରାଯାଇଛି। ବିଦେଶୀ ଛାତ୍ରଛାତ୍ରୀଙ୍କୁ ସୁରକ୍ଷା ଦେବା ଆମ ଦାୟିତ୍ୱ। ପରିସ୍ଥିତି ଉପରେ ଆବଶ୍ୟକ ପଦକ୍ଷେପ ନିଆଯିବ।'

# ଗୋଟିଏ ଖଣି ପାଇଁ ୯୮ କୋଟି ଦଣ୍ଡ

## ଏନଜିଟିଙ୍କ ରାୟ ପରେ ଖଣି ମାଲିକ ଛାନିଆ

ଖୋର୍ଦ୍ଧା, ୨୧।୨(ନି.ପ୍ର.): ମାତ୍ରାଧିକ ଖଣି ଖନନ ଖୋର୍ଦ୍ଧାର ଜଣେ ଖଣି ମାଲିକଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। କୋଟିଏ କି ୨ କୋଟି ନୁହେଁ, ପରିବେଶ କ୍ଷତି ଓ ଅନ୍ୟାନ୍ୟ କ୍ଷତିପୂରଣ ବାବଦରେ ୯୮ କୋଟି ୩୧ ଲକ୍ଷ ୪୯ ହଜାର ୧୩୫ ଟଙ୍କା ଆଦାୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ୧୦ ଏକରର ଏକ ଛୋଟିଆ। ଖଣି ପାଇଁ ୯୮ କୋଟି ଟଙ୍କାର ଆର୍ଥିକ ଦଣ୍ଡ ଖୋର୍ଦ୍ଧା ଜିଲ୍ଲାରେ ବେଆଇନ ଖଣି ଖନନ କରୁଥିବା ମାଲିକଙ୍କ ମଧ୍ୟରେ ଛନକା ସୃଷ୍ଟି କରିଛି।

ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍ ଡମଣଭୂଇଁରେ ୧୦ ଏକର ପରିମିତ ଅଞ୍ଚଳରେ ଏକ ମାଙ୍କଡ଼ା ପଥର ଖଣି ଥିଲା। ଏହାକୁ ୨୦୨୨ରେ ସ୍ଥାନୀୟ ଅଞ୍ଚଳର ପ୍ରହଲ୍ଲାଦ ବିଶ୍ୱାଳ ଲିଜ୍ ସୂତ୍ରରେ ନେଇଥିଲେ। ଚୁକ୍ତି ସମୟରେ ବର୍ଷକୁ ମାତ୍ର ୧୫ଶହ କ୍ୟୁବିକ୍ ମିଟର ଖୋଳିବାକୁ ଅନୁମତି ଦିଆଯାଇଥିଲା। ପାଞ୍ଚ ବର୍ଷରେ ସର୍ବାଧିକ ୭୫୦୦ କ୍ୟୁବିକ୍ ମିଟର ପଥର ଖୋଳିବା କଥା। କିନ୍ତୁ ଅନୁମତିଠାରୁ ବହୁ ଅଧିକ ଖଣି ଖନନ ହୋଇଛି ବୋଲି ମୁଣ୍ଡାଆମ୍ବ ଅଞ୍ଚଳର ଅଜୟ ବେହେରା ନାମକ ବ୍ୟକ୍ତି ଅଭିଯୋଗ ଆଣିବା ପରେ ଜାତୀୟ ଗ୍ରିନ୍ ଟ୍ରିବ୍ୟୁନାଲରେ ମାମଲା ରୁଜୁ ହୋଇଥିଲା। ବହୁ ଗୁଣିତ ଖଣି ଖନନ ଯୋଗୁ ସରକାରଙ୍କର ଖଣି ରାଜସ୍ୱ ଯାହା କ୍ଷତି ହେଲା, ତା'ଠାରୁ ଅଧିକ ପରିବେଶ ଉପରେ ପ୍ରଭାବ ପଡ଼ିଥିବାର ଅଭିଯୋଗ ହୋଇଥିଲାୟ ଏହି ମାମଲାରେ ଜିଲ୍ଲାପାଳଙ୍କ ସହିତ ବନଖଣ୍ଡ ଅଧିକାରୀ, ଖଣି ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଦି ବିଭିନ୍ନ ବିଭାଗ ପକ୍ଷଭୁକ୍ତ ହୋଇଥିଲେ। ଡମଣଭୂଇଁ ଖଣିରୁ କେତେ ଅଧିକ ଖନନ ହୋଇଛି ଏବଂ ତାହା ଦ୍ୱାରା କେତେ ପରିବେଶ କ୍ଷତି ହୋଇଛି; ତା'ର ଏକ ସର୍ଭେ ରିପୋର୍ଟ ଦେବାକୁ ଟ୍ରିବ୍ୟୁନାଲ୍ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ବିଭାଗ, ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ରାଜ୍ୟସ୍ତରୀୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ସିଆ)ର ବୈଜ୍ଞାନିକମାନଙ୍କ ସହିତ ଖଣି ବିଭାଗ ଏହି ଅତ୍ୟଧିକ ଖଣି ଖନନ ଉପରେ ତନାଘନା କରିଥିଲେ। ସାଟେଲାଇଟ୍ ଚିତ୍ର ଜରିଆରେ ସ୍ୱତନ୍ତ୍ର ସର୍ଭେ କରାଯାଇଥିଲା।

ଅତ୍ୟଧିକ ଖଣି ଖନନ ଯୋଗୁ ମୋଟ୍ ୯୬ କୋଟି ୨୮ ଲକ୍ଷ ୫୦ ହଜାର ୧୭୫ଟଙ୍କା ଟଙ୍କାର ପରିବେଶ କ୍ଷୟକ୍ଷତି ହୋଇଛି ବୋଲି ସର୍ଭେ ପରେ ଜିଲ୍ଲା ପ୍ରଶାସନ ଏନଜିଟିରେ ଗତବର୍ଷ ରିପୋର୍ଟ ଦାଖଲ କରିଥିଲା। ଅନ୍ୟାନ୍ୟ କ୍ଷତିପୂରଣକୁ ଯୋଡ଼ି ମୋଟ୍ ୯୮ କୋଟି ୩୧ ଲକ୍ଷ ୪୯ ହଜାର ୧୩୫ ଟଙ୍କାର କ୍ଷୟକ୍ଷତି ଆକଳନ ରିପୋର୍ଟ ଏନଜିଟିଙ୍କୁ ଦିଆଯାଇଥିଲା। ଇତିମଧ୍ୟରେ ଜାତୀୟ ସବୁଜ ପ୍ରାଧିକରଣ ଏହି ରିପୋର୍ଟକୁ ଗ୍ରହଣ କରି କ୍ଷତିପୂରଣ ଟଙ୍କା ଆଦାୟ କରିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ନିର୍ଦ୍ଦେଶ ଦେଇଛନ୍ତି। ବରିଷ୍ଠ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ଓ ଆଶୁତୋଷ ପାଣି ମାମଲାର ପରିଚାଳନା କରୁଥିଲେ।

## ବସ୍-ବୋଲେରୋ ମୁହାଁମୁହିଁ, ୬ ଗୁରୁତର

ଉଦଳା, ୨୧।୨(ନି.ପ୍ର.): ବସ୍-ବୋଲେରୋ ମୁହାଁମୁହିଁ ଧକ୍କାରେ ୬ ଗୁରୁତର ଆହତୟ ଘଟଣା ଘଟିଛି ଶରତ ଥାନା ହଦଗୁଠ ଛକ ନିକଟରେ। ଆହତଙ୍କୁ ଶରତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ଶରତ ଅଭିମୁଖେ ଯାଉଥିବା ଘରୋଇ ଯାତ୍ରୀବାହୀ ବସ୍ ବିଜୟା ହଦଗୁଠ ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବୋଲେରୋ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବୋଲେରୋରେ ଥିବା ୫ ସହିତ ବସ୍ ଡ୍ରାଇଭର ଗୁରୁତର ହୋଇଛନ୍ତି। ଦୁର୍ଘଟଣା ଏତେ ତୀବ୍ର ଥିଲା ଯେ, ବୋଲେରୋର ସାମ୍ନା ପାଖ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।

## ଭେଣ୍ଡିଆ ଯୁବକ, ନାବାଳକ ହାତେଇଥିଲେ ବାର୍ଦ୍ଧକ୍ୟ ଭତ୍ତା

ଯାଜପୁର, ୨୧।୨: ବାର୍ଦ୍ଧକ୍ୟ ଭତ୍ତା ନେଇଥିଲେ, ଏବେ ଫେରାଇବାକୁ ବିଡିଓ ପଠାଇଲେ ନୋଟିସ। ଏଭଳି ବାର୍ଦ୍ଧକ୍ୟ ଭତ୍ତା କେଲେଙ୍କାରୀ ମାମଲା ଘଟଣା ଘଟିଛି ଯାଜପୁର ବିଞ୍ଝାରପୁରରେ। ଭତ୍ତା ହାତେଇ ନେଇ ଥିବା ୮୯୪ ଜଣ ଅଯୋଗ୍ୟଙ୍କୁ ବିଡିଓଙ୍କ ନୋଟିସ ପଠାଇଛନ୍ତି। ୨୯ଟି ପଞ୍ଚାୟତର ୮୯୪ ଅଯୋଗ୍ୟଙ୍କୁ ଟଙ୍କା ଫେରାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ୧୦ ହଜାର ୫୦୦ ଟଙ୍କା ଲେଖାଏଁ ଫେରାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଟଙ୍କା ଫେରସ୍ତ ନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି। ଉପ ଜିଲାପାଳଙ୍କ ଦସ୍ତଖତ ଟାମ୍ପରିଂ କରି ଭତ୍ତା ହାତେଇଥିଲେ। ଭେଣ୍ଡିଆ। ଯୁବକ ଓ ନାବାଳକ ହାତେଇଥିଲେ ବାର୍ଦ୍ଧକ୍ୟ ଭତ୍ତା।

## ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ମାଆମାନଙ୍କ ଗୋପନୀୟତା ସୁନିଶ୍ଚିତ କର



ନୂଆଦିଲ୍ଲୀ, ୨୧।୨: ସୁପ୍ରିମକୋର୍ଟ ସାର୍ବଜନୀନ ସ୍ଥାନରେ ଶିଶୁ ଯତ୍ନ ଏବଂ ଶିଶୁମାନଙ୍କୁ ସ୍ତନ୍ୟପାନ କରାଇବା ପାଇଁ ପୃଥକ ସ୍ଥାନର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି ଏବଂ ରାଜ୍ୟଗୁଡ଼ିକୁ ଏପରି ସୁବିଧାର ଉପଲବ୍ଧତା ସୁନିଶ୍ଚିତ କରିବାକୁ କହିଛନ୍ତି।

ଜଷ୍ଟିସ୍ ବି.ଭି. ନାଗରତ୍ନ ଏବଂ ଜଷ୍ଟିସ୍ ପ୍ରସନ୍ନ ବି. ବରାଲେ କହିଛନ୍ତି ଯେ ଏପରି ସୁବିଧା ଯୋଗାଇବା ଦ୍ୱାରା ମା'ମାନଙ୍କର ଗୋପନୀୟତା ସୁନିଶ୍ଚିତ ହେବ ଏବଂ ଶିଶୁମାନଙ୍କ ପାଇଁ ମଧ୍ୟ ଲାଭଦାୟକ ହେବୟ ଯଥାସମ୍ଭବ, ରାଜ୍ୟ ସରକାରଗୁଡ଼ିକ ବିଦ୍ୟମାନ ସାର୍ବଜନୀନ ସ୍ଥାନରେ ମଧ୍ୟ ଏପରି ସୁବିଧା ଯୋଗାଇ ପାରିବେ।

ଖଣ୍ଡପୀଠ କହିଛନ୍ତି, 'ଯେଉଁ ସାର୍ବଜନୀନ ସ୍ଥାନରେ ସାର୍ବଜନୀନ କୋଠା ଯୋଜନା ଏବଂ ନିର୍ମାଣ ପର୍ଯ୍ୟାୟରେ ଅଛି, ସେଠାରେ ରାଜ୍ୟ ସରକାରମାନେ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ପର୍ଯ୍ୟାପ୍ତ ସ୍ଥାନ ସଂରକ୍ଷଣ କରିବା ନିଶ୍ଚିତ କରିପାରିବେ।'ସର୍ବସାଧାରଣ ସ୍ଥାନରେ ଶିଶୁ ଏବଂ ମା'ମାନଙ୍କ ପାଇଁ ସ୍ତନ୍ୟପାନ କୋଠରୀ, ଶିଶୁ ଯତ୍ନ କୋଠରୀ କିମ୍ବା ଅନ୍ୟ କୌଣସି ସୁବିଧା ନିର୍ମାଣ ପାଇଁ ନିର୍ଦ୍ଦେଶନାମା ଦାବି କରି ସୁପ୍ରିମକୋର୍ଟ ଏକ ଆବେଦନର ଶୁଣାଣି କରୁଥିଲେ।ଏହାର ଜବାବରେ କେନ୍ଦ୍ର ସରକାରଙ୍କ ଓକିଲ କହିଛନ୍ତି ଯେ ୨୭ ଫେବୃଆରୀ, ୨୦୨୪ରେ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟର ସଚିବ ଏହି ପ୍ରସଙ୍ଗରେ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବ ଏବଂ ପ୍ରଶାସକଙ୍କୁ ଏକ ଚିଠି ଲେଖିଥିଲେ।

ସଚିବଙ୍କ ଦ୍ୱାରା ଲିଖିତ ଚିଠିରେ ଆବେଦନରେ କରାଯାଇଥିବା ଦାବିଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଥିବାରୁ ଖଣ୍ଡପୀଠ ସନ୍ତୋଷ ପ୍ରକାଶ କରିଥିଲେ। ଏହା ମଧ୍ୟ କୁହାଯାଇଛି ଯେ ଯଦି ରାଜ୍ୟଗୁଡ଼ିକ ଏହି ପରାମର୍ଶକୁ କାର୍ଯ୍ୟକାରୀ କରନ୍ତି, ତେବେ ଏହା ସ୍ତନ୍ୟପାନ ସମୟରେ ଯୁବ ମା' ଏବଂ ଶିଶୁମାନଙ୍କର ଗୋପନୀୟତା ସୁନିଶ୍ଚିତ କରିବ।

କୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଦୁଇ ସପ୍ତାହ ମଧ୍ୟରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ମୁଖ୍ୟ ସଚିବ ଏବଂ ପ୍ରଶାସକମାନଙ୍କୁ ସ୍ମରଣକାରୀ ଭାବରେ ପରାମର୍ଶ ସହିତ ତାଙ୍କ ଆଦେଶର ଏକ କପି ପଠାନ୍ତୁ।

# ଟ୍ରମ୍ପଙ୍କ ବୟାନ ପରେ ଭାରତରେ ହଟଚମଟ



ୱାଶିଂଟନ୍, ୨୧।୨: ନିର୍ବାଚନରେ ଭାରତକୁ ସାହାଯ୍ୟ କରିବା ପାଇଁ ଆମେରିକାରୁ ପାଣ୍ଠି ଦିଆଯାଉଥିବା ବିବାଦ ଏବେ ଜାତୀୟ ରାଜନୀତିକୁ ସରଗରମ କରିଛିୟ ଏହାରି ଭିତରେ ପୁଣି ମୁହଁ ଖୋଲିଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ନିର୍ବାଚନ ପାଇଁ ଭାରତକୁ ପାଣ୍ଠି ଦିଆଯାଉଥିବାକୁ ସେ କିକ୍‌ବ୍ୟାକ୍ ସ୍କିମ ବା ଲାଞ୍ଚ ଯୋଜନା ବୋଲି କହିଛନ୍ତି।

ରିପବ୍ଲିକାନ ଗଭର୍ଣ୍ଣର୍ସ ଆସୋସିଏସନ କାର୍ଯ୍ୟକ୍ରମରେ ସେ ଏହି ବକ୍ତବ୍ୟ ଦେଇ କହିଛନ୍ତି, ବାଇଡେନ ପ୍ରଶାସନ ଭାରତର ନିର୍ବାଚନରେ ହସ୍ତକ୍ଷେପ କରୁଥିଲେ। ଟ୍ରମ୍ପଙ୍କ ଘନିଷ୍ଠ ସହଯୋଗୀ, ଟେସଲାର ସିଇଓ ଏଲୋନ ମସ୍କ ମଧ୍ୟ ଏହି ପାଣ୍ଠି ଉପରେ ପ୍ରଶ୍ନ ଉଠାଇଛନ୍ତି।

ଟ୍ରମ୍ପ ଦାବି କରିଛନ୍ତି ଯେ ପୂର୍ବ ଆମେରିକା ସରକାର ଭାରତରେ ଭୋଟରଙ୍କ ମତଦାନ ବୃଦ୍ଧି କରିବା ପାଇଁ ୟୁଏସଏଡ ମାଧ୍ୟମରେ ୨୧ ନିୟୁତ ଡଲାର ଅର୍ଥାତ ୧୮୨ କୋଟି ଟଙ୍କା ଦେଇଥିଲେ। ଏହି ଦାବି ପରେ ଭାରତୀୟ ରାଜନୀତିରେ ଭୂକମ୍ପ ସୃଷ୍ଟି ହୋଇଛି। ଏହାକୁ ନେଇ ଭାରତରେ ଭାଜପା-କଂଗ୍ରେସ ମଧ୍ୟ ମୁହାଁମୁହିଁ ହୋଇଛନ୍ତିୟ ତଥାପି, ଇଣ୍ଡିଆନ ଏକ୍ସପ୍ରେସ ତାର ରିପୋର୍ଟରେ ଦାବି କରିଛି ଯେ ୟୁଏସଏଡର ଟଙ୍କା ଭାରତକୁ ନୁହେଁ ବରଂ ବାଂଲାଦେଶକୁ ଯାଇଥିଲା ଏବଂ ସେଠାରେ ବ୍ୟବହାର କରାଯାଇଥିଲା। ତେବେ ଏହି ବିବାଦ ଡୋନାଲ୍ଡ ଟ୍ରମ୍ପଙ୍କ ବୟାନରୁ ଆରମ୍ଭ ହୋଇଥିଲା। ଟ୍ରମ୍ପ କହିଛନ୍ତି, 'ଭାରତରେ ଭୋଟ ବୃଦ୍ଧି କରିବା ପାଇଁ ୨୧ ନିୟୁତ ଡଲାର ଦେବାର କ'ଣ ଆବଶ୍ୟକତା ଅଛି?' ଆମେ ଭାରତର ମତଦାନ ହାର ବିଷୟରେ କାହିଁକି ଚିନ୍ତା କରୁଛୁ? ଆମର ନିଜର ଯଥେଷ୍ଟ ସମସ୍ୟା ଅଛି କିନ୍ତୁ ଭାରତକୁ ଟଙ୍କା ପଠାଯାଉଛି। ମୁଁ ବିଶ୍ୱାସ କରେ ଭାରତକୁ ପାଣ୍ଠି ଦେବା ଏକ କିକ୍‌ବ୍ୟାକ୍ ସ୍କିମ୍, ଏହାର ଅର୍ଥ ହେଉଛି ଯେଉଁ ଟଙ୍କା ଦିଆଯାଏ ତାହା ହେରଫେର ହୋଇଥାଏ। ଏହା ପଛରେ କ'ଣ ଚାଲିଛି ତାହା କେହି ଜାଣି ନାହାଁନ୍ତି। କହିରଖୁଛୁ ଯେ, USAID ହେଉଛି ଏକ ଆମେରିକୀୟ ସରକାରୀ ସଂସ୍ଥା ଯାହା ବିକାଶଶୀଳ ଦେଶମାନଙ୍କୁ ସହାୟତା ପ୍ରଦାନ କରେୟ ଟ୍ରମ୍ପ କହିଛନ୍ତି ଯେ ଭାରତରେ ଟଙ୍କା ରାଜନୈତିକ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିଲା। ଟ୍ରମ୍ପଙ୍କ ଏହି ବୟାନ ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କ ମଧ୍ୟରେ ଫାଟ ସୃଷ୍ଟି କରିପାରେ ବୋଲି କୁହାଯାଉଛି।

# ଆବାସ ପାଇଁ ସାଢେ ୧୨ ଲକ୍ଷ ଆବେଦନ

ଭୁବନେଶ୍ୱର, ୨୧।୨(ନି.ପ୍ର.): ପ୍ରଧାନମନ୍ତ୍ରୀ ଆବାସ ଘର ପାଇଁ ଆବେଦନ କଲେଣି ସାଢେ ୧୨ ଲକ୍ଷ ଲୋକେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହେବା ଆରମ୍ଭ ହୋଇଥିବା ପଞ୍ଜୀକରଣ ସଂଖ୍ୟା ୧୨ଲକ୍ଷ୍ୟ ୫୦ହଜାର ପହଞ୍ଚିଲାଣି। ଏନେଇ ଆଜି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ୟ ମନ୍ତ୍ରୀ କହିଛନ୍ତି କେବଳ ଯୋଗ୍ୟ ହତାଧିକାରୀଙ୍କୁ ଗୃହ ମିଳିଛି। ତେବେ ଘର ପାଇଁ ପଞ୍ଜୀକରଣ କରିବାର ସମୟସୀମା ଆସନ୍ତା ମାର୍ଚ୍ଚ ୩୧ ତାରିଖ ଧାର୍ଯ୍ୟ କରାଯାଇଛି।

ସେପଟେ ପୂର୍ବରୁ ବି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ଦୁର୍ନୀତିକୁ ନେଇ ପୂର୍ବ ସରକାରକୁ ଘେରିଥିଲେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ। ଗତ ସରକାରରେ ଆବାସ ବଣ୍ଟନରେ ପାତର ଅନ୍ତର ହେଉଥିଲା। ଲୋକଙ୍କ ନାଁ ପଞ୍ଜୀକରଣ ହେଉଥିଲା କିନ୍ତୁ ଲୋକେ ଘର ପାଉନଥିଲେ ବୋଲି ମନ୍ତ୍ରୀ କହିଥିଲେ। ମୋହନ ମାଝୀଙ୍କ ସରକାର ନୂଆ। ଯୋଜନା ଅନ୍ତୋଦୟ ଗୃହ ଯୋଜନା ଆଣିଛନ୍ତି। ସବୁ ଲୋକଙ୍କ ପକ୍କା ଘର ସ୍ୱପ୍ନ ପୂରଣ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ ଫପାଖାପାଖି ୬ ଲକ୍ଷ ଲୋକଙ୍କ ତାଲିକା ପ୍ରସ୍ତୁତ ହୋଇଛି। ତାହା ଛଡା ଯେଉଁମାନେ ରହିଯିବେ ସେମାନଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରାଯିବ ବୋଲି ଗତ ୯ ତାରିଖରେ ମନ୍ତ୍ରୀ କହିଥିଲେ। ଆଜି ଗୃହରେ ଆବାସକୁ ନେଇ ଦେଇଥିବା ତଥ୍ୟ ଆସିବା ପରେ ଏବେ ସବୁ ଯୋଗ୍ୟ ହିତାଧିକାରୀଙ୍କୁ ଘର ମିଳିବ ବୋଲି ଆଶା ରହିଛି।

# ଆଜିଠୁ ଆରମ୍ଭ ହେବ ସୁଭଦ୍ରା ଶକ୍ତି ମେଳା



ଭୁବନେଶ୍ୱର, ୨୧।୨(ନି.ପ୍ର.): ସୁଭଦ୍ରା ଯୋଜନା ପରେ ମହିଳାମାନଙ୍କ ପାଇଁ ସୁଭଦ୍ରା ଶକ୍ତି ମେଳାର ଆୟୋଜନ କରୁଛନ୍ତି ରାଜ୍ୟ ସରକାର। ଏହି ମେଳାରେ ମିଶନ ଶକ୍ତି ମାଆମାନେ ଯୋଗ ଦେବେ। ବର୍ତ୍ତମାନ ସୁଦ୍ଧା ଏହି ମେଳାର ନାମ ସୁଭଦ୍ରା ଶକ୍ତି ମେଳା ରଖାଯାଇଛି। ଏହି ମେଳାରେ ମିଶନ ଶକ୍ତିର ନାମ ପରିବର୍ତ୍ତନ କରାଯାଇନି। ଆସନ୍ତାକାଲିଠୁ ଆରମ୍ଭ ହେବ ସୁଭଦ୍ରା ଶକ୍ତି ମେଳା ୨୦୨୫। ଏନେଇ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି।

ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ ଏବଂ ଉତ୍ପାଦକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରଦତ୍ତ ସାମଗ୍ରୀର ପ୍ରଦର୍ଶନୀ ଓ ବିକ୍ରି ହେବ। ମାର୍ଚ୍ଚ ୨ ଯାଏଁ ନଅ ଦିନ ଧରି ଚାଲିବ ଏହି ପ୍ରଦର୍ଶନୀ। ହସ୍ତଶିଳ୍ପ, ଟେରାକୋଟା, ବାଉଁଶ ଶିଳ୍ପ, ହସ୍ତତନ୍ତ ଏବଂ ଘରୋଇ ଆବଶ୍ୟକୀୟ ସାମଗ୍ରୀ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସାମଗ୍ରୀ ବିକ୍ରୀ ହେବ। ମିଲେଟ୍ ଭିତ୍ତିକ ଖାଦ୍ୟ ସହ ମହିଳାଙ୍କ ହାତ ତିଆରି ଖାଦ୍ୟ ପଦାର୍ଥ ଖାଇବାକୁ ମିଳିବ। ଏହା ସହ ରାଜ୍ୟବ୍ୟାପୀ ଅଂଶଗ୍ରହଣ ଓ ସମସ୍ତଙ୍କ ନିକଟରେ ପହଞ୍ଚିବା ପାଇଁ ଆଞ୍ଚଳିକ ମେଳା ଆୟୋଜିତ ହେବ।

ସେ କହିଛନ୍ତି, ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ ଏବଂ ଉତ୍ପାଦକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରଦତ୍ତ ସାମଗ୍ରୀର ପ୍ରଦର୍ଶନୀ ଓ ବିକ୍ରି ହେବ। ମାର୍ଚ୍ଚ ୨ ଯାଏଁ ନଅ ଦିନ ଧରି ଚାଲିବ ଏହି ପ୍ରଦର୍ଶନୀୟ ହସ୍ତଶିଳ୍ପ, ଟେରାକୋଟା, ବାଉଁଶ ଶିଳ୍ପ, ହସ୍ତତନ୍ତ ଏବଂ ଘରୋଇ ଆବଶ୍ୟକୀୟ ସାମଗ୍ରୀ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସାମଗ୍ରୀ ବିକ୍ରୀ ହେବ ୟ ମିଲେଟ୍ ଭିତ୍ତିକ ଖାଦ୍ୟ ସହ ମହିଳାଙ୍କ ହାତ ତିଆରି ଖାଦ୍ୟ ପଦାର୍ଥ ଖାଇବାକୁ ମିଳିବ। ଏହା ସହ ରାଜ୍ୟବ୍ୟାପୀ ଅଂଶଗ୍ରହଣ ଓ ସମସ୍ତଙ୍କ ନିକଟରେ ପହଞ୍ଚିବା ପାଇଁ ଆଞ୍ଚଳିକ ମେଳା ଆୟୋଜିତ ହେବ।

# ଦକ୍ଷିଣ ଓଡ଼ିଶାରେ ବୃଦ୍ଧି ପାଇବ ରେଳ ସଂଯୋଗ

## ପ୍ରମୁଖ ରେଳ ଭିତ୍ତିଭୂମି ପ୍ରକଳ୍ପ ରେଳ ମନ୍ତ୍ରଣାଳୟ ଦ୍ୱାରା ମଞ୍ଜୁର

ଭୁବନେଶ୍ୱର, ୨୧।୨(ନି.ପ୍ର.): ଦକ୍ଷିଣ ଓଡ଼ିଶାର ସଂଯୋଗ ଏବଂ ଅର୍ଥନୈତିକ ସମ୍ଭାବନାକୁ ପରିବର୍ତ୍ତନ କରିବା ପାଇଁ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ରେଳ ମନ୍ତ୍ରଣାଳୟ ଏହି ଅଞ୍ଚଳର ପରିବହନ ନେଟୱାର୍କକୁ ବୃଦ୍ଧି କରିବା, ଲଜିଷ୍ଟିକ୍ ଖର୍ଚ୍ଚ ହ୍ରାସ କରିବା ଏବଂ ଆର୍ଥିକ ଅଭିବୃଦ୍ଧିରେ ବିକାଶ ପାଇଁ ଅନେକ ପ୍ରମୁଖ ରେଳ ଭିତ୍ତିଭୂମି ପ୍ରକଳ୍ପକୁ ମଞ୍ଜୁର କରିଛି।

ଅନୁମୋଦିତ ପ୍ରମୁଖ ପ୍ରକଳ୍ପଗୁଡ଼ିକ ମଧ୍ୟରେ ୨୫୦ କିଲୋମିଟର ଦୈର୍ଘ୍ୟ ଗୋପାଳପୁର-ରାୟଗଡା ନୂତନ ରେଳ ଲାଇନ ସହିତ ନୌପଡା-ଗୁଣୁପୁର-ଥେରୁବାଲି ରେଳ ଲାଇନର ଦୋହରୀକରଣ ଅନ୍ତର୍ଭୁକ୍ତ। ଏହି ପଦକ୍ଷେପଗୁଡ଼ିକ ଓଡ଼ିଶାର ଦୁର୍ଗମ ଅଞ୍ଚଳଗୁଡ଼ିକ ମଧ୍ୟରେ ସଂଯୋଗ ବୃଦ୍ଧି କରିବା ପାଇଁ ପ୍ରୟାସ କରାଯାଇଛି, ଯାହା ଦ୍ୱାରା ସାମଗ୍ରୀ ପରିବହନ ଏବଂ ଯାତାୟାତ ସେବାର ସୁଗମ ପରିବହନ ସମ୍ଭବ ହୋଇପାରିବ। ଉପରୋକ୍ତ ଦୁଇଟି ପ୍ରକଳ୍ପ ପାଇଁ ୧୧ ଫେବୃଆରୀ ୨୦୨୫ ରେ ଫାଇନାଲ ଲୋକେସନ ସର୍ଭେ (ଏଫଏଲଏସ୍) ପାଇଁ "୯.୬୫ କୋଟି ମଞ୍ଜୁର କରାଯାଇଛି।

ଏହା ବ୍ୟତୀତ, ଗୁଣୁପୁର-ଥେରୁବାଲି ନୂତନ ରେଳ ଲାଇନ (୭୩.୬୨ କିଲୋମିଟର) କୁ ୨୧ ଅଗଷ୍ଟ ୨୦୨୪ ରେ ମଞ୍ଜୁର କରାଯାଇଛି। ଏହି "୧,୩୨୬ କୋଟି ଟଙ୍କାର ପ୍ରକଳ୍ପ ଗୁଣୁପୁର ଏବଂ ଥେରୁବାଲିକୁ ସଂଯୋଗ କରିବ, ଯାହା ରାୟଗଡା ଜିଲ୍ଲାକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ଲାଭ ପ୍ରଦାନ କରିବ। ଏହି ପ୍ରକଳ୍ପଟି ପାଞ୍ଚ ବର୍ଷ ମଧ୍ୟରେ ସମାପ୍ତ ହେବାକୁ ଯାଉଛି, ଯାହା ପାଇଁ ୪୭୩.୭୮ ହେକ୍ଟର ଜମି ଅଧିଗ୍ରହଣ କରାଯିବ ଯାହା ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଛି।

ଗୋପାଳପୁର-ରାୟଗଡା ନୂତନ ରେଳ ଲାଇନ ଏବଂ ଗୁଣୁପୁର-ଥେରୁବାଲି ରେଳ ଲାଇନ ପ୍ରକଳ୍ପଗୁଡ଼ିକ ରାଜ୍ୟର ଦକ୍ଷିଣ ଅଞ୍ଚଳ ମାନଙ୍କରେ ପରିବହନ ଦକ୍ଷତା ବୃଦ୍ଧି ଏବଂ ଲଜିଷ୍ଟିକ୍ ଖର୍ଚ୍ଚ ହ୍ରାସ କରି ପ୍ରଚୁର ଆର୍ଥିକ ଲାଭ ଆଣିବ। ନୂତନ ରେଳ ଲାଇନ କୃଷି ଉତ୍ପାଦ ଏବଂ ଖଣିଜ ପଦାର୍ଥ ସମେତ ଅତ୍ୟାବଶ୍ୟକୀୟ ସାମଗ୍ରୀର ସୁଗମ ପରିବହନକୁ ସହଜ କରିବ। ଏହା ପରିବହନ ଖର୍ଚ୍ଚ ହ୍ରାସ କରିବ, ଯୋଗାଣ ଶୃଙ୍ଖଳ ଦକ୍ଷତା ବୃଦ୍ଧି କରିବ ଏବଂ ସ୍ଥାୟୀ, ଶକ୍ତି-ଦକ୍ଷ ପରିବହନକୁ ପ୍ରୋତ୍ସାହିତ କରି ଭାରତର କାର୍ବନ ନିର୍ଗମନ ହ୍ରାସ କରିବାର ଜାତୀୟ ଲକ୍ଷ୍ୟରେ ଯୋଗଦାନ ଦେବ ବୋଲି ଆଶା କରାଯାଉଛି।

ଗୁଣୁପୁର-ଥେରୁବାଲି ନୂତନ ରେଳ ଲାଇନ ପ୍ରକଳ୍ପରେ ସାତଟି ନୂତନ ଷ୍ଟେସନର ବିକାଶ ଦ୍ୱାରା ଆକାଂକ୍ଷୀ ରାୟଗଡା ଜିଲ୍ଲା ସମେତ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ଯାତାୟାତ ଉନ୍ନତ ହେବ, ଯାହା ଫଳରେ ବାଣିଜ୍ୟ, ନିଯୁକ୍ତି ଏବଂ ଆଞ୍ଚଳିକ ଅଭିବୃଦ୍ଧି ପାଇଁ ନୂତନ ସୁଯୋଗ ସୃଷ୍ଟି ହେବ। ଗୁଣୁପୁର-ଥେରୁବାଲି ନୂତନ ରେଳ ଲାଇନ ପ୍ରକଳ୍ପ ଭାରତୀୟ ରେଳବାଇ ଅଧୀନରେ ଶକ୍ତି, ଖଣିଜ ଏବଂ ସିମେଣ୍ଟ କରିଡରର ଏକ ଅତ୍ୟାବଶ୍ୟକ ଅଂଶ, ଯାହା ଆଞ୍ଚଳିକ ଏବଂ ଜାତୀୟ ଅର୍ଥନୀତିକୁ ଆହୁରି ଉନ୍ନତ କରିବା ଏବଂ ସାରା ଦେଶରେ ଅନ୍ତର୍ଭୁକ୍ତ ଅଭିବୃଦ୍ଧିକୁ ଚଲାଇବା ପାଇଁ ପ୍ରୟାସ କରାଯାଇଛି।ଏହି ପ୍ରକଳ୍ପଗୁଡ଼ିକର ନିର୍ମାଣ ପର୍ଯ୍ୟାୟ ସ୍ଥାନୀୟ ଅର୍ଥନୀତିକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ପ୍ରଦାନ କରି ଯଥେଷ୍ଟ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରତିଷ୍ଠା ସହିତ, ପ୍ରକଳ୍ପଗୁଡ଼ିକ ଓଡ଼ିଶାର ରେଳ ସଂଯୋଗୀକରଣକୁ ବୃଦ୍ଧି କରିବା ସହ ଏହି ଅଞ୍ଚଳର ବର୍ଦ୍ଧିତ ଆର୍ଥିକ ଆବଶ୍ୟକତାକୁ ସମର୍ଥନ କରିବା ପାଇଁ ଅତ୍ୟାବଶ୍ୟକ ଭିତ୍ତିଭୂମି ପ୍ରଦାନ କରିବା ପାଇଁ ସରକାରଙ୍କ ବ୍ୟାପକ ଦୃଷ୍ଟିକୋଣ ସହିତ ସମନ୍ୱିତ ରକ୍ଷା କରିବ।ଦକ୍ଷିଣ ଓଡ଼ିଶାରେ ପ୍ରସ୍ତାବିତ ରେଳ ଲାଇନଗୁଡ଼ିକ ଦକ୍ଷିଣ ଓଡ଼ିଶାରେ ଶିଳ୍ପଗୁଡ଼ିକୁ ପ୍ରମୁଖ ସାମଗ୍ରୀ ପରିବହନକୁ ସମର୍ଥନ କରିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସଂଯୋଗୀକରଣକୁ ବୃଦ୍ଧି କରି ଏହି ପ୍ରକଳ୍ପ ଶିଳ୍ପ ଅଭିବୃଦ୍ଧିକୁ ଆଗେଇ ନେବ, ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବ ଏବଂ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀର ଦ୍ରୁତ ଏବଂ ଅଧିକ ଦକ୍ଷ ପରିବହନକୁ ସକ୍ଷମ କରିବ। ଏହି ପ୍ରକଳ୍ପ ଉନ୍ନତ ଭିତ୍ତିଭୂମି ମାଧ୍ୟମରେ ଆତ୍ମନିର୍ଭରଶୀଳ, ସମୃଦ୍ଧ ସମ୍ପ୍ରଦାୟକୁ ପ୍ରୋତ୍ସାହିତ କରି ଏକ ଆତ୍ମନିର୍ଭର ଭାରତ (ସ୍ୱୟଂନିର୍ଭର ଭାରତ) ସରକାରଙ୍କ ଦୃଷ୍ଟିକୋଣ ସହିତ ସମନ୍ୱିତ ରକ୍ଷା କରିବ। ଏହା ଦକ୍ଷିଣ ଓଡ଼ିଶାରେ ଶିଳ୍ପ କାର୍ଯ୍ୟକଳାପ, ବାଣିଜ୍ୟ ଏବଂ ନିଯୁକ୍ତି ସୁଯୋଗକୁ ବୃଦ୍ଧି କରି ଆର୍ଥିକ ବିକାଶକୁ ସହଜ କରିବ ଯାହା ଦ୍ୱାରା ଭାରତର ବ୍ୟାପକ ସାମାଜିକ-ଆର୍ଥିକ ଲକ୍ଷ୍ୟରେ ଯୋଗଦାନ ଦେବ।



# କିଟ୍ ୟୁନିର୍ଭସିଟି ଫାଉଣ୍ଡର ଅଚ୍ୟୁତ ସାମନ୍ତ, କୁଳପତି କିଟ୍ ୟୁନିଭରସିଟି ଓ କୁଳ ସଚିବ କିଟକୁ ଗରିଫ କରିବା ଦାବିରେ ଯୁବ କଂଗ୍ରେସର ଭୁବନେଶ୍ୱର ଡିସିପିଙ୍କୁ ଦାବି ପତ୍ର



ଭୁବନେଶ୍ୱର,୨୧।୨:କିଟ୍ ୟୁନର୍ଭସିଟି କର୍ତୃପକ୍ଷଙ୍କୁ ବାରମ୍ବାର ଏକ ଛାତ୍ରୀ ଗୁହାରୀ କରିଥିଲେ ମଧ କୌଣସି କର୍ଣ୍ଣପାତ କରିନଥିବାରୁ ଏକ ନିରିହ ଛାତ୍ରୀର ଜୀବନ ଗଲା। ଯଦି ଫାଉଣ୍ଡର ଅଚ୍ୟୁତ ସାମନ୍ତ, କୁଳପତି ଓ କୁଳସଚିବ ଠିକ୍ ସମୟରେ ନିଷ୍ପତି ନେଇଥାଆନ୍ତେ ତାହାହେଲେ ସେ ଛାତ୍ରୀର ଜୀବନ ବଂଚି ଯାଇଥାନ୍ତା। ଛାତ୍ରୀର ମୃତ୍ୟୁପରେ ଛାତ୍ର ଆନ୍ଦୋଳନ ହେବା ଏକ ସ୍ୱାଭାବିକ କଥା କିନ୍ତୁ କିଟ କତୃପକ୍ଷ ସେ ପରିସ୍ଥିତି କୁ ଠିକ ଭାବରେ ପରିଚାଳନା ନ କରି ଛାତ୍ର ଓ ଛାତ୍ରୀମାନଙ୍କୁ ଧମକ ଦେବା ଓ ମାଡ଼ମାରିବା ଘଟଣାକୁ ଯୁବ କଂଗ୍ରେସ ପକ୍ଷରୁ ଦୃଢ଼ ଭାବରେ ନିନ୍ଦା କରାଯାଉଛି ବୋଲି ରାଜ୍ୟ ଯୁବ କଂଗ୍ରେସ ନେତା ଶ୍ରୀ ରଣଜିତ ପାତ୍ର କହିଛନ୍ତି। ଶ୍ରୀ ପାତ୍ରଙ୍କ ନେତୃତ୍ୱରେ ଯୁବ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ଡିସିପିଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଅଚ୍ୟୁତ ସାମନ୍ତଙ୍କୁ ତୁରନ୍ତ ଗିରଫ କରିବାପାଇଁ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବି ପତ୍ରରେ ଶ୍ରୀ ପାତ୍ର ଉଲ୍ଲେଖ କରିଛନ୍ତି ଯେ, ବଡ଼ ଘଟଣାଟି ହେଲା ଅଚ୍ୟୁତ ସାମନ୍ତଙ୍କର ନିର୍ଦ୍ଦେଶରେ କିଟ୍‌ରେ ପତ୍ର ବି ହଲେନି। ଏଥିରୁ ସ୍ପଷ୍ଟ ଜଣା ପଡୁଛି ଏ ସବୁ ଘଟଣା ପଛରେ ଅଚ୍ୟୁତ ସାମନ୍ତଙ୍କର ହାତ ଅଛି ତେଣୁ ତୁରନ୍ତ ତାଙ୍କୁ ଗିରିଫ କରାଯାଉ। କିଟ୍ କର୍ତୃପକ୍ଷ ଜାଣିସୁଣି ସକାଳେ ସାଇନ୍‌ଡାଏ ଘୋଷଣା କରି ନେପାଳର ଛାତ୍ର ଓ ଛାତ୍ରୀ ମାନଙ୍କୁ କ୍ୟାମ୍ପସରୁ ବାହାର କରିବା ଦ୍ୱାରା ନେପାଳ ଓ ଭାରତର ସମ୍ପର୍କ ଖରାପ ହୋଇଛି। ଦୁଇଜଣ ମହିଳା ନେପାଳ ଦେଶକୁ ଆକ୍ଷେପ କରି ଯେଉଁଭଳି ମନ୍ତବ୍ୟ ଦେଇଛନ୍ତି ତାଙ୍କ ବିରୁଦ୍ଧରେ ଦେଶଦ୍ରୋହ ମାମଲା ରୁଜୁ କରି ଗିରଫ କରିବା ପାଇଁ ଦାବି କରିଛନ୍ତି।ଏହି ଗୋଟିଏ ଘଟଣା ନୁହେଁ ଇଡକୋ ଜମି, ଜଙ୍ଗଲକିଷମ ଜମି ଓ କିଛି ସାଧାରଣ ଲୋକଙ୍କ ଜମି ମାଡ଼ିବସି ଗୁଣ୍ଡା ଲଗାଇ ଜମି ମାଲିକଙ୍କୁ ଧମକ ମଧ୍ୟ ସାମନ୍ତ ଦୀର୍ଘଦିନ ଧରି ଦେଇଆସୁଛନ୍ତି। ନୀୟମ ଦୃଷ୍ଟିରୁ ତାଙ୍କ ବିରୁଦ୍ଧରେ ମାମଲା ରୁଜୁ ହେବା କଥା। ବିଜେପି ସରକାର ଏକ କମିଟି ଗଠନ କରି ସାମନ୍ତଙ୍କୁ ଖସାଇ ଦେବାକୁ ବସିଛନ୍ତି। ବଡ଼ କଥା ହେଲା ଯେ ଛାତ୍ର ରାଜନୀତିରୁ ଆସିଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ପର୍ଯ୍ୟନ୍ତ ଚୁପ କାହିଁକି ? ତାଙ୍କର ଛାତ୍ର ମାନଙ୍କ ପ୍ରତି ବୈମାତୃକ ମନୋଭାବ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିରୁ ସ୍ୱଷ୍ଟ ଅନୁମେୟ ଅଚ୍ୟୁତ ସାମନ୍ତଙ୍କୁ ବିଜେପି ସରକାର ସୁରକ୍ଷା ଯୋଗାଉଛି। ମୁଖ୍ୟମନ୍ତ୍ରୀ କଣପାଇଁ ଚୁପ ବସିଛନ୍ତି ଏହା ମଧ ପ୍ରଶ୍ନବାଚୀ। ଆମର ଦାବୀ ଏକ ନ୍ୟାୟକି ତଦନ୍ତ ହେବା ସହିତ କିଟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କୁଳପତି ଏବଂ କୁଳ ସଚିବଙ୍କୁ ତୁରନ୍ତ ଗରିଫ କରାନଗଲେ ଯୁବ କଂଗ୍ରେସ ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯିବ ସହିତ ରାଜ୍ୟବ୍ୟାପି ଆନ୍ଦୋଳନ କରାଯିବ। ଆଜିର ଏହି ପ୍ରତିନିଧି ମଣ୍ଡଳୀରେ ଶ୍ରୀ ପାତ୍ରଙ୍କ ସହ ଭୁବନେଶ୍ୱର ଲୋକସଭା ପ୍ରାର୍ଥୀ ୟାସିର ନୱାଜ, ସୁଦିପ ସାମଲ, ମନୋଜ ବିଶ୍ୱାଳ, ନିହାର ରଞ୍ଜନ ବେହେରା, ମହମ୍ମଦ ଗୁଲଫାମ, ଗୋପନ ମାର୍ଥା, ମହମ୍ମଦ ପରଭେଜ, ସ୍ୱାଗତ କର, ସତ୍ୟଜିତ ପଟ୍ଟନାୟକ, କେଦାର ଦଳାଇ, ସ୍ପନ୍ଦନ ସ୍ୱାଇଁ, ଶ୍ରୀୟାସ୍ମିତା ପଣ୍ଡା, ଶିଳ୍ପଶ୍ରୀ ହରିଚନ୍ଦନ, ସୌମ୍ୟ ବରାଳ, ରାଜେଶ ଦାଶ, ବଳରାମ ନାୟକ, ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷ୍ୟାକେନ୍ଦ୍ରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ନୂଆଗାଁ,୨୧।୨:ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ବାହାଡ଼ାଝୋଲା ପଂଚାୟତର ବାହାଡ଼ାଝୋଲା ଠାରେ ୧୯୯୮ ମସିହାରୁ ସ୍ଥାପିତ ଅଞ୍ଚଳର ଏକମାତ୍ର ଭରସା ଯୋଗ୍ୟ ଶିକ୍ଷା ଅନୁଷ୍ଠାନ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ୨୦୨୫-୨୦୨୬ ଅନୁଷ୍ଠିତ ହୋଇଯାଇଛି। ସୁଚନା ମୁତାବକ ନୂଆଗାଁ ବ୍ଲକ ଅନ୍ତର୍ଗତ ବାହାଡ଼ା ଝୋଲା ପଂଚାୟତର ଆଖପାଖ ହରିପୁର, ବେରୁଆବାରୀ,ସିଙ୍ଗାରପଲ୍ଲୀ ଓ କାପ୍ତାପଲ୍ଲୀ ପ୍ରଭୃତି ପଂଚାୟତର କୁନି କୁନି ପିଲାମାନଙ୍କୁ ପ୍ରାଥମିକ ଶିକ୍ଷା ଓ ନୈତିକ ଶିକ୍ଷା ପ୍ରଦାନ ର ଏକମାତ୍ର ଭରସା ଯୋଗ୍ୟ ଶିକ୍ଷ୍ୟା ଅନୁଷ୍ଠାନ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ବାହାଡ଼ାଝୋଲା ର ବାର୍ଷିକ ଉତ୍ସବ ଗୁରୁବାର ତା ୨୦/୦୨/୨୦୨୫ ରିଖ ରେ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଥିଲା । ଏଥିନେଇ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବାହାଡ଼ାଝୋଲା ହାଇସ୍କୁଲ ର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପିନାଥ ସାହୁ, ମୁଖ୍ୟ ବକ୍ତା ଭାବେ,ଦଧିବାମନ ଜୀଉ +୨ ମହାବିଦ୍ୟାଳୟ, ବାହାଡ଼ାଝୋଲା ର ଅଧ୍ୟାପକ ସର୍ବେଶ୍ୱର ସାହୁ ଯୋଗ ଦେଇଥିବା ବେଳେ,ସମ୍ମାନିତ ଅତିଥି ଭାବେ ନୂଆଗାଁ ବ୍ଲକ ଶିକ୍ଷା ଅଧିକାରୀ ଭକ୍ତି ବିନୋଦ ସଲ, ବେରୁଆବାରୀ ପଞ୍ଚାୟତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଲୋକନାଥ ପଣ୍ଡା, ଅବସର ପ୍ରାପ୍ତ ଶିକ୍ଷକ ତଥା ବାହାଡ଼ାଝୋଲା ଆଞ୍ଚଳିକ ବିକାଶ ପରିଷଦର ସଭାପତି ନାରାୟଣ ବେହେରା , ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ର ନୟାଗଡ଼ ଜିଲ୍ଲା ସଂଗଠକ ସନାତନ ଲେଙ୍କା,ଜିଲ୍ଲା ଆବାହକ, ବିଜୟ କୁମାର ଦଳବେହେରାଜିଲ୍ଲା ଗବେଷଣା ଦଶକର୍ମ ଧାରା ଆବାହକ, ସନ୍ତୋଷ କୁମାର ସାହୁ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ବାହାଡ଼ାଝୋଲା ର ପ୍ରତିଷ୍ଠାତା ତଥା ସଭାପତି ବିନୋଦ କୁମାର ସାହୁ ଉପସ୍ଥିତ ଥିଲେ । ଏହି ବାର୍ଷିକ ଉତ୍ସବ ପାଳନ ଅବସରରେ ଅତିଥି ମାନେ ଶିକ୍ଷା କେନ୍ଦ୍ର ୧୨୦ ରୁ ଉର୍ଦ୍ଧ୍ୱ କୁନି କୁନି ଛାତ୍ରଛାତ୍ରୀ କୁ ପୁରସ୍କାର ପ୍ରଦାନ କରିଥିଲେ । ଶିକ୍ଷା କେନ୍ଦ୍ର ର କୁନି କୁନି ଛାତ୍ରଛାତ୍ରୀ ମାନେ ବିଭିନ୍ନ ନାଚ,ଗୀତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସୁଖ ସାତପର ଦୁଃଖ ନିଜର ନାଟକ ପରିବେଷଣ କରିଥିଲେ । ଯାହାକୁ କି ଉପସ୍ଥିତ ଛାତ୍ର ଛାତ୍ରୀ,ଅଭିଭାବକ ଓ ଦର୍ଶକ ମାନେ ଉତ୍ସାହର ସହିତ ଉପଭୋଗ କରିଥିଲେ । ଯୁବ ଆଇନଜୀବୀ ଯୁଧିଷ୍ଠିର ସାହୁ ସମସ୍ତ କାର୍ଯ୍ୟକ୍ରମ କୁ ସୁରୁରୁ ରୁପେ ପରିଚାଳନା କରିଥିଲେ ।

# ଗୁରୁବାର ଦିନିକିଆ ଅନୁଗୁଳ ଗସ୍ତରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର

ଅନୁଗୁଳ,୨୧।୨:ଶ୍ରୀମତୀ ଠାକୁର ଗୁରୁବାର ଆସି ତୁରଙ୍ଗ ଅଙ୍ଗନବାଡ଼ି କେନ୍ଦ୍ର, ଉତ୍କଳ ବାଳାଶ୍ରମ ଓ ଶକ୍ତି ସଦନ ଯାଇ ଭାବ ବିନିମୟ କରିଥିଲେ । ସନ୍ଧ୍ୟାରେ ସର୍କିଟ୍ ହାଉସରେ ଏକ ସମୀକ୍ଷା ବୈଠକ କରିଥିଲେ । ମହିଳା ଓ ଶିଶୁମାନଙ୍କ ପାଇଁ ଜିଲ୍ଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ନେଇ ସେ ପଚାରି ବୁଝିବା ସହ ଏଗୁଡ଼ିକର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେଇଥିଲେ ମନ୍ତ୍ରୀ। ଏଥିସହ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ସଶକ୍ତି କରିବା ଓ ଏଠାରେ ପିଲାଙ୍କୁ ସବୁ ପ୍ରକାର ସୁବିଧା ସୁନିଶ୍ଚିତ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମହିଳାଙ୍କ ପ୍ରତି ବଢୁଥିବା ହିଂସା ରୋକିବା, ମହିଳାହିଂସା ମାମଲାଗୁଡ଼ିକର ତୁରନ୍ତ ଫଇସଲା କରିବା




ନେଇ ଆଲୋଚନା କରାଯାଇଥିଲା ।ଏ ଅବସରରେ ମନ୍ତ୍ରୀଙ୍କୁ ତାଳଚେରରେ କର୍ମଜୀବୀ ମହିଳାହଷ୍ଟେଲ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଅନୁରୋଧକରାଯାଇଥିଲା । ସମୀକ୍ଷା ବୈଠକରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଅନୁଗୁଳ ବିଧାୟକ ପ୍ରତାପ ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତିବେହେରା, ଜିଲ୍ଲାପାଳ ଅବଦଲ ଏମ ଅଖତାର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଉପଜିଲ୍ଲାପାଳ ମାୟାଧର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ବୃତ୍ତି ଲୋକାର୍ପଣ ମହୋତ୍ସବ

ଚିକିଟି,୨୧।୨:ଚିକିଟି ବ୍ଲକ ଅନ୍ତର୍ଗତ ପତି ଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପତି ଗୋବିନ୍ଦପୁର ବାସିନ୍ଦା ଭାରତୀୟ ଆକାଶ ବାହୀନି ଅବସରପ୍ରାପ୍ତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପତି ନିଜ ପିତାମାତା ସ୍ୱର୍ଗତ ରାଘବ ପତି ଓ କେତକୀ ପତିଙ୍କ ସ୍ମୃତିରେ କିଛି ଜମାରାଶି ପ୍ରଦାନ କରିଛନ୍ତି । ଏହି ଜମା ସୁଧରେ ବିଦ୍ୟାଳୟରୁ ଅଷ୍ଟମ ଶ୍ରେଣୀ ପ୍ରଥମ ସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହୋଇଥିବା କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯିବ । ସେହିପରି ଅବସର ପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ବୃନ୍ଦାବନ ପ୍ରଧାନ ସ୍ୱପିତା ସ୍ୱର୍ଗତ ନିରାକାର ପ୍ରଧାନଙ୍କ ସ୍ମୃତିରେ ବଡ କେଳାଝୁରି ଉଚ୍ଚ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ କୃତି ଛାତ୍ରଛାତ୍ରୀଙ୍କ ପାଇଁ ଦଶ ହଜାର ଟଙ୍କା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ବସନ୍ତ ପଣ୍ଡା, ଏବିଇଓ ନିଗମାନନ୍ଦ ପଣ୍ଡା, ତ୍ରିନାଥ ମଲିକ, ସୀମାଞ୍ଚଳ ପଣ୍ଡା ମୁଖ୍ୟ ବକ୍ତା ଭାବେ ମାନସ କସ୍ତୁରୀ ଗଣେଷ ପ୍ରସାଦ ପଣ୍ଡା ଉପସ୍ଥିତ ହୋଇ ସର୍ବଶିକ୍ଷା ଅଭିଯାନର ଯସଗାନ କରିବା ସହ ଦାନକର୍ତ୍ତାଙ୍କୁ ଭୂୟସୀ ପ୍ରଂଶସା କରିଥିଲେ ।

# ଦୀର୍ଘ ଦିନର ଆଶା ପୂରିଲା, ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କଲେ ଅଞ୍ଚଳବାସୀ

ଗଣିଆ,୨୧।୨: ଅଞ୍ଚଳବାସୀଙ୍କର ଦୀର୍ଘ ଦିନର ଆଶା ପୂରଣ ହୋଇଛି । ଆଜି ସେହି ବାଟ ଦେଇ ଯିଏ ବି ଯାଉଛି ଧନ୍ୟବାଦ ନଦେଇ ରହିପାରୁନି । ବିଶେଷକରି ଗଣିଆ। ସରପଞ୍ଚ ଗିରିଧାରୀ ସେଠୀ ଏବଂ ସମିତି ସଭ୍ୟ ଫକୀର ମୋହନ ଡାକୁଆ। ବିଧାୟକଙ୍କୁ ଆନ୍ତରିକ କୃତଜ୍ଞତା ଏବଂ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ଗଣିଆରେ ଥିବା ହାଟ ପଡ଼ିଆରେ ଦୀର୍ଘ ଦିନ ହେବ ଲାଇଟ୍ ଲାଗିବା ପାଇଁ ଦାବି ହୋଇ ଆସୁଥିଲା । ଗଣିଆ। ବଜାର ଉପରେ ଥିବା ହାଟ ପଡ଼ିଆ। ଦେଇ ସନ୍ଧ୍ୟା ସମୟରେ ଯାତାୟାତ କରିବା ଅସମ୍ଭବ ହୋଇପଡୁଥିଲା । ମହିଳାଙ୍କ ଠାରୁ ଆରମ୍ଭ କରି ପୁରୁଷ ମାନେ ସନ୍ଧ୍ୟାରେ ଏହି ବାଟ ଦେଇ ଯିବାକୁ ନିଜକୁ ସୁରକ୍ଷିତ ମଣୁ ନଥିଲେ । କିଟିକିଟି ଅନ୍ଧାରରେ ଅନେକ ଅନୈତିକ କାର୍ଯ୍ୟଠାରୁ ଆରମ୍ଭ କରି ମଦୁଆଙ୍କ ଆଡ୍ଡାସ୍ଥଳୀ ପାଲଟିଥିଲା ହାଟ ପଡ଼ିଆ। । ତେବେ ବିଧାୟକ ରମେଶ ଚନ୍ଦ୍ର ବେହେରା ତାଙ୍କ ହାତ ପାଣ୍ଠିରୁ ୩ ଲକ୍ଷ ଟଙ୍କା ପ୍ରଦାନ ପ୍ରଦାନ କରିଥିବା ବେଳେ ଆଜି ଗଣିଆ। ହାଟ



ପଡିଆରେ ହାଇମାକ୍ସ ଲାଇଟ୍ ଲାଗିଥିବା ଜଣାପଡିଛି । ଅଞ୍ଚଳବାସୀ ଦୀର୍ଘ ଦିନ ଧରି ହାଟ ପଡ଼ିଆରେ ଲାଇଟ୍ ଲାଗିବା ପାଇଁ ଦାବି କରି ଆସୁଥିବାବେଳେ ବିଧାୟକଙ୍କ ପ୍ରଚେଷ୍ଟାରେ ଏହି ଦାବି ପୂରଣ ହୋଇଥିବାରୁ ବିଧାୟକଙ୍କୁ କୃତଜ୍ଞତାର ସୁଅ ଛୁଟିଛି ।

# ଜଳସମ୍ପଦ ବିଭାଗ ଅଧିନରେ କାର୍ଯ୍ୟ କରୁଥିବା ଅସ୍ଥାୟୀ କର୍ମଚାରୀ ଓ ଛଟେଇ କର୍ମଚାରୀମାନଙ୍କର ଦୁଇ ଦଫା ଦାବି ପୂରଣ ପାଇଁ ଗାନ୍ଧୀମାର୍ଗଠାରେ ଗଣଧାରଣା

ଭୁବନେଶ୍ୱର, ୨୧।୨:ସଂଘର ସର୍ବସମ୍ମତି ନିଷ୍ପତ୍ତି ଅନୁସାରେ ଜଳସମ୍ପଦ ବିଭାଗ ଅଧିନରେ ତା ୧୨.୦୪.୧୯୯୩ରିଖ ପରେ ବିଭିନ୍ନ ଡିଭିଜନ୍ ମାନଙ୍କରେ କାର୍ଯ୍ୟ କରୁଥିବା ଅସ୍ଥାୟୀ କର୍ମଚାରୀ ଓ କାର୍ଯ୍ୟକରି ଛଟେଇ ହୋଇଥିବା କର୍ମଚାରୀମାନଙ୍କ ଦୁଇ ଦଫା ଦାବୀ ପୂରଣ ପାଇଁ ଆଜି ଗାନ୍ଧୀମାର୍ଗ, ଲୋୟର ପିଏମ୍‌ଜି ସମ୍ମୁଖରେ ଗଣଧାରଣା ସଭା ଅନୁଷ୍ଠିତ ହୋଇଯାଇଅଛି । ସଂଘର ଦୁଇଦଫା ଦାବି ଯଥା- (୧)ଜଳସମ୍ପଦ ବିଭାଗ ଅଧିନରେ ତା ୧୨.୪.୧୯୯୩ରିଖ ପରେ



କାର୍ଯ୍ୟ କରି ଆସୁଥିବା ସମସ୍ତ ଅସ୍ଥାୟୀ ଓ ଛଟେଇ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଉ (୨) ତା ୧୨.୪.୧୯୯୩ରିଖ ପରେ କାର୍ଯ୍ୟ କରୁଥିବା ଅସ୍ଥାୟୀ କର୍ମଚାରୀମାନଙ୍କ ଭିତରୁ ଯେଉଁମାନଙ୍କୁ ଛଟେଇ କରାଯାଇଛି, ସେହି କର୍ମଚାରୀମାନଙ୍କୁ ତୁରନ୍ତ କାର୍ଯ୍ୟରେ ନିୟୋଜିତ କରାଯାଉ । ସମାନ କାମକୁ ସମାନ ଦରମା ଦେବା ଅନୁସାରେ ଯେଉଁ କର୍ମଚାରୀମାନେ ଯେଉଁ ଯେଉଁ ପଦବୀରେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ସେହି ପଦବୀର ଦରମା ବା ମଜୁରୀ ପ୍ରଦାନ କରାଯାଉ ଆଦି ଦାବି ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କୁ ଦୁଇ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏହି ଧାରଣା କାର୍ଯ୍ୟକ୍ରମରେ ସଭାପତି ବସନ୍ତ କୁମାର ସାହୁ, ସାଧାରଣ ସମ୍ପାଦକ ମାନସ କୁମାର ଚୌଧୁରୀ, ଚିତ୍ତରଂଜନ ହୋତା, ମଥୁରୀ ସାହୁ, ସରୋଜ କୁମାର ମହାନ୍ତି, ତ୍ରିଲୋଚନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଫେବୃଆରୀ ୨୨ଓ ୨୩ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲା ଗସ୍ତ

ଅନୁଗୁଳ,୨୧।୨: କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କର ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ରହିଛି । ଆସନ୍ତା ଫେବୃଆରୀ ୨୨ ତାରିଖ ଶନିବାର ରାତ୍ରୀ ରେ ଅନୁଗୁଳ ସର୍କିଟହାଉସ ଠାରେ ପହଂଚି ରାତ୍ରୀ ଯାପନ କରିବେ । ଫେବୃଆରୀ ୨୩ ରବିବାର ସକାଳ ସାତ ଟାରେ ଅନୁଗୁଳ ରୁ ବାହାରି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଆସ୍ଥିତି ରେ ସକାଳ ଆଠ ଟାରେ ମା ବନଦୁର୍ଗା ମନ୍ଦିର ରେ ପହଂଚି ଦର୍ଶନ କରିବେ, ସେଠାରୁ ବାହାରି ତଳମୂଳ ଗ୍ରାମରେ ମା କନକ ଦୁର୍ଗା ମନ୍ଦିର ରେ ଦର୍ଶନ କରିବେ, ସେଠାରୁ ଆସି ବନରପାଳ ଅଂଚଳ ର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟର ଭୂମିପୂଜନ କରିବେ । ଦିନ ୧୧ ଟାରେ ଅନୁଗୁଳ ଟାଉନ ହଲ ଠାରେ ପହଂଚି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ମନକି ବାତ ଶୁଣିବାର କାର୍ଯ୍ୟକ୍ରମ ରହିଛି । ଦିନ ୧୧.୪୫ରେ ନିକ୍ଷା ମିତ୍ର ର ଶୁଭ ଉଦଘାଟନ କାର୍ଯ୍ୟକ୍ରମ ରହିଛି । ଦିନ ୩ ଟାରେ ଏମସିଏଲ ର ଆରପିଡ଼ିଏସି ବୈଠକ ରେ ଯୋଗଦେବେୟ ରାତୀରେ ଅନୁଗୁଳ ରୁ ସମ୍ବଲପୁର ଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଜିଲ୍ଲା ମିଡ଼ିଆ। ସେଲ ପକ୍ଷରୁ ସୂଚନା ଦିଆଯାଇଛି ।

# ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଆରମ୍ଭ, ୧୦ କେନ୍ଦ୍ରରେ ୧୭୦୮ ଜଣ ପରୀକ୍ଷାର୍ଥୀ

ବୁଗୁଡା,୨୧।୨:ଶିକ୍ଷା ବର୍ଷ ୨୦୨୪-୨୫ ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇଯାଇଛି । ବୁଗୁଡା ଗୋଷ୍ଠୀ ଶିକ୍ଷାଧକାରୀଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ୨୭ଟି ହାଇସ୍କୁଲର ଫର୍ମ ପୂରଣ କରିଥିବା ମୋଟ ୧୭୪୩ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୭୦୮ ଜଣ ପରୀକ୍ଷା ଦେଇଥିବା ବେଳେ ୩୫ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିବା ଜଣାଯାଇଛି । ତେବେ ପରୀକ୍ଷା କେନ୍ଦ୍ରଗୁଡିକ ମଧ୍ୟରୁ ବୀରଧନଞ୍ଜୟପୁରସ୍ଥ ବୁଦ୍ଧଗିରି ବିଦ୍ୟାପୀଠ କେନ୍ଦ୍ରରେ ସର୍ବାଧିକ ୨୧୬ରୁ ୨୧୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ବୁଗୁଡ଼ା ପିପୁଲ୍ସ ହାଇସ୍କୁଲ କେନ୍ଦ୍ରରେ ୧୯୦ରୁ ୧୮୫ ଜଣ , ବି.କରଡ଼ାବାଡ଼ି ସର୍ଦ୍ଦାର



ଅନ୍ତର୍ଯ୍ୟାମୀ ବିଦ୍ୟାପୀଠ କେନ୍ଦ୍ରରେ ୧୮୫ରୁ ୧୮୩ ଜଣ , ବାଲିପଦର ହାଇସ୍କୁଲ କେନ୍ଦ୍ରରେ ୨୦୦ରୁ ୧୯୮ ଜଣ , ତାଳସାକର ମହାମାୟୀ ହାଇସ୍କୁଲ କେନ୍ଦ୍ରରେ ୧୮୪ରୁ ୧୮୨ ଜଣ , ପଙ୍କଲବାଡି ରିଜିଓନାଲ ଏଗ୍ରିକଲଚର ହାଇସ୍କୁଲ କେନ୍ଦ୍ରରେ ୧୭୭ ରୁ ୧୭୧ ଜଣ , ବୁଗୁଡ଼ା ଶ୍ରୀ ବିରଞ୍ଚି ନାରାୟଣ ଗାର୍ଲସ୍ ହାଇସ୍କୁଲ କେନ୍ଦ୍ରରେ ୧୮୧ରୁ ୧୭୯ ଜଣ , ପୋଚାଲୁଣ୍ଡି ଗ୍ରାମସ୍ଥ ମା କାଳୀ କୃଷକ ହାଇସ୍କୁଲ କେନ୍ଦ୍ରରେ ୧୫୮ ରୁ ୧୫୭ ଜଣ , ମାଣିତରା ରିଜିଓନାଲ ହାଇସ୍କୁଲ କେନ୍ଦ୍ରରେ ୧୩୭ରୁ ୧୩୫ ଜଣ ଏବଂ କରଚୁଲି ଶକୁନ୍ତଳା ବିଦ୍ୟାପୀଠ କେନ୍ଦ୍ରରେ ସର୍ବନିମ୍ନ ୧୧୫ରୁ ୧୦୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ଜଣାପଡ଼ିଛି ।

# ବିଶ୍ୱଶାନ୍ତି ସରୋବରରେ ଆର୍ଟ ଗ୍ୟାଲେରୀ ଉଦଘାଟିତ

ଫୁଲନଖରା, ୨୧।୨:ଫୁଲନଖରା ନିକଟ ତଥା ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ଅନନ୍ତପୁରଠାରେ ଥିବା ବିଶ୍ୱ ଶାନ୍ତି ସରୋବରରେ ଏକ ବୃହତ ଆର୍ଟ ଗ୍ୟାଲେରୀ ଶୁଭ ଉଦଘାଟନ ହୋଇଛି। ଶିବ ଜ୍ୟୋତି ଦର୍ଶନ ଓ ଆଧ୍ୟାତ୍ମିକ ଭବନ ନାମରେ ୩୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଗ୍ୟାଲେରୀକୁ ସାଂସଦ ଭର୍ତ୍ତୃହରି ମହତାବ, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରକାଶ ମିଶ୍ର, ରାଜଯୋଗିନୀ କମଳେଶ ଦିଦି, ଲଣ୍ଡନରୁ ଆସିଥିବା ଡଃ.ଜୟନ୍ତୀ ଦିଦି, ଅଷ୍ଟ୍ରେଲିଆର ଯଶମିନ ଦିଦି, ଦୀପିକା ଜିନ୍ଦଲ, ବ୍ରହ୍ମାକୁମାରୀ ପ୍ରତିଭା ଓ ନଥମଲ ଭାଇ ଅତିଥିରୂପେ ମଞ୍ଚାସୀନ ହୋଇ ଏହାର ଆନୁଷ୍ଠାନିକ ଲୋକାର୍ପଣ କରିବା ସହିତ ନୂତନ ବିଶ୍ୱଶାନ୍ତି ଭବନର ଶିଳାନ୍ୟାସ କରିଥିଲେ। ବ୍ରହ୍ମାକୁମାରୀ ସୁଲୋଚନା ଦିଦି ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ବିଧାୟକ ଡଃ.ଅରବିନ୍ଦ ଢାଳିଙ୍କ ସମେତ ରାଜ୍ୟର ବିଭିନ୍ନ ଭାଗରୁ ବହୁ ସଂଖ୍ୟକ ବ୍ରହ୍ମାକୁମାରୀ ଭାଇ ଓ ଭଉଣୀମାନେ ଯୋଗଦେଇଥିଲେ। ବ୍ରହ୍ମାକୁମାରୀ ଅସ୍ମିତା ଓ ବ୍ରହ୍ମାକୁମାରୀ ଦେବସ୍ମିତା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲାବେଳେ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଅନନ୍ତପୁରର ଅନ୍ତେବାସୀ ଏଥିରେ ସହଯୋଗ କରିଥିଲେ।

# ବାରିପଦା ମୋହରିର ସଂଘ ତରଫରୁ ସମ୍ବର୍ଦ୍ଧନା

ବାରିପଦା,୨୧।୨:ବାରିପଦା ମୋହରିର ରାଜ୍ୟ ସଂଘ ଆନୁକୂଲ୍ୟରେ ଆୟୋଜିତ ସାଧାରଣ ପରିଷଦ ବୈଠକ ରେ ନିଖିଳ ଉତ୍କଳ ରାଜ୍ୟ ମୋହରିର ସଂଘ କଟକ ଠାରେ ଆୟୋଜିତ ହୋଇଥିବା ନିର୍ବାଚନ ପ୍ରକ୍ରିୟାରେ ବାରିପଦା ମୋହରୀର ସଙ୍ଘର ସାଧାରଣ ସମ୍ପାଦକ ସଂଗ୍ରାମ ଶତପଥୀ ଦ୍ୱିତୀୟ ଥର ପାଇଁ ରାଜ୍ୟ ଉପ ସଭାପତି ଭାବେ ନିର୍ବାଚିତ ହୋଇଥିବାରୁ ଜିଲ୍ଲା ମୋହରୀର ସଂଘର ସଭାପତି ଶରତଚନ୍ଦ୍ର ନାୟକ ଓ ବରିଷ୍ଠ ମୋହରିର ମାନଙ୍କ ଦ୍ୱାରା ବାରିପଦା ଠାରେ ତାଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସର ରେ ଅନୁଷ୍ଠିତ ବାରିପଦା ମୋହରୀର ସଙ୍ଘର ବୈଠକର ସଂଘର ସାଧାରଣ ନିର୍ବାଚନ ପାଇଁ ଘୋଷଣା କରାଯାଇଛି । ଏହି ବୈଠକରେ ପିତାମ୍ବର ମଲ୍ଲିକ, ଯତୀନ ଚନ୍ଦ୍ର ଗିରି ,ପ୍ରମୁଖ ସଦସ୍ୟ ମାନେ ଉପସ୍ଥିତ ଥିଲେ ।

# ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣାସ୍ଥଳ ପାଲଟିଲା ରଣକ୍ଷେତ୍ର

ମାହାଙ୍ଗା,୨୧।୨: ଗତ ୧୯ତାରିଖଠାରୁ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସରରେ ୩୭ଟି ପଂଚାୟତର ସରପଂଚ ଓ ସମିତିସଭ୍ୟ ବିଭିନ୍ନ ଦାବିକୁ ନେଇ ଧାରଣାରେ ବସିଥିଲେ । ନୂଆ ସରକାର ଆସିବା ଦିନଠାରୁ ବ୍ଲକର କୌଣସି ପଂଚାୟତରେ ଉନ୍ନୟନ ମୂଳକ କାର୍ଯ୍ୟ ହୋଇ ପାରୁନାହିଁ ଓ ଏହା ସହ ପୁରଣା କାର୍ଯ୍ୟର ବିଲ୍‌କୁ ମଧ ଉଦ୍ଦେଶ୍ୟମୂଳକ ଭାବେ କରାଇ ଦିଆଯାଉନଥିବା ଅଭିଯୋଗ ହୋଇଥିଲା । ଅଧକ୍ଷଙ୍କ କଥା ବ୍ଲକ ପ୍ରଶାସନ ମାନୁନଥିବା ବେଳେ ଯେ ପର୍ଯ୍ୟନ୍ତ ଏହି ଘଟଣାର ସମାଧନ ହୋଇ କାର୍ଯ୍ୟାରମ୍ଭ ନହେବ ସେ ପର୍ଯ୍ୟନ୍ତ ଅନିର୍ଦ୍ଧିଷ୍ଟ କାଳ ପାଇଁ ଧାରଣା ଅବ୍ୟାହତ ରହିବ ବୋଲି ବ୍ଲକ ଅଧକ୍ଷତା, ଚାରୋଟି ଜୋନ୍‌ର ଜିଲ୍ଲାପରିଷଦ ସଭ୍ୟ ଓ ସରପଂଚ ପ୍ରତିନିଧିମାନେ କହିଥିଲା ବେଳେ ଆଜି ବ୍ଲକ କାର୍ଯ୍ୟାଳୟ ପରିସରର ଧାରଣାସ୍ଥଳ ରଣକ୍ଷେତ୍ରରେ ପରିଣତ ହୋଇଥିଲା । ଧାରଣାରେ ବସିଥିବା ଜନପ୍ରତିନିଧିମାନଙ୍କୁ ମାଡମାରିବା ଓ ଚେୟାର ଫୋପାଡିବା ଆଦି ଦୃଶ୍ୟ ଦେଖିବାକୁ ମିଳିଥିଲା । ଅଭିଯୋଗ ହୋଇଥିଲେ ଯେ ମାହାଙ୍ଗାର ବିଧାୟକ ଶାରଦା ପ୍ରଧାନ ଗୁଣ୍ଡାମାନଙ୍କୁ ପଠାଇ ଧାରଣାସ୍ଥଳରେ ବସିଥିବା ପ୍ରତିନିଧିମାନଙ୍କୁ ଚେୟାରମାଡ କରିଥିଲେ । ଏହି ଘଟଣାରେ ଡିଏସ୍.ପି.ଓଙ୍କ ମୁଣ୍ଡରେ ଆଘାତ ଲାଗିଥିବା



ଜଣାପଡିଥିଲା । ସୂଚନାଯୋଗ୍ୟ ଯେ ଧାରଣାସ୍ଥଳରେ ଜନପ୍ରତିନିଧିମାନେ ବିରୋଧି ବିଜେଡି ଦଳର ସମର୍ଥକ । ନିର୍ବାଚନ ପୂର୍ବରୁ ବିଭିନ୍ନ ପଂଚାୟତରେ ଜନହିତକର କାର୍ଯ୍ୟ ନାଁରେ ନାହିଁ ନଥିବା ଅନୀୟମିତତା ହୋଇଛି । ଏପରିକି ସୂଚନାତଥ୍ୟ ମାଗିଲେ ମଧ ସଠିକ୍ ସୂଚନା ତଥ୍ୟ ମିଳୁନାହିଁ । ଉଦାହରଣ ସ୍ୱରୂପ ମନରେଗା ଯୋଜନାରେ ବୃକ୍ଷରୋପଣ ନାଁରେ ଲକ୍ଷ ଲକ୍ଷ ଟଙ୍କା ସରକାରୀ ଧନ କାଗଜପତ୍ରରେ ହରିଲୁଟ୍ କରାଯାଇଛି । ଏପରିକି ବିଜେଡି ସରକାରଙ୍କ ଅମଳରେ ପ୍ରଶାସନକୁ ହାତରେ ରଖି ମାହାଙ୍ଗାରେ ନାହିଁ ନଥିବା ଦୁର୍ନୀତି ହୋଇଛି । ତାହାର ତଦନ୍ତ ବର୍ତ୍ତମାନର ସରକାର କରିନାହାଁନ୍ତି । ଅପରପକ୍ଷରେ ଚର୍ଚ୍ଚା ହେଉଛି ଯେ ତା. ୨୬.୦୯.୨୦୨୩ ରିଖରେ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିରୋଧି ବିଜେପି ଦଳ ସ୍ଥାନୀୟ ତତ୍କାଳୀନ ବିଧାୟକ ପ୍ରତାପ ଜେନାଙ୍କର କୁଶପୁତଳିକା ଦାହ କରିବା ସମୟରେ ପ୍ରତାପ ଜେନାଙ୍କ ସମର୍ଥକ କର୍ମୀ ଓ ମହିଳାମାନେ ଯେଉଁଭଳି ଭାବରେ କୁଶପୁତଳିକା ଦାହ କରୁଥିବା ବିଜେପି କର୍ମୀଙ୍କ ଉପରେ ଆକ୍ରମଣ କରି ମାଡ ମାରିଲେ ଏବଂ ପରବର୍ତ୍ତୀ ସମୟରେ ସେମାନଙ୍କ ବିରୁଦ୍ଧରେ ଥାନାରେ ମାମଲା ଦାଏର କଲେ ସେତେବେଳେ କ'ଣ ସାମ୍ବିଧାନିକ ଅଧିକାର ନଥିଲା କି ? କୋର୍ଟ ରାୟ ପରେ ବିଧାୟକ ପ୍ରତାପ ଜେନାଙ୍କ ନାମରେ ୩୦୨ ଦଫା ଲାଗିଥିଲା ଯାହାକୁ ନେଇ ବିଜେପି କର୍ମୀମାନେ କୁଶପୁତଳିକା ଦାହ କରିବାକୁ ଯାଉଥିଲେ । ସେ ସମୟରେ ବି ପୋଲିସ ପ୍ରଶାସନ ପ୍ରକୃତ ଗଣ୍ଡଗୋଳକାରୀ ବିଜେଡି କର୍ମୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ ବୋଲି ଅଭିଯୋଗ ହୋଇଛି । ସ୍ୱାଧୀନ ବିଧାୟକଙ୍କ ସମର୍ଥକ ଓ ଗୁଣ୍ଡାମାନେ ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରବେଶ କରି ଆକ୍ରମଣ କରିଥିବା ଅଭିଯୋଗ ସଂପର୍କରେ ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କସହିତ ମୋବାଇଲ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ ସେ ଫୋନ୍ ଉଠାଇନଥିଲେ । ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଉ । ପ୍ରକୃତରେ କେଉଁମାନେ ଗଣ୍ଡୋଗୋଳରେ ସଂପୃକ୍ତ ଅଛନ୍ତି ସେମାନଙ୍କୁ ବ୍ଲକ ପରିସରରେ ଥିବା ସିସିଟିଭି ଫୁଟେଜ ଆଧାରରେ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।



# ରାଜଗାଙ୍ଗପୁର ଡକାୟତି ମାମଲାରେ ୫ ଗିରଫ

**ରାଜଗାଙ୍ଗପୁର, ୨୧।୨:** ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଚଳିତ ମାସ ୯ରି ତାରିଖ ସନ୍ଧ୍ୟା ସମୟରେ କାନ୍ସବାହାଲ ନୀୟୁ କଲୋନୀ ବାସିନ୍ଦା ରଘୁନାଥ ନାୟକ ଙ୍କ ଘରେ ତାଙ୍କର ଅନୁପସ୍ଥିତିର ସୁଯୋଗ ନେଇ ତିନି ଜଣ ଯୁବକ ଘରେ ପଶି ରଘୁନାଥ ନାୟକ ଙ୍କ ପୁତ୍ର ଓ ସ୍ତ୍ରୀ ଙ୍କୁ ବନ୍ଧୁକ ଛୁରୀ ଦ୍ୱାରା ଭୟଭୀତ କରାଇ ଲକ୍ଷାଧିକ ଟଙ୍କାର ସୁନାଗହଣା ନଗଦ ଟଙ୍କା ବ୍ୟାଙ୍କ ପାସ୍ ବହି ନେଇ ବାହାରେ ଜଗି ଥିବା ଆଉ ଦୁଇଜଣ ଯୁବକ ଙ୍କ ସହ ମଟର ସାଇକେଲରେ ଫେରାର ହୋଇଯାଇଥିଲେ । ଉକ୍ତ ଘଟଣାକୁ କେନ୍ଦ୍ର କରି ରାଜଗାଙ୍ଗପୁର ଥାନା ଅଧିକାରୀ ଶ୍ରୀ ମନୋରଞ୍ଜନ ପ୍ରଧାନ ଙ୍କ ନେତୃତ୍ୱରେ ବିଭିନ୍ନ ଦିଗରୁ ଯାଞ୍ଚ ପରେ ରାଜଗାଙ୍ଗପୁର ଓ କୁତ୍ରା ଅଞ୍ଚଳ ରୁ ୫ ଜଣ ଡକାୟତ ଙ୍କୁ ଗିରଫ କରି ପାଞ୍ଚଟି ମୋବାଇଲ ତିନୋଟି ମୋଟର ସାଇକଲ ନଗଦ ଟଙ୍କା ସୁନା ଅଳଙ୍କାର ବନ୍ଧୁକ ଗୁଳି ଛୁରୀ ଜବତ କରି ବିଭିନ୍ନ ମାମଲା ରେ କେସ ରୁଜୁ କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ରାଜଗାଙ୍ଗପୁର ଏସଡିପିଓ ଶ୍ରୀ ବିଭୁତି ଭୁଷଣ ଭୋଇ ଓ ଥାନା ଅଧୀନରେ ଶ୍ରୀ ମନୋରଞ୍ଜନ ପ୍ରଧାନ ସୁଚନା ଦେଇଥିଲେ ।



# ପରକୀୟା ପ୍ରୀତିରୁ ମା'କୁ ହତ୍ୟାକଲା ପୁଅ

**ନୀଳଗିରି, ୨୧।୨:** ମା'ର ପର ପୁରୁଷ ସହ ଥିଲା ଅନୈତିକ ସମ୍ପର୍କ। ଯାହାକୁ ସହିପାରିଲାନି ସାନ ପୁଅ। ଆଇନକୁ ହାତକୁ ନେଇ ଘଟାଇଲା ଜଘନ୍ୟ ଅପରାଧ। ହଁ ଆଜ୍ଞା ପରକୀୟା ପ୍ରୀତି ହେଲା କାଳ। ଲୁଚିଛପି ପ୍ରେମ କରୁଥିବା ମା' ଉପରେ ପୂର୍ବରୁ ହିଁ ପୁଅର ସନ୍ଦେହ ଥିଲା। କିନ୍ତୁ ଆଖି ସାମ୍ନାରେ ଦେଖିବା ପରେ ପୁଅ ସହିପାରିଲାନି ମା'ର ପରକୀୟା ପ୍ରୀତି। କାଠ ଫାଳିଆରେ ପିଟି ପିଟି ମା'କୁ ନିର୍ମମ ଭାବେ ହତ୍ୟା କଲା। ଚୋରା ପୀରତି ଯେ ଏତେ ମହଙ୍ଗା ପଡିବ ତାହା କେବେ ସ୍ୱପ୍ନରେ ସୁଦ୍ଧା ଭାବି ନଥିବ ମା'। ନୀଳଗିରି ଥାନା ଅଧୀନ ବାଘମରା ଗାଁରେ ଘଟିଛି ଏଭଳି ଏକ ଛାତିଥରା ଘଟଣା। ସୂଚନା ମୁତାବକ ଗତକାଲି ଅପରାହ୍ନରେ ବାଘମରା ଗ୍ରାମର ବିଧବା କଙ୍କିମଣି ସିଂ ଉକ୍ତ ଗ୍ରାମର ବାୟା ନାମକ ଏକ ଯୁବକଙ୍କ ସହିତ ପରକୀୟା ପ୍ରୀତି କରୁଥିବା ସମୟରେ ସାନ ପୁଅ ଦୁର୍ଗା ସିଂ ଦେଖିନେଇଥିଲେ।ଯାହା ଫଳରେ ଫଳରେ ସେ ହିତାହିତ ଜ୍ଞାନ ହରାଇ ଘରେ ପଡିଥିବା ଏକ କାଠଫାଳିଆରେ ଗୋଡ଼ାଇ ଗୋଡ଼ାଇ ପିଟିଥିଲା। ଏହା ଦେଖି ତାଙ୍କ ପଡୋଶୀ ସୋମବାରୀ ସିଂ ତାଙ୍କୁ ଅଟକାଇଥିଲେ ମଧ୍ୟ ପୁଅ ମାନିନଥିଲା। ପରେ କଙ୍କିମଣି ସିଂ ଚେତାଶୂନ୍ୟ ହୋଇ ପଡିଯିବା ପରେ ପଡୋଶୀ ମହିଳା ଜଣକ ପାଣି ଆଣି ତାଙ୍କ ମୁହଁରେ ଦେଇଥିଲେ। କିନ୍ତୁ ସେତେବେଳକୁ ତାଙ୍କର ପ୍ରଣବାୟୁ ଉଡ଼ିଯାଇଥିଲା।ପରେ ନୀଳଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପୁଅକୁ ଗିରଫ କରିଛି। ତେବେ ଏ ଘଟଣା ସଂପର୍କରେ ସ୍ଥାନୀୟ ଲୋକଙ୍କ ଠାରୁ ଅବଗତ ହେଲା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଶବ ବ୍ୟବଚ୍ଛେଦ ପାଇଁ ମୃତଦେହ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଏଭଳି ଏକ ଅପ୍ରୀତିକର ଘଟଣାକୁ ନେଇ ସ୍ଥାନୀୟ ଅ ଳରେ ଚ ଲ୍ୟ ଖେଳି ଯାଇଛି ।




# ଆରମ୍ଭ ହେଲା ମ୍ୟାଟ୍ରିକ ପରୀକ୍ଷା, ୪୭ ପରୀକ୍ଷାର୍ଥୀ ଅନୁପସ୍ଥିତ

**ଶେରଗଡ, ୨୧।୨:** ଆଜି ଆରମ୍ଭ ହୋଇଛି ଚଳିତ ବର୍ଷର ମ୍ୟାଟ୍ରିକ ପରୀକ୍ଷାୟ ବ୍ଲକ ର ୮ ଟି କେନ୍ଦ୍ର ରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ମୋଟ ଛାତ୍ରଛାତ୍ରୀ ଙ୍କ ସଂଖ୍ୟା ୧୬୩୪ ମଧ୍ୟରୁ ଆଜି ପ୍ରଥମ ଦିନରେ ୪୭ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡିଛି । ଚଳିତ ବର୍ଷ ଶେରଗଡ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ କୁ ନୋଡାଲ ସେଣ୍ଟର କରାଯାଇଥିବା ବେଳେ ଆଜି ସକାଳୁ ସମସ୍ତ କେନ୍ଦ୍ର ରେ ପ୍ରଶ୍ନ ପତ୍ର ପହଞ୍ଚି ଥିଲା । ପରୀକ୍ଷା ଦେବାକୁ ଥିବା ମୋଟ ୧୬୩୪ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଶେରଗଡ ରେ ୨୭୬ ମଧ୍ୟରୁ ୦୯, ବାଳିକା ଉଚ୍ଚ ବିଦ୍ୟାଳୟ ଶେରଗଡ ରେ ୨୩୬ ମଧ୍ୟରୁ ୦୭, କରଡାକଣା ଉଚ୍ଚ ବିଦ୍ୟାଳୟ ରେ ୨୩୭ ମଧ୍ୟରୁ ୦୬, ଡାକରଡା ଶହୀଦ ଉଚ୍ଚ ବିଦ୍ୟାଳୟରେ ୨୪୧ ମଧ୍ୟରୁ ୧୫, ଧନନ୍ତର ନାଥେଶ୍ୱର ଉଚ୍ଚ ବିଦ୍ୟାଳୟ ରେ ୧୫୬ ମଧ୍ୟରୁ ୦୩, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ରେ ୧୬୧ ମଧ୍ୟରୁ ୦୩, ପିତ୍ତଳ ବାଳକ ଉଚ୍ଚ ବିଦ୍ୟାଳୟରେ ୧୭୦ ମଧ୍ୟରୁ ୦୪ ଅନୁପସ୍ଥିତ ଥିବା ବେଳେ ଏବଂ କୁରୁଳା ଉଚ୍ଚ ବିଦ୍ୟାଳୟରେ ସମସ୍ତ ୧୫୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ଜଣାପଡିଛି । ଶେରଗଡ ବ୍ଲକରେ ମୋଟ ୧୬୩୪ ଛାତ୍ରଛାତ୍ରୀ ମଧ୍ୟରୁ ୪୭ ଜଣ ଛାତ୍ରଛାତ୍ରୀ ପ୍ରଥମ ଦିନର ପରୀକ୍ଷାରେ ଅନୁପସ୍ଥିତ ଥିବା ବ୍ଲକ ଶିକ୍ଷାଧିକାରୀ ଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାପଡିଛି । ପ୍ରଥମ ଦିନର ପରୀକ୍ଷା ଶାନ୍ତି ଶୃଙ୍ଖଳା ର ସହିତ ସମାପନ ହୋଇଥିବା ଜଣାପଡିଛି ।

# କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଢେଙ୍କାନାଳ ଗସ୍ତ

**ଢେଙ୍କାନାଳ, ୨୧।୨:** ଭାରତ ସରକାରଙ୍କ ମହିଳା ଓ ବାଳ ବିକାଶ ମନ୍ତ୍ରଣାଳୟର ରାଜ୍ୟ ମନ୍ତ୍ରୀ ଶ୍ରୀମତୀ ସାବିତ୍ରୀ ଠାକୁର ଢ଼େଙ୍କାନାଳ ପରିଦର୍ଶନ କରିଛନ୍ତି। ପୂର୍ବାହ୍ନ ପ୍ରାୟ ୧୧ ଘଟିକା ସମୟରେ ମନ୍ତ୍ରୀଙ୍କୁ ସ୍ଥାନୀୟ ସର୍କିଟ୍ ହାଉସ ଠାରେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, କାମାକ୍ଷାନଗରର ମାନ୍ୟବର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳର ମାନ୍ୟବର ବିଧାୟିକା ସୀମାରାଣୀ ନାୟକ, ପୌର ଅଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରମେଶ ଚନ୍ଦ୍ର ସେଠି, ସି.ଡବ୍ଲୁ.ସି.ର ଚେୟାରମ୍ୟାନ ଶ୍ରୀ ପୁଷ୍ପକ ତ୍ରିପାଠୀଙ୍କ ସମେତ ସମସ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା ମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ମନ୍ତ୍ରୀ ସଦର ବ୍ଲକ ଅନ୍ତର୍ଗତ ବାଞ୍ଛ କୁସୁମର କୁଆଙ୍ଗ ସାହିସ୍ଥିତ ଅଙ୍ଗନୱାଡ଼ି ପରିଦର୍ଶନ କରି ଅଙ୍ଗନୱାଡ଼ି କର୍ମୀ ଓ ପିଲାମାନଙ୍କ ସହିତ ମନ ଖୋଲା କଥା ହୋଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ଆଇନୱାଡ଼ିର ପରିଚାଳନା ସଂପର୍କରେ ଅବଗତ କରାଇଥିଲେ। ପରେ ସେ ଗୋବିନ୍ଦପୁର ସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନର ଶିଶୁ ଗୃହ ପରିଦର୍ଶନ କରି ପିଲାମାନଙ୍କ ଖାଦ୍ୟପେୟ, ରହଣି ବ୍ୟବସ୍ଥା ସଂପର୍କରେ ପିଲାମାନଙ୍କ ସହ କଥା ହୋଇ ଅବଗତ ହୋଇ ବିଭିନ୍ନ କାର୍ଯ୍ୟ ତଦାରଖ କରିଥିଲେ। ଶେଷରେ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ କାର୍ଯ୍ୟ କରୁଥିବା ମହିଳା ସହାୟତା କେନ୍ଦ୍ରକୁ ଯାଇ ନିର୍ଯାତିତ ମହିଳାମାନେ ପାଉଥିବା ସୁବିଧା ସୁଯୋଗ ସଂପର୍କରେ ଅବଗତ ହୋଇଥିଲେ। ମଧ୍ୟାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସହଭାବନା ସଭାଗୃହ ଠାରେ କେନ୍ଦ୍ରମନ୍ତ୍ରୀ ଅଙ୍ଗନୱାଡ଼ି କାର୍ଯ୍ୟକ୍ରମ ସମୀକ୍ଷା କରିଥିଲେ। ଜିଲ୍ଲାରେ ୨୨୨୦ ଟି ଅଙ୍ଗନୱାଡ଼ି କେନ୍ଦ୍ର କାର୍ଯ୍ୟକ୍ଷମ ଥିବା ବେଳେ ସେଥିରୁ ୭୧୪ ଟି କେନ୍ଦ୍ରରେ ସମସ୍ତ ସୁବିଧା ଉପଲବ୍ଧ ଥିବା ସକ୍ଷମ ଅଙ୍ଗନୱାଡ଼ି କେନ୍ଦ୍ର କାର୍ଯ୍ୟ କରୁଛି ବୋଲି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିତା ଶର୍ମା ସୂଚନା ଦେଇଥିଲେ। ମମତା ଯୋଜନାରେ ୧୮୫୭୫୦ ଜଣ ଗର୍ଭବତୀ ମହିଳା ଉପକୃତ ହୋଇଥିଲା ବେଳେ ସୁଭଦ୍ରା ଯୋଜନାରେ ଅଦ୍ୟାବଧି ୩୦୦୫୧୪ ଜଣ ମହିଳାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି ବୋଲି ସେ ସୂଚନା ଦେଇଥିଲେ। ମନ୍ତ୍ରୀ ବିଭାଗୀୟ ଅଧିକାରୀ ଓ ସି.ଡ଼ି.ପି.ଓ.ମାନଙ୍କ ସହିତ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ସାକାର ପାଇଁ ସରକାରଙ୍କ ଶିଶୁ ଓ ମହିଳା ବିକାଶ ନିମନ୍ତେ କାର୍ଯ୍ୟକାରୀ ସମସ୍ତ ଯୋଜନାକୁ ନିଷ୍ଠାର ସହିତ କରିବାକୁ ପରାମର୍ଶ ଦେଇଥିଲେ। ବୈଠକ ପ୍ରାରମ୍ଭରେ ମନ୍ତ୍ରୀ ଶ୍ରୀଯୁକ୍ତ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସେଠି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




# ଅଗ୍ନି ସଚେତନତା କାର୍ଯ୍ୟକ୍ରମ

**ଆଳି, ୨୧।୨:** ଗୁରୁବାର ପୂର୍ବାହ୍ନରେ ଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକ ଅଗ୍ନି ସଚେତନତା କାର୍ଯ୍ୟକର୍ମ ଅନୁଷ୍ଠିତ ହୋଇଯାଇଅଛି। ଆଳି ଅଗ୍ନିଶମ ବାହିନୀର ଅଧିକାରୀ ବିଭୂତି ଭୂଷଣ ନାୟକ ପିଲାମାନଙ୍କୁ ନିଆଁ କେଉଁ କାରଣରୁ ଲାଗିଥାଏ ଓ ତାକୁ କିପରି ନିୟନ୍ତ୍ରଣ କରାଯାଇପାରିବ ସେ ସମ୍ବନ୍ଧରେ ମାର୍ଗ ଦର୍ଶନ କରିଥିଲେ। କୌଣସି ଆକସ୍ମିକ କାରଣରୁ ନିଆଁ ଲାଗିଲେ ଧନଜୀବନକୁ କିପରି ସୁରକ୍ଷା କରିହେବ ସେ ସଂପର୍କରେ ସଚେତନ କରିଥିଲେ। ନିଆଁ, ଲାଗିଥିବା ସମୟରେ କ'ଣ କ'ଣ ସତର୍କତା ଅବଲମ୍ବନ କରିବେ ସେ ସମ୍ପର୍କରେ ଜଣାଇଥିଲେ। ଘରେ ଘରେ ବ୍ୟବହାର ହେଉଥିବା ଏଲପିଜି ସିଲିଣ୍ଡର ସମ୍ପର୍କରେ ତଥ୍ୟ ରଖିଥିଲେ। ଅଗ୍ନିଶମ ବାହିନୀର କର୍ମକର୍ତ୍ତା ଅସୀତ କର, ଡମ୍ବରୁଧର ସେଠୀ, ରମାକାନ୍ତ ସାମଲ, ବିଭୂତି ଦାସ ପ୍ରମୁଖ ବିଭିନ୍ନ ପଦାର୍ଥରେ ଲାଗିଥିବା ନିଆଁକୁ କିପରି ଆୟ ଓ ନିୟନ୍ତ୍ରଣ କରାଯାଇପାରିବ ତାର ନମୁନା ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସୁଶାନ୍ତ କୁମାର ଦାଶ, ସଭାପତି ବନମାଳୀ ସେନାପତି, ସହସମ୍ପାଦକ ରଞ୍ଜନ ପାତ୍ର, ପ୍ରଧାନ ଆଚାର୍ଯ୍ୟା ଜାନକୀ ଦାସ ଓ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ରହି କାର୍ଯ୍ୟକର୍ମଟିକୁ ସଫଳ କରିବାରେ ସହଯୋଗ ପ୍ରଦାନ କରିଥିଲେ।

# ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟରେ ବଳି ପଡିଗଲା ଅନେକ ଗଛ, ପରିବେଶବିତ୍ ମାନଙ୍କ କ୍ଷୋଭ, ବିକାଶ ନାମରେ ବିନାଶକୁ ଗୁରୁତ୍ୱ ଅଭିଯୋଗ

**ବଳଙ୍ଗା, ୨୧।୨:** ସାତଶଙ୍ଖ-ବଳଙ୍ଗା ମୁଖ୍ୟ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟରେ ଭୀମବଜାର ବାଲିଗାଁ ଛକ ଠାରୁ ମୌଜିବେଗ ମଧ୍ୟରେ ରାସ୍ତା ପାର୍ଶ୍ୱରେ ଥିବା ଅନେକ ପୁରଣା ଓ ନୂଆ ଗଛ ଗୁଡିକୁ କାଟି ଦିଆଯାଇଛି। କିନ୍ତୁ ରାସ୍ତା ପ୍ରଶସ୍ତୀକରଣ ପାଇଁ ବାଧକ ସାଜି ରାସ୍ତାଉପରେ ଥିବା ଇଲେକ୍ଟ୍ରୀ ଖୁଂଟଗୁଡିକୁ ସ୍ଥାନାନ୍ତର କରାଯାଇପାରୁ ନାହିଁ । ଯାହାଫଳରେ ତରବରିଆ ଭାବେ ଖରା ଦିନେ କାହିଁକି ଅନେକ ଗଛଗୁଡିକୁ ବଳି ପକାଇଦିଆଗଲା ତାହା ଏବେ ସାଧାରଣରେ ମୁଖ୍ୟ ପ୍ରଶ୍ନ ହୋଇଛି । ଦୀର୍ଘ ୧ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁରହିଛି । ସାତଶଙ୍ଖ ପଟୁ ଭୀମବଜାର ପର୍ଯ୍ୟନ୍ତ କେତେକ ସ୍ଥାନରେ ରାସ୍ତା କାର୍ଯ୍ୟ ସମାପ୍ତି ହୋଇଥିବା ବେଳେ ଆଉ କେତେକ ସ୍ଥାନରେ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡିରହିଛି । ଯେଉଁ ସ୍ଥାନରେ ରାସ୍ତା କାର୍ଯ୍ୟ ସରିଯାଇଛି ସେଠାରେ ମଧ୍ୟ ଏ ପର୍ଯ୍ୟନ୍ତ ଇଲେକ୍ଟ୍ରୀ ଖୁଂଟ ଗୁଡିକୁ ହଟାଯାଇ ପାରୁନଥିବା ଅଭିଯୋଗ ହେଉଛି । ତାସତ୍ତ୍ୱେ ମଧ୍ୟ ୪ କି.ମି ରୁ ଉର୍ଦ୍ଧ୍ୱ ରାସ୍ତାରୁ ଗଛକୁ କାଟି ପଦା କରିଦିଆଯାଇଛି । ବିଶେଷ କରି ମୌଜିବେଗ ଠାରୁ ରୂପଦେଇପୁର ମଧ୍ୟରେ ଅନେକ ଦାମି ଗଛକୁ କାଟି ଦିଆଯାଇଛି । ରୂପଦେଇପୁର ଢାବା ପୂର୍ବରୁ ଖୋଲାହେବାକୁ ଯାଉଥିବା ଏକ ନୂଆ ପେଟ୍ରୋଲ ପମ୍ପକୁ ଅନୁକମ୍ପା ପ୍ରଦର୍ଶନ କରାଯାଇ ପମ୍ପକୁ ରାସ୍ତା ଖୋଲାଯିବା ନିମନ୍ତେ ୧୦ରୁ ଉର୍ଦ୍ଧ୍ୱଗଛ କାଟି ଦିଆଯାଇଥିବା ଅଭିଯୋଗ ହେଉଛି । କାହା ଆଦର୍ଶ ବଳରେ ଗଛ ଗୁଡିକୁ କାଟି ଦିଆଗଲା ସେ ନେଇ ତଦନ୍ତ କରାଯିବାକୁ ସାଧାରଣ ରେ ଦାବିହେଉଛି । ଅପରପକ୍ଷେ ବିକାଶ ନାମରେ ବିନାଶକୁ ଗୁରୁତ୍ୱ ଦିଆଯାଉଥିବାରୁ ପରିବେଶ ପ୍ରେମିମାନେ କ୍ଷୋଭ ପ୍ରକାଶ କରୁଛନ୍ତି ।



# ବୁଢ଼ା ଗଣେଶଙ୍କ ବାର୍ଷିକ ଉତ୍ସବ

**ଭଦ୍ରକ, ୨୧।୨:** ଧାମନଗର ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତର କଷଟିଠାରେ ୧୭ତମ ବୁଢ଼ା ଗଣେଶ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ୧୧୭ବର୍ଷ ପୁରାତନ ଏହି ବୁଢ଼ା ଗଣେଶ ପୂଜା ପାଇଁ ଘରଟିଏ ନଥିଲା। ଗ୍ରାମବାସୀ ଏକ କୁଡ଼ିଆ ଘରେ ପ୍ରଭୁଙ୍କର ପୂଜାର୍ଚ୍ଚନା କରିଆସୁଥିଲେ। ସିଦ୍ଧିଦାତା ପ୍ରଭୁ ଗଣେଶଙ୍କ କୃପାରୁ ବହୁ ଶ୍ରଦ୍ଧାଳୁ ଓ ଗ୍ରାମବାସୀ, ରାଜନୈତିକ ନେତୃବୃନ୍ଦଙ୍କ ସାହାଯ୍ୟ, ସହଯୋଗ ଓ ଅନୁଦାନ ଯୋଗୁ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯାଇ ପାରିଛି।

ଆଜକୁ ୧୭ବର୍ଷ ଧରି ଗଣନାଥ ବୁଢ଼ା ଗଣେଶଙ୍କର ପ୍ରତିମୂର୍ତ୍ତି ଏହି ମନ୍ଦିରରେ ପୂଜିତ ହୋଇଆସୁଛନ୍ତି। ପ୍ରତିଦିନ ପ୍ରାତଃ ଓ ସନ୍ଧ୍ୟା ସମୟରେ ହୋମ ଯଜ୍ଞ ଚଣ୍ଡୀପାଠରେ ସମସ୍ତ ଗ୍ରାମବାସୀ ଉପସ୍ଥିତ ରହି ପରିବେଶକୁ ଭକ୍ତିମୟ କରିଦିଅନ୍ତି। ଏହି ପୂଜା ଅବସରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ମନ୍ଦିର କମିଟି ଓ ଗ୍ରାମବାସୀଙ୍କ ତରଫରୁ କାର୍ଯ୍ୟକ୍ରମ ଗୁଡିକ ସୁଚାରୁ ରୂପେ ସମ୍ପାଦନା କରାଯାଇଥାଏ। ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଗ୍ରାମବାସୀ ସହଯୋଗ କରି ଏହି ଆଧ୍ୟାତ୍ମିକ ଅନୁଷ୍ଠାନକୁ ସଫଳ କରିଛି। ତ୍ରିଦିବସୀୟ ଏହି ଆଧ୍ୟାତ୍ମିକ ଅନୁଷ୍ଠାନକୁ ପଣ୍ଡିତ ଚକ୍ରଧର ମୈକାପ ଓ କର୍ତ୍ତା ଶୁଭଙ୍କର ନାୟକ, ବିନ୍ଦୁ ଓଝା ପୂଜାବିଧିକୁ ବୈଦିକ ରୀତିରେ ସମ୍ପାଦନ କରିଥିଲେ। ଗ୍ରାମବାସୀ ମାନଙ୍କର ମିଳିତ ସହଯୋଗରେ ଏହି ପୂଜା ଶାନ୍ତି ଶୃଙ୍ଖଳା ର ସହିତ ଶେଷ ହୋଇଥାଏ।

# ବନାଗ୍ନି ନିରାକରଣ ଓ ବନ୍ୟଜନ୍ତୁ ସଂରକ୍ଷଣ ସଚେତନତା ଶିବିର

**କେନ୍ଦୁଝର, ୨୧।୨:** କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପର୍ଜନପୁର ପ ାୟତ କଲଣ୍ଡା ଗ୍ରାମରେ କେନ୍ଦୁଝର ବନଖଣ୍ଡ -ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଏବଂ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ କାର୍ଯ୍ୟାଳୟ ମିଳିତ ଉଦ୍ୟମରେ ଏକ ଦକ୍ଷତା ବିକାଶ-ନିଯୁକ୍ତି -ଶ୍ରମ କାର୍ଡ ତଥା ବନାଗ୍ନି ନିରାକରଣ ଓ ବନ୍ୟଜନ୍ତୁ ସଂରକ୍ଷଣ ସମ୍ବନ୍ଧୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଆୟୋଜିତ ସଭାରେ ସ୍ଥାନୀୟ କଲଣ୍ଡା, ଜଗନ୍ନାଥପୁର, କଶିରା, ଅମୃତପଡା, ଆମୁଣିପୁର, ଭାଲୁପାହାଡି, କଶିରାପାଟଣା, ପାଟୁଙ୍ଗ, ପର୍ଜନପୁର, ନଇଁଗା, ସତୀକୁଦର, ଦେଉଳଡିହା, ନୂଆଡିହି ଆଦି ୧୪ ଗୋଟି ଗ୍ରାମରୁ ୫ଶହରୁ ଉର୍ଦ୍ଧ୍ୱ ଲୋକେ ସାମିଲ ହୋଇଥିଲେ। ଜିଲ୍ଲା ଶ୍ରମ କାର୍ଯ୍ୟାଳୟରୁ ସହକାରୀ ଶ୍ରମ ଅଧିକାରୀ ଭରତ କୁମାର ଦାଶ ଓ ଦୀପ୍ତିମୟୀ ରାଉଳ ଶ୍ରମ କାର୍ଡର ପଂଜୀକରଣ ଓ ସୁବିଧା ବିଷୟରେ ଲୋକମାନଙ୍କୁ ସଚେତନ କରାଇଥିଲେ। ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ କାର୍ଯ୍ୟାଳୟରୁ ଅଭିଷେକ ଚକ୍ର ଓ ମୁସ୍କାନ ଚେଲ୍ନି ଉପଲବ୍ଧ ମାଗଣା ତାଲିମ ଓ ରୋଜଗାର ଉପରେ ଆଲୋକପାତ କରିଥିଲେ। କେନ୍ଦୁଝର ବନଖଣ୍ଡ କାର୍ଯ୍ୟାଳୟରୁ ନିର୍ମଳ ସାହୁ ବନ୍ୟଜନ୍ତୁ ସଂରକ୍ଷଣ ଓ ବନାଗ୍ନି ନିବାରଣ ପାଇଁ ଲୋକଙ୍କୁ ଅନୁରୋଧ କରିଥିଲେ। ପ୍ରକଳ୍ପ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଂଯୋଜକ ପୂର୍ଣ୍ଣ ଚନ୍ଦ୍ର ବେହେରା, କଲଣ୍ଡା ବନ ସୁରକ୍ଷା ସମିତିର ସଭାପତି ରାଜକିଶୋର ବାରିକ, ପର୍ଜନପୁର ସରପ ଡମ୍ବରୁଧର ମାଝୀ ସମେତ ସ୍ଥାନୀୟ କର୍ମକର୍ତ୍ତାଙ୍କ ମିଳିତ ସହଯୋଗରେ ୩୫୯ଟି ଶ୍ରମକାର୍ଡ ଓ ୨୯ଟି ଦକ୍ଷତା ବିକାଶ ପଂଜୀକରଣ ହୋଇଥିଲା। ଅତି ଶୀଘ୍ର ପଂଜୀକୃତ ଶ୍ରମକାର୍ଡ ଓ ଦକ୍ଷତା ବିକାଶ ତାଲିମ ପ୍ରଦାନର ବ୍ୟବସ୍ଥା କରାଯିବ। ଆଗାମୀ ଦିନରେ କେନ୍ଦୁଝର ବନଖଣ୍ଡ ଅଧିନସ୍ଥ ପାଖାପାଖି ୨୦୨ଟି ଗ୍ରାମ ପଞ୍ଚାୟତରେ ଏହିପରି ସଚେତନତା ଶିବିର ଆୟୋଜନ କରାଯାଇ ଶ୍ରମକାର୍ଡ ଓ ନିଯୁକ୍ତିର ସୁଯୋଗ ପହଞ୍ଚାଇବାକୁ ବନଖଣ୍ଡ ଅଧିକାରୀ ଧନରାଜ ଏଚ୍ ଡି ଲକ୍ଷ୍ୟ ରଖିଛନ୍ତି।

# ଡେଲାଙ୍ଗରେ ୧୦୦୬ ଜଣ ମାଟ୍ରିକ୍ ପରୀକ୍ଷା ଦେଲେ ୮ଜଣ ପରୀକ୍ଷାର୍ଥୀ ପ୍ରଥମ ଦିନରେ ଅନୁପସ୍ଥିତ

**ଡେଲାଙ୍ଗ, ୨୧।୨:** ଚିଳତ ବର୍ଷ ୨୦୨୫ ପାଇଁ ରାଜ୍ୟରେ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ(ମାଟ୍ରିକ) ପରୀକ୍ଷା ଶୁକ୍ରବାର ଠାରୁ ଆରମ୍ଭ ହୋଇଛି । ଏହି ମାଟ୍ରିକ୍ ପରୀକ୍ଷା ଫେବୃଆରୀ ୨୧ ରୁ ଆରମ୍ଭ ହୋଇ ମାର୍ଚ୍ଚ ୬ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ପରୀପେକ୍ଷୀରେ ଡେଲାଙ୍ଗ ବ୍ଲକରେ ପ୍ରଥମ ଦିନରେ ୨୩ଟି ଉଚ୍ଚ ବିଦ୍ୟାଳୟରୁ ୧ହଜାର୧୪ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧ହଜାର୬ଜଣ ପରୀକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ଦେଇଛନ୍ତି । ଡେଲାଙ୍ଗ ବ୍ଲକରେ ସମୁଦାୟ ୭ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର କରାଯାଇଛି । ସେଗୁଡିକ ହେଲା ରାଧାକାନ୍ତ ବିଦ୍ୟାପୀଠ ଷ୍ଟେସନ ବଜାର ବଜାର ଡେଲାଙ୍ଗ , ସରକାରୀ ବାଳିକା ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ ବେରବୋଇ, ମହତାବ ଉଚ୍ଚ ବିଦ୍ୟାଳୟ, ଘୋରଡିଆ ନୋଡାଲ ଉଚ୍ଚ ବିଦ୍ୟାଳୟ, ବିଶ୍ୱନାଥ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ , ସୋମନାଥ ଦେବ ବିଦ୍ୟାପୀଠ ହରିରାଜପୁର ରହିଛି । ନୋଡାଲ ସେଂଟର ଭାବେ ସରକାରୀ ବାଳିକା ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ଡେଲାଙ୍ଗ ହୋଇଥିବା ବେଳେ ୬ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦିଆଯାଇଛି । ସେହିପରୀ ନୋଡାଲ ସେଂଟର ପିପିଲି ଜବାହର ବିଦ୍ୟାପୀଠରୁ ସୋମନାଥ ଦେବ ବିଦ୍ୟାପୀଠ, ହରିରାଜପୁର କୁ ସାମିଲ ହୋଇଥିବା ନେଇ ବ୍ଲକ ସହ ଶିକ୍ଷାଧିକାରୀ ଲକ୍ଷ୍ମଣ ପ୍ରଧାନ ସୁଚନା ପ୍ରଦାନ କରିଛନ୍ତି ।



# ହାଇୱା ଧକ୍କାରେ ଜଣେ ମୃତ

**ଯୋଡ଼ା, ୨୧।୨:** କେନ୍ଦୁଝର ଜିଲ୍ଲା ଯୋଡ଼ା ସହର ଭିତର ଦେଇ ଯାଇଥିବା ଫ୍ଲାଏ ଓଭର ଉପରେ ଭୟଙ୍କର ଦୁର୍ଘଟଣା; ଚାପି ହୋଇ ଜଣେ ହାଇୱା ଡ୍ରାଇଭରଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତ ହାଇୱା ଡ୍ରାଇଭାରଙ୍କ ପରିଚୟ ମିଳପାରିନାହିଁ । ଦୁର୍ଘଟଣା ପରେ ଫ୍ଲାଏ ଓଭର ଉପରେ ଯାତାୟତ ସମ୍ପୂର୍ଣ୍ଣ ଭାବରେ ଠପ୍ ହୋଇଯାଇଛି। ଘଟଣା ସ୍ଥଳରେ ଯୋଡ଼ା ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଡ୍ରାଇଭରଙ୍କ ମୃତଦେହ ଉଦ୍ଧାର କରିଛନ୍ତି।

ସୂଚନା ଅନୁଯାୟୀ, ଗତ ରାତିରେ ଫ୍ଲାଏ ଓଭର ପିଲାର ନଂ ୫୯ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଘରୋଇ ଖଣି କମ୍ପାନୀ JSW ର ଏକ ହୋଲ୍ ପ୍ୟାକ୍ ଡାଲାକୁ ଗୋଟିଏ ଟ୍ରେଲରରେ ଲୋଡ୍ କରି ନିଆଯାଉଥିଲା। ତେବେ ହୋଲ୍ ପ୍ୟାକ୍ ଡାଲା ଅଧିକ ଓସାରିଆ ଥିବାରୁ କିଛି ଅଂଶ ଟ୍ରେଲରର ବାହାରକୁ ବାହାରି ରହିଥିଲା। ଏହି ସମୟରେ ସାମ୍ନାପଟୁ ଆସୁଥିବା ଏକ ଆଇରନ୍ ଓର୍ ବୋଝେଇ ହାଇୱା ଦ୍ରୁତ ଗତିରେ ଆସି ଟ୍ରେଲରରେ ଲୋଡ୍ ହୋଇଥିବା ହୋଲ୍ ପ୍ୟାକ୍ ଡାଲାକୁ ଜୋରଦାର ଟକ୍କର ମାରି ପଛପଟୁ ଆସୁଥିବା ଆଉ ଏକ ହାଇୱା ସହିତ ଧକ୍କା ହୋଇଥିଲା ଏବଂ ଗାଡ଼ି ଭିତରେ ଚାପି ହୋଇ ହାଇୱା ଡ୍ରାଇଭର ମୃତ୍ୟୁ ବରଣ କରିଥିଲେ। ତାଙ୍କ ଶରୀର ଖଣ୍ଡ ଖଣ୍ଡ ହୋଇ ଯାଇଥିଲା। ଦୁର୍ଘଟଣା ପରେ ଟ୍ରେଲର ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଛି। ତେବେ ରାତିରେ ଟ୍ରେଲରରେ ଲୋଡ୍ ହୋଇଥିବା ହୋଲ୍ ପ୍ୟାକ୍ ଡାଲା ବାହାରକୁ ବାହାରି ରହିଥିବା ଦେଖି ନ ପାରିବାରୁ ହାଇୱାଟି ଧକ୍କା ଦେଇଥିବା ଅନୁମାନ କରାଯାଉଛି । ଯୋଡ଼ା ପୋଲିସ୍ ଗାଡ଼ି ଗୁଡ଼ିକୁ ଜବ୍ଦ କରି ତଦନ୍ତ ଚଳାଇଛି।

# କୃଷକ କଲ୍ୟାଣକାରି ଯୋଜନାର ତଦାରଖ

**କେନ୍ଦୁଝର, ୨୧।୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ଚାଷୀମାନଙ୍କ ଆୟକୁ ଦୁଇ ଗୁଣା କରିବା ସହିତ ଚାଷୀମାନଙ୍କୁ ସମୃଦ୍ଧ କରିବା ପାଇଁ ବହୁ ପ୍ରକାରର କୃଷକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଛନ୍ତି। ଏହି ସବୁ କୃଷକ କଲ୍ୟାଣକାରୀ ଯୋଜନା ତୃଣମୂଳ ସ୍ତରରେ ସଠିକ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହାର ନିରୀକ୍ଷଣ ପାଇଁ ଗୁରୁବାର ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ କେନ୍ଦୁଝର ଜିଲ୍ଲା ଘଟଗାଁ ଓ ହରିଚନ୍ଦନପୁର ପ୍ରଭୃତି ବ୍ଲକର କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଘଟଗାଁ କୃଷି ଅଧିକାରୀ ରାଜେନ୍ଦ୍ର ଦାସ ଓ ହରିଚନ୍ଦନପୁର ବ୍ଲକର କୃଷି ଅଧିକାରୀ ପ୍ରମୋଦ କୁମାର ବିଶ୍ୱାଳ, ଜିଲ୍ଲା କୃଷି ଅଧିକାରୀ ସୁଧୀରଂଜନ ବେହେରାଙ୍କ ସମେତ ସମସ୍ତ କୃଷି କର୍ମଚାରୀମାନେ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ।

ଓଡିଶା ରାଜ୍ୟକୁ ଖାଦ୍ୟ ଶସ୍ୟରେ ଆତ୍ମନିର୍ଭରଶୀଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସରକାର ଚାଷୀମାନଙ୍କୁ ଆଳୁ ବିହନ, ମୁଗ, ବିରି, ଶୋରିଷ, ମଶୁର, ଶୋଲା, ମଟର ଓ ସୂର୍ଯ୍ୟମୁଖୀ ବିହନ ମାଗଣାରେ ଚାଷୀ ମାନଙ୍କୁ ଯୋଗାଇ ଦେଉଛନ୍ତି। ତତ୍ସହିତ ସାର ଓ କୀଟନାଶକ ମଧ୍ୟ ମାଗଣାରେ ଯୋଗାଇ ଦେଉଛନ୍ତି ବୋଲି ରାଜ୍ୟ ସଭାପତି ଶ୍ରୀ ସାହୁ କହିଛନ୍ତି। ଏହି ସବୁ ଜିନିଷ ସଠିକ ଚାଷୀ ମାନଙ୍କ ପାଖରେ ପହଞ୍ଚୁଛି କି ନାହିଁ ତାହାର ତଦାରଖ ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ କରିଥିଲେ। ବିହନ ପାଇ ଚାଷ କରିଥିବା କ୍ଷେତକୁ ମଧ୍ୟ ଯାଇ ଫସଲ ବୁଲି ଦେଖିଲେ। ଆଳୁ ଚାଷରେ ଓଡିଶା ରାଜ୍ୟକୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ଚାଷୀ ମାନଙ୍କୁ ବ୍ୟାପକ ଭାବେ ଆଳୁ ବିହନ ଯୋଗାଇ ଦେବା ସହିତ ହେକ୍ଟର ପିଛା ୫୮ ହଜାର ଟଙ୍କା ପ୍ରୋସାହନ ସହାୟତା ଦେବାର ବ୍ୟବସ୍ଥା କରାଯାଇଛି। ଏହି ପରିପ୍ରେକ୍ଷୀରେ ହରିଚନ୍ଦନପୁର ବ୍ଲକ ୨୭୦ ଜଣ ଚାଷୀ ଏକଶହ ଏକର ଜମିରେ ଚଳିତ ବର୍ଷ ଆଳୁ ଚାଷ କରିଛନ୍ତି। ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ଆଳୁ ଚାଷ କରିଥିବା କ୍ଷେତକୁ ଯାଇ ଫସଲ ପରିଦର୍ଶନ କରିବା ସହିତ ଆଳୁ ଫସଲ କିପରି ଚାଷୀ ମାନେ କରିଛନ୍ତି ଦେଖିଥିଲେ। ଏହି ପରିଦର୍ଶନ ସମୟରେ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟାକାରିଣୀ ସଦସ୍ୟ ଶ୍ରୀ ଶିଶିର ସାହୁ, ଅନନ୍ତ ସାହୁ, ଚତୁର୍ଭୁଜ ସାହୁ, ପ୍ରତାପରୁଦ୍ର ସାହୁ, ଅମର ସିଂ, ରବିନ୍ଦ୍ର କୁମାର ଦେହୁରୀ, ଗୋଲକ ବଳ, ଶରତ ଚନ୍ଦ୍ର ବେଜ, ମକରଧ୍ୱଜ ବେହେରା, ରୁଦ୍ରନାରାୟଣ ବେହେରା, ପ୍ରିତମ ରୋଶନ ମହାପାତ୍ର, ଅଜିତ ପାଣିଗ୍ରାହୀ, ଉତମ ପ୍ରଧାନ, ଉପେନ୍ଦ୍ର ଦାସ, ଶ୍ରୀବତ୍ସ ପାଇକରାୟ, ସଞ୍ଜୟ କୁମାର ମହାନ୍ତ, ମନୋଜ କୁମାର ମହାନ୍ତ, ସଞ୍ଜୟ କୁମାର ସାହୁ, ଜୟକୃଷ୍ଣ ମହାନ୍ତ, ନିର୍ମଳ ଚନ୍ଦ୍ର ପରିଡା, ତପନ କୁମାର ରାଉତ, ଦାମୋଦର ବାରିକ, ପ୍ରଣୟ କିଶୋର ମହାନ୍ତି, ମୁନା ବେଜ, ବିଜୟ କୁମାର ସାହୁ, ସୁରେନ୍ଦ୍ର ଖୁଣ୍ଟିଆ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଓ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।



ଶନିବାର, ୨୨ ଫେବୃଆରୀ, ୨୦୨୫, ଭୁବନେଶ୍ୱର
SATURDAY 22 FEBRUARY 2025, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ସମ୍ପାଦକୀୟ

## ବିଜେପି ସରକାରର ପ୍ରଥମ ବଜେଟ

ରାଜ୍ୟରେ ସରକାର ପରିବର୍ତ୍ତନ ପରେ ବିଜେପି ସରକାର ବିଧାନସଭାରେ ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପିତ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ହାତରେ ଅର୍ଥ ବିଭାଗର ରଖିଥିବାରୁ ନିଜେ ତାଙ୍କ ସରକାରର ୨୦୨୫-୨୬ ଆର୍ଥୀକ ବର୍ଷ ପାଇଁ ୨.୯୦ ଲକ୍ଷ କୋଟି ଟଙ୍କାର ବଜେଟ ଉପସ୍ଥାପନ କରିଛନ୍ତି । ବଜେଟରେ ମଧ ରାଜ୍ୟରେ କୃଷି ଓ କୃଷକର ବିକାଶ ଲାଗି ୩୭ ହଜାର ୮୩୮ କୋଟି ଟଙ୍କାର ସ୍ୱତନ୍ତ୍ର ବଜେଟ ରହିଛି । ରାଜ୍ୟ ବଜେଟରେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଗ୍ରାମୀଣ ବିକାଶ ଭିତିଭୂମି ଯୁବବର୍ଗଙ୍କ ପ୍ରତି ଗୁରୁତ୍ୱ ଦେବା ସହ ୧୬ଟି ନୂତନ ଯୋଜନା ସମ୍ପର୍କରେ ଘୋଷଣା କରିଛନ୍ତି । ଯାହାକି ରାଜ୍ୟ ସରକାରଙ୍କ ଭବିଷ୍ୟତ ଆଭିମୁଖ୍ୟ ବା କାର୍ଯ୍ୟକ୍ରମ ସମ୍ପର୍କରେ ସଂକେତ ପ୍ରଦାନ କରୁଛି । ସେହିପରି କୃଷି ବଜେଟରେ ଗତ ବର୍ଷ ତୁଳନାରେ ୧୨ପ୍ରତିଶତ ହୋଇଥିବାବେଳେ ଏଥିରେ କୃଷି ଓ କୃଷକର ବିକାଶ, ଜଳସେଚନ, ଶୀତଳ ଭଣ୍ଡାର ପ୍ରତିଷ୍ଠା ଏବଂ ଭିତିଭୂମି ବିକାଶକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଶୀତଳ ଭଣ୍ଡାର ଅଭାବରୁ ରାଜ୍ୟରେ ଆଳୁ, ଟମାଟୋ ଠାରୁ ଆରମ୍ଭ କରି ବିଭିନ୍ନ ପନିପରିବାର ଅଭାବୀ ବିକ୍ରି ଓ ଅଣ ଋତୁରେ ଦରବୃଦ୍ଧିରେ ଉଭୟ ଚାଷୀ ଓ ଖାଉଟି ଶିକାର ହେଉଛନ୍ତି । ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ଶୀତଳ ଭଣ୍ଡାର ପ୍ରତିଷ୍ଠା ଲକ୍ଷ୍ୟରେ ସରକାର ଯେଉଁ ବ୍ୟୟବରାଦ କରିଛନ୍ତି, ତାହା ମଧ କିଛି କମ୍ ନୁହେଁ, ତେବେ ଭବିଷ୍ୟତ ହିଁ ଏହାର ଫଳାଫଳ କହିବ । ଚଳିତ ବଜେଟରେ ରାଜ୍ୟ ସରକାର ୨୩,୬୧୫ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ଯେଉଁଥିରେ ମାଗଣା ସ୍ୱାସ୍ଥ୍ୟ ସେବାଠାରୁ ଆରମ୍ଭ କରି ଡାକ୍ତର, ନର୍ସଙ୍କ ଅଭାବ ପୂରଣ, ହସ୍‌ପିଟାଲଗୁଡିକରେ ଆଧୁନିକୀକରଣ, ଉନ୍ନତ ବା କୌଶଳର ପ୍ରୟୋଗ, ଭିତିଭୂମି ବିକାଶ, ନୂତନ ସ୍ୱାସ୍ଥ୍ୟ କେନ୍ଦ୍ର ଆଦି ପ୍ରତିଷ୍ଠା ପାଇଁ ବିନିଯୋଗ ହେବା ପ୍ରସ୍ତାବ ରହିଛି । ଏହା କିନ୍ତୁ ନିସନ୍ଦେହ ଯେ, ଡାକ୍ତର ଚିକିତ୍ସା କ୍ଷେତ୍ରରେ ଅଭାବ ଥିବା ସମୟରେ ଏବେ ଯେଉଁଭଳି ବିଭିନ୍ନ ମାରତ୍ମକ ରୋଗ ବ୍ୟାଧି ମାଡି ଆସୁଛି, ବ୍ୟୟ ବରାଦ ଅଧିକ ନୁହେଁ କି ଆଭିମୁଖ୍ୟ ମଧ ସ୍ପଷ୍ଟ ନୁହେଁ । ଏହା ମଧ ନିସନ୍ଦେହ ଯେ, ସରକାର ଶିକ୍ଷା କ୍ଷେତ୍ରକୁ ବଜେଟରେ ୪୧, ୨୭୩ କୋଟି ବ୍ୟୟ ଅଟକଳ କରାଯାଇଛି । ପ୍ରତିବର୍ଷ ବ୍ୟୟ ମଧ ବଢି ଚାଲିଛି । ନୂତନ, ସ୍କୁଲ, କଲେଜମାନ ଗଢି ଉଠୁଛି । ଏବେ ରାଜ୍ୟରେ ଜାତୀୟ ଶିକ୍ଷାନୀତି-୨୦୨୦ କାର୍ଯ୍ୟକାରୀ ହୋଇଛି । କିନ୍ତୁ ପ୍ରାଥମିକ ଶିକ୍ଷାର ମାନ ବଢୁନାହିଁ । ଅଷ୍ଟମ ଶ୍ରେଣୀର ପିଲାଙ୍କ ତୃତୀୟ ଶ୍ରେଣୀର ଅଙ୍କ ଆସୁନାହିଁ । ଭାତ ହାଣ୍ଡିରୁ ଗୋଟିଏ ଚିପିଲେ ଯଥେଷ୍ଟ ହେବା ଭଳି ରାଜ୍ୟରେ ପ୍ରାଥମିକ ଶିକ୍ଷାରମାନ ଦିନକୁ ଦିନ କମିବାରେ ଲାଗିଛି । ସେହିପରି ଉଚ୍ଚଶିକ୍ଷା କ୍ଷେତ୍ରରେ ମଧ ଅନୁରୂପ ଅବସ୍ଥା । ଯେଉଁଥିପାଇଁ ଉଚ୍ଚଶିକ୍ଷା ପାଇଁ ପିଲା ଅଭିଭାବକ ବେସରକାରୀ ଶିକ୍ଷାନୁଷ୍ଠାନ ମୁହାଁ । କେବଳ ଅର୍ଥମଂଜୁର କରି ବ୍ୟୟ ବରାଦ ବଢାଇଦେଲେ ହେବ ନାହିଁ, ଶିକ୍ଷାର ମାନ ବୃଦ୍ଧି ଆବଶ୍ୟକ । ଏହାର କାରଣ ଖୋଜି ନିରାକରଣ କରାଯିବା ସହ ଭିତିଭୂମୀର ବିକାଶ ପାଇଁ ଧ୍ୟାନ ଦିଆଯିବା ଜରୁରୀ । ସରକାର ବଜେଟରେ ଶିକ୍ଷା ପାଇଁ ବ୍ୟୟବରାଦ ବୃଦ୍ଧି କରିଛନ୍ତି । ମାତ୍ର ଏହାର ସୁବିନିଯୋଗ ଜରୁରୀ । ରାଜ୍ୟରେ ଦୃତ ଶିଳ୍ପାୟନ ପାଇଁ ସରକାର ଲକ୍ଷ୍ୟ କରିଛନ୍ତି । ଏଥିପାଇଁ ୮୦,୮୧୫ କୋଟି, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (ଏମଏସଏମଇ) ପାଇଁ ୭୫,୮୮୭ କୋଟି ଟଙ୍କା ବ୍ୟୟ ପ୍ରସ୍ତାବ ଦେଇଛନ୍ତି । ଉତ୍କର୍ଷ ଓଡିଶା ଜରିଆରେ ୧୬ଲକ୍ଷ କୋଟିର ପୁଞ୍ଜିନିବେଶ ପ୍ରସ୍ତାବ ପାଇଛନ୍ତି । ଶିଳ୍ପପାଇଁ ବର୍ଷକୁ ହଜାରେ ଏକ ଜମି ଅଧିଗ୍ରହଣ ଲକ୍ଷ୍ୟ ରଖିଛନ୍ତି । ତେବେ ଏହା କେତେ ସଫଳ ହେବ ଭବିଷ୍ୟତ କହିବ । ପୂର୍ବ ସରକାର ଷ୍ଟାର୍ଟ ଅପ୍ ଜରିଆରେ ଲକ୍ଷଲକ୍ଷ କୋଟି ଟଙ୍କାର ପ୍ରସ୍ତାବ ପାଇଥିଲେ, ମାତ୍ର ଏହାର କାର୍ଯ୍ୟାନ୍ୱୟନ ଅତ୍ୟନ୍ତ ନୈରାଶ୍ୟଜନକ । ଏମଏସଏମଇ କ୍ଷେତ୍ର ମଧ ଅନୁରୂପ । ରାଜ୍ୟରେ ବହୁ ଶିଳ୍ପାଂଚଳ ଗଢି ଉଠିଥିଲେ ମଧ ଏବେ ସେଠାରେ ଆଉ ଶିଳ୍ପ ନାହିଁ, ଜନବସତି ଏବଂ ବ୍ୟବସାୟିକ ଅନୁଷ୍ଠାନରେ ପରିଣତ ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହୋଇନପାରେ । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ବଜେଟରେ ନିଯୁକ୍ତି, ଲୋକଙ୍କ ଆୟବୃଦ୍ଧି, କୃଷକଙ୍କ ଆୟବୃଦ୍ଧି ନେଇ କିଛି ସୂଚନା ମିଳେ ନାହିଁ । ରାଜ୍ୟରେ ବେକାରୀ ବଢିଚାଲିଥିବାବେଳେ ଲୋକଙ୍କର କ୍ରୟ କମିବାର ସମାର୍ଥ୍ୟ କମିବାର ଲାଗିଛି । ଅନ୍ୟପକ୍ଷରେ ରାଜ୍ୟରେ କୃଷକଙ୍କ ଆୟ ଦେଶରେ ସବୁଠୁ ପଛରେ ରହିଛି । ସେହିପରି ପ୍ରତିବର୍ଷ ବଜେଟ ବ୍ୟୟବରାଦ ମଧ ବଢିବାରେ ଲାଗିଛି । କହିବା ବାହୁଲ୍ୟ ଯେ, ଗତ ବର୍ଷ ବଜେଟରେ ୨ଲକ୍ଷ ୬୫ହଜାର କୋଟି ବ୍ୟୟ ବରାଦ ହୋଇଥିଲା । ଗତ ଜାନୁୟାରୀ ସୁଦ୍ଧା ସେଥିରୁ ୧ଲକ୍ଷ କୋଟିରୁ ଅଧିକ ଅର୍ଥ ଖର୍ଚ୍ଚ ହୋଇପାରିନାହିଁ । ଆଉ ମାତ୍ର ୨ମାସ ୨୦୨୪-୨୫ ଆର୍ଥୀକ ବର୍ଷ ଶେଷ ହେବାକୁ ଯାଉଛି । ବାକି ଅର୍ଥ ବ୍ୟୟ କରିବା ଆଦୌ ସମ୍ଭବ ନୁହେଁ । ତେବେ ଏତେ ପରିମାଣର ବଜେଟ ଆଗତ କରିବାର କାରଣ କ'ଣ ବୁଝାପଡୁନାହିଁ । ସେହିପରି ପ୍ରତିବର୍ଷ ରାଜ୍ୟ ଋଣଭାର ବଢିଚାଲିଛି । ରାଜ୍ୟର ଋଣ ବୋଝ ଏବେ ୧,୩୪,୯୧୪ କୋଟିରେ ପହଁଚିଗଲାଣି । ଯାହାକି ମୋଟ ଋଣଭାର ଓ ସକଳ ଘରୋଇ ଉତ୍ପାଦର ଅନୁପାତ ୧୨.୭ ପ୍ରତିଶତ । ୨୦୨୫-୨୬ରେ ରାଜ୍ୟ ସରକାର ପ୍ରାୟ ୪୭,୪୦୦କୋଟି ଋଣ କରିବେ ବୋଲି ବଜେଟରେ ମୁଖ୍ୟମନ୍ତ୍ରୀ କହିଛନ୍ତି । ରାଜ୍ୟରେ ମୁଣ୍ଡପିଛା ଋଣ ଭାର ୨୮,୭୦୫ ଟଙ୍କାରେ ପହଁଚିବା ନେଇ ଆକଳନ କରାଯାଇଛି । କ୍ଷମତା ଓ ଭୋଟ ବ୍ୟାଙ୍କ ପାଇଁ ମାଗଣା ଯୋଜନା ଏବ ରାଜନୈତିକି ଦଳଗୁଡିକର ମୁଖ୍ୟ ଅସ୍ତ୍ରରେ ପରିଣତ ହୋଇଛି । ଯେଉଁଥିପାଇଁ କି ସରକାରଙ୍କୁ ଋଣ କରିବାକୁ ପଡୁଛି ଏବଂ ଋଣ ବୋଝ ବଢିବାରେ ଲାଗିଛି । ତେବେ ଏହା ସତ୍ୱେ ସରକାର ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ନେଇ ବଜେଟରେ ପ୍ରସ୍ତୁତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମାତ୍ର ସେଭଳି କୌଣସି ଝଲକ ନଥିବା ଭଳି ମନେହୁଏ । ବଜେଟ ହେଉଛି ବର୍ଷକ ପାଇଁ ରାଜ୍ୟର ଆୟ-ବ୍ୟୟର ହିସାବ । ବଜେଟ ଗତାନୁଗତିକ ନହୋଇ କାର୍ଯ୍ୟାନ୍ୱୟନରେ ପରିଣତ କରାଯିବା ଉଚିତ୍ । ଏଥିଲାଗି ରାଜନୈତିକ ନେତାଙ୍କ ଠାରୁ ଆରମ୍ଭ କରି ଅମଲାତନ୍ତ୍ର ଯାଏ ଇଚ୍ଛାଶକ୍ତି ଦରକାର । ଅନ୍ୟଥା ୨୦୩୬ ସୁଦ୍ଧା 'ସମୃଦ୍ଧ ଓଡିଶା' ଗଠନ ସ୍ୱପ୍ନ ହୋଇଯିବ ।

## ସତ୍ୟ ମଦ୍ୟପାୟୀ ଆଉ ଛଳନା ମଦ୍ୟପାୟୀ

### ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଏପରି ବଜାର ହାଟରେ ପୂର୍ବେ ଅବାଧରେ ମଦ୍ୟ ବା ମଦ୍ୟ ପରି ଦ୍ରବ୍ୟ ଉପଲବ୍ଧ ନଥିଲା । ବ୍ରିଟିଶ ପ୍ରଶାସନ ଏ ଦେଶରେ ଚାଲିବା ବେଳେ ବିଦେଶରୁ ବିଦେଶୀ ଅନେକ ଦ୍ରବ୍ୟ ଏ ଦେଶକୁ ଆସିବା ହୋଇଥିଲା ଓ ତାର ଗ୍ରାହକ ତତ୍କାଳ ସମ୍ଭ୍ରାନ୍ତ ରାଜା ରାଜୁଡ଼ା ଜମିଦାରମାନେ ବ୍ୟବହାର କରୁଥିଲେ । ରାଜା ମହାରାଜାଙ୍କ ନିମନ୍ତ୍ରିତ ଅତିଥ ଭବନ, ନିଜର ବାସସ୍ଥାନର ଶୟନ ଗୃହ, ବଡ଼ ବନ ହୋଟେଲ, ମହଲକୁ ରାଜାମହାରାଜ ଅତିଥି ହେବାକୁ ଆସନ୍ତି ଏଇଠାରେ ବିଲାତର ମଦ୍ୟ ମାନ ମିଳୁଥିଲା । ଭାରତରେ ସ୍ୱାଧୀନତା ହାସଲ ପରେ ଜମିଦାରୀ ଚାଲିଗଲା । ହେଲେ ସ୍ଥିତିବାନ ପ୍ରଜା ସଂଖ୍ୟା ବହୁ ଗୁଣିତ ହୋଇଗଲା । ଏହି ସ୍ଥିତିବାନମାନେ ଜମିର ମାଲିକ ହୋଇଯିବାରୁ ଏମାନେ ବି କନିଷ୍ଠ ଜମିଦାର ବା ନୂଆ ଜମିଦାର ହୋଇଗଲେ ଓ ଏମାନେ ରାଜାଙ୍କୁ ବା ସରକାରଙ୍କୁ ପ୍ରତ୍ୟକ୍ଷ କର ଦେବା ଆରମ୍ଭ କଲେ । ଆସ୍ତେ ଆସ୍ତେ ସାହେବ ଢ଼ଙ୍ଗ ଲୋକରେ ପ୍ରବେଶ କଲା ଲୋକେ ବିଦେଶୀ ମଦ୍ୟ ପାନ କଲେ । ବିଦେଶୀ ମଦ୍ୟ, ବିଲାତି ମଦ୍ୟ, ଫରେନ ଲିକୁଅର ଫଳରେ ଦେଶୀ ମଦ୍ୟ ଚୁଲେଇ ମାଲ ଖଜୁରୀ ତାଡ଼ି ଦେଶରେ ରହିଲେ ବି ବିଦେଶୀ ମଦ ଚାହିଦା ବଢ଼ିଗଲା ଓ ବ୍ରିଟିଶକୁ ତଡ଼ିବା ପାଇଁ ଯେଉଁ ବିଦେଶୀ ଦ୍ରବ୍ୟ ବର୍ଜନର ପ୍ରଚାର ଚାଲିଥିଲା ତାହା ସବୁ ଆସ୍ତେ ଆସ୍ତେ ବନ୍ଦ ହୋଇଗଲା । (କ୍ରମଶଃ)

# କୁମ୍ଭମେଳା : ପୂଣ୍ୟ ଘାଟର କଥା

### ତ୍ରିନାଥ ଓଝା

ପ୍ରୟାଗରାଜ କୁମ୍ଭମେଳାରେ ବିଶ୍ୱ ପ୍ରସିଦ୍ଧ କୁମ୍ଭମେଳା ଅନୁଷ୍ଠିତ ହେଉଥିବାବେଳେ ସମଗ୍ର ବିଶ୍ୱର ବିଭିନ୍ନ କୋଣ ଅନୁକୋଣରୁ ସାଧୁସନ୍ଥ, ମୁନୀଋଷି, ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ଏପରିକି ଅନ୍ୟ ଧର୍ମାବଲମ୍ବୀମାନେ ଏହି ଶାହୀ ସ୍ନାନ ବା ଅମୃତ ସ୍ନାନ ପାଇଁ ଆଗମନ କରୁଛନ୍ତି । ଖବରକାଗଜରେ ପ୍ରକାଶିତ ହୋଇଥିବା ଖବର ମୁତାବକ ଚଳିତ ବର୍ଷ ପ୍ରୟାଗରାଜରେ ୫୦ଟି ଘାଟ ପ୍ରସ୍ତୁତ ହୋଇଛି । ତେବେ ଅନେକଙ୍କ ଭିତରେ ଆଗ୍ରହ ରହିବା ସ୍ୱାଭାବିକ ଯେ ଏହି ଘାଟ ଗୁଡ଼ିକ ସବୁ କେଉଁଠି ଏବଂ ଏହାର ପରିପାର୍ଶ୍ୱିକ ଘଟଣାବଳୀ କ'ଣ ସବୁ ରହିଛି । ପ୍ରୟାଗରାଜର ସମସ୍ତ ଘାଟ ମଧ୍ୟରେ ନିଜସ୍ୱ ଓ ସ୍ୱତନ୍ତ୍ର ସ୍ଥାନରେ ରହିଛି ଦଶାଶ୍ୱମେଧ ଘାଟ । ଏହା ସବୁଠାରୁ ବଡ଼ ଘାଟର ମର୍ଯ୍ୟାଦା ପାଇଛି ବୋଲି ସୋସିଆଲ ମିଡ଼ିଆ ସାଇଟ କୁମ୍ଭ.ଇନରେ ପ୍ରକାଶିତ ହୋଇଛି । ସମସ୍ତଙ୍କ ଭିତରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଏହି ଦଶାଶ୍ୱମେଧର ଅର୍ଥର କ'ଣ? ଏହାର ଅର୍ଥ ହେଉଛି ଦଶ ଅଶ୍ୱମେଧ ଯଜ୍ଞପରି । ପୌରାଣିକ ବିଶ୍ୱାସ ଓ ବର୍ଷ ବର୍ଷର ଲୋକକଥା ଅନୁଯାୟୀ ଅନେକ ବର୍ଷ ତଳେ ଜଣେ ମହାନ ରାଜା ଏହିଠାରେ ଅଶ୍ୱମେଧ ଯଜ୍ଞ କରିଥିଲେ । ପରବର୍ତ୍ତୀ ସମୟରେ ଆଧ୍ୟାତ୍ମିକ ଶ୍ରଦ୍ଧାଳୁମାନଙ୍କ ଭିତରେ ବିଶ୍ୱାସ ଭରିରହିଲା ଯେ ଏହି ଘାଟରେ ଦିବ୍ୟ ସ୍ନାନ କରିବା ଦ୍ୱାରା ଈଶ୍ୱରଙ୍କ କୃପା ମିଳିଥାଏ ଏବଂ ଜଣେ ଦିବ୍ୟଶକ୍ତିର ଅଧିକାରୀ ହୋଇଥାଏ ।

ପ୍ରୟାଗରାଜର ଅନ୍ୟତମ ଦୃଷ୍ଟି ଆକର୍ଷଣକାରୀ ଓ ମର୍ଯ୍ୟାଦାବନ୍ତ ଘାଟ ଭିତରେ ସରସ୍ୱତୀ ଘାଟର ସ୍ୱତନ୍ତ୍ରତା ରହିଛି । ଲୋକ ବିଶ୍ୱାସ ଓ ପୁରାଣର କଥାବସ୍ତୁକୁ ଦେଖିଲେ ଜଣାଯାଏ ଯେ ବର୍ତ୍ତମାନ ବିଲୁପ୍ତ ହୋଇସାରିଥିବା ପବିତ୍ର ସରସ୍ୱତୀ ନଦୀର ମୂଳ ଉତ୍ସ ଏହି ଠାରେ ହିଁ ଥିଲା । ପବିତ୍ର କୁମ୍ଭମେଳା ଅବସରରେ ଏହି ଘାଟରେ ସ୍ନାନ କରିବା ପାଇଁ ଅନେକ ଆଧ୍ୟାତ୍ମିକ ଶ୍ରଦ୍ଧାଳୁଙ୍କ ଭିତରେ ଆଗ୍ରହ ଓ ଶ୍ରଦ୍ଧା ରହିଥାଏ । ଏହି ଘାଟର ବିଶେଷତ୍ୱ ହେଉଛି ଏଠାରେ ଅତି ବ୍ୟବସ୍ଥିତ ଓ ସୁନ୍ଦର ଭାବରେ ପାହାଚ ଗୁଡ଼ିକ ରହିଛି ଯେଉଁଠାରେ ଲୋକମାନେ ପୂଜା ନୈବେଦ୍ୟ ସମର୍ପଣ କରିବା ସହ ଏହା ତୀର୍ଥଯାତ୍ରୀ, ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ଓ ଅର୍ଘ୍ୟ ଦାନ କରିବା ପାଇଁ ଆସୁଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ବଡ଼ ଆକର୍ଷଣର କେନ୍ଦ୍ର ପାଲଟିଥାଏ ।

ପ୍ରୟାଗରାଜର ଅନ୍ୟତମ ଐତିହ୍ୟସମ୍ପନ୍ନ ଘାଟ ହେଉଛି କିଲ୍ଲା ଘାଟ । ତେବେ ସମସ୍ତଙ୍କ ଭିତରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ପ୍ରୟାଗରାଜରେ କିଲ୍ଲା ଶବ୍ଦର ଉଦ୍ଭବ କେଉଁଠୁ ହେଲା? ଐତିହାସିକ ଆକବର କିଲ୍ଲାର ସନ୍ନିକଟ ସ୍ଥଳରେ ଏହି ଘାଟଟି ଥିବାରୁ ଏହାର ନାମକରଣ କିଲ୍ଲା ଘାଟ ହୋଇଛି । ତେବେ ଏହି ଘାଟକୁ ଆସୁଥିବା ଲୋକମାନଙ୍କର ଆକର୍ଷଣର ପ୍ରମୁଖ କାରଣ ହେଉଛି ଏଠାରେ ଯୋଗ ପ୍ରାଣାୟମ ଓ ଧ୍ୟାନ କରି ଆଧ୍ୟାତ୍ମିକ ଶାନ୍ତି ପାଇବା ପାଇଁ ପର୍ଯ୍ୟାପ୍ତ ଓ ଆନନ୍ଦମୟ ସ୍ଥାନ ରହିଛି । ସନାତନ, ହିନ୍ଦୁ ସଂସ୍କୃତି ଓ ଈଶ୍ୱର ଚେତନା ପ୍ରତି ଗଭୀର ବିଶ୍ୱାସୀମାନେ ଏହି ଶାନ୍ତିପୂର୍ଣ୍ଣ ସ୍ଥାନରେ କିଛି ସମୟ ଅତିବାହିତ କରି ନିଜକୁ କର୍ମମୟ ସଂସାର ଜୀବନ ଠାରୁ ଦୂରେଇ ଶାନ୍ତି ପାଇବା ପାଇଁ ଚେଷ୍ଟିତ ହୋଇଥାନ୍ତି । ଏହି ଘାଟରେ ପ୍ରାୟତଃ ବର୍ଷ ତମାମ ନିୟମିତ ଗହଳି ଓ ଭିଡ଼ ପରିଲକ୍ଷିତ ହୋଇଥାଏ ।

ପ୍ରୟାଗରାଜର ମହାକୁମ୍ଭ ସମୟରେ ରସୁଲାବାଦ ଘାଟ ଅନେକଙ୍କ ପାଇଁ ଏକ ସ୍ମରଣୀୟ ଓ ପବିତ୍ରତମ ଘାଟ ଭାବେ ପରିଚିତ । ତେବେ ଏହି ଘାଟର ଗୁରୁତ୍ୱ ଅନ୍ୟ ସାଧାରଣ ଦିନ ଠାରୁ କୁମ୍ଭମେଳା ସମୟରେ ଅଧିକ ପ୍ରତୀୟମାନ ହୋଇଥାଏ । ବର୍ଷ ତମାମ ଏହି ଘାଟଟି ଶ୍ରାଦ୍ଧ, ସମର୍ପିତ ପିଣ୍ଡଦାନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ଏକ ପ୍ରସିଦ୍ଧ ଓ ମନ ପସନ୍ଦର ଘାଟ । ଏଠାରେ ନିଜ ପୂର୍ବଜଙ୍କୁ ଭକ୍ତି ସମର୍ପଣ ପୂର୍ବକ ଅର୍ଘ୍ୟ ଓ ପିଣ୍ଡଦାନ କରି ଆତ୍ମ ବିଶ୍ୱାସର ସହିତ ଶ୍ରଦ୍ଧାଳୁମାନେ ଘରକୁ ଫେରିଥାନ୍ତି । ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଶାନ୍ତି ବିରାଜମାନ ହେଉଥାଏ କାରଣ ଏଠାରେ ଅଧିକ ଗହଳି ଚହଳି ସେପରି ଦେଖାଦେଇନଥାଏ ।

ଆସ୍ଥା ଓ ବିଶ୍ୱାସର ପବିତ୍ର ମହାକୁମ୍ଭରେ ଜ୍ଞାନଗଙ୍ଗା ଘାଟ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ସାଧାରଣତଃ ପ୍ରଶ୍ନଟି ଉଠେ ଯେ ଜ୍ଞାନଗଙ୍ଗା ଶବ୍ଦ ମାନେ କ'ଣ? ଯେଉଁଠି ଜ୍ଞାନର ଗଙ୍ଗା ସ୍ରୋତସ୍ୱିନୀ ପରି ଚିରପ୍ରବାହିତ ସେଇ ଘାଟକୁ ହିଁ ଜ୍ଞାନଗଙ୍ଗା ଘାଟ କୁହାଯାଏ । ବର୍ଷ ବର୍ଷର ବିଶ୍ୱାସ ଉଜ୍ଜୀବିତ ରହିଛି ଯେ ଏହି ଘାଟକୁ ମୋକ୍ଷ ପ୍ରାପ୍ତିର ଦିବ୍ୟ ଘାଟ ଭାବେ ବିଶ୍ୱାସ କରାଯାଏ । ଦିନ ଥିଲା ଏହି ଘାଟରେ ଆମ ମହାନ ଆର୍ଯ୍ୟ ସନାତନ ସଂସ୍କୃତିର ନମସ୍ୟ ଉପାସକ ମୁନୀ, ଋଷି, ସିଦ୍ଧ ସାଧକମାନେ ବର୍ଷ ବର୍ଷ ଧରି କଠୋର ତପସ୍ୟା ସାଧନ କରି ଜ୍ଞାନପ୍ରାପ୍ତି ହୋଇଥିଲେ । ପ୍ରୟାଗରାଜରେ ଯେ କେହି ଆଗମନ କରୁଥିଲେ ଜ୍ଞାନଗଙ୍ଗା ଘାଟକୁ ନିଶ୍ଚିନ୍ତ ଭାବରେ ଥରେ ଆସି ଏଠାରେ କିଛି ସମୟ ଅତିବାହିତ କରିବା ପାଇଁ ସଂକଳ୍ପ ରଖିଥାନ୍ତି ।

ପ୍ରୟାଗରାଜର ଅନ୍ୟତମ ଚଳ ଚଞ୍ଚଳ ଓ ବ୍ୟସ୍ତପୂର୍ଣ୍ଣ ତଥା ସବୁବେଳେ ଲୋକବାକ ଭରି ରହିଥିବା ଘାଟଟି ହେଉଛି ନୌକାଯାନ ଘାଟ । ଏହି ଘାଟର ନାମଟି ନୌକାଯାନ ଶବ୍ଦରୁ ରହିଥିବାରୁ ଏହା ବାସ୍ତବିକ ନୌକା ବିହାର ଓ ବିଭିନ୍ନ ପ୍ରକାର ବୋଟିଂ ପାଇଁ ଶ୍ରଦ୍ଧାଳୁମାନଙ୍କୁ ଏଠାକୁ ଏକ ପ୍ରକାର ଭିଡ଼ି ଆଣିଥାଏ କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ଘାଟରୁ ପ୍ରାୟତଃ ତମାମ ତ୍ରିବେଣୀ ସଙ୍ଗମ ବା ପ୍ରୟାଗରାଜର ସମସ୍ତ ଦୃଶ୍ୟ ଅନେକ ଦୂରରୁ ଶ୍ରଦ୍ଧାଳୁ ମାନଙ୍କୁ ବିମୁଗ୍ଧ କରିଥାଏ । ଯାହାପାଇଁ ଏହି ଘାଟଟି ସବୁବେଳେ ଚଳଚଞ୍ଚଳ ରହିଥାଏ । ଆପଣ କୁମ୍ଭମେଳାକୁ ଆସୁଥିଲେ ନିଶ୍ଚିନ୍ତ ଭାବରେ ଏହି ଘାଟ ମାନଙ୍କର ଦର୍ଶନ କରି ସେଠାରେ କିଛି ସମୟ ଅତିବାହିତ କରି ଆଧ୍ୟାତ୍ମିକ ଶାନ୍ତି ପାଇପାରିବେ ।

ଆବାହକ, ଚମ୍ପାନାରାୟଣ ଚାରିଟେବୁଲ ଟ୍ରଷ୍ଟ, ଧବଳେଶ୍ୱର
ଗଡ଼ା, କଟକ, ଦୂରଭାଷ :୯୨୩୮୬୦୨୮୨୫
ଇ-ମେଲ : ଶ୍ରକ୍ସଭବଗ୍ଧଷ୧୨୩କୁହଷବଅଶଙ୍କବସକ୍ଷ.ମକ୍ଟଙ୍କ

# ମ୍ୟୁନିକରେ ଜୟଶଙ୍କରଙ୍କ ଜବାବ

### ସୌମେନ୍ଦ୍ର ଜେନା

ଜର୍ମାନୀର ମ୍ୟୁନିକ ସହରରେ ପ୍ରତିବର୍ଷ ବିଶ୍ୱନେତାମାନଙ୍କର ସୁରକ୍ଷା ସଂକ୍ରାନ୍ତୀୟ ମତ ଜାଣିବାକୁ ମ୍ୟୁନିକ ସୁରକ୍ଷା ଆଲୋଚନାର ଆୟୋଜନ କରାଯାଇଥାଏ । ଭାରତର ନେତା ଏଥିରେ ପ୍ରାୟତଃ ଯାଇଥାଆନ୍ତି । ଚଳିତବର୍ଷ ଭାରତର ବିଦେଶମନ୍ତ୍ରୀ ଏସ୍.ଜୟଶଙ୍କର ଏହି ସୁରକ୍ଷା ଆଲୋଚନାରେ ଅଂଶଗ୍ରହଣ କରି ଏବେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି । ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ପରି ସେ ମଧ ୟୁରୋପର ନେତାମାନଙ୍କୁ ସମାଲୋଚନା କରିବାକୁ ପଛାଇନାହାନ୍ତି । ଆଲୋଚନାରେ ୟୁରୋପୀୟ ରାଷ୍ଟ୍ରଗୁଡିକର ଦୋହରା ବିଚାର, ଦୋହରା ଚରିତ୍ରକୁ ସେ କଠୋର ସମାଲୋଚନା କରିବା ସହ ସେମାନଙ୍କ ଭ୍ରାନ୍ତଧାରଣାକୁ ଅଙ୍ଗୁଳି ଦର୍ଶାଇଛନ୍ତି । ଅତୀତ ଦିନମାନଙ୍କରେ ସେମାନଙ୍କ ମନରେ ଥିବା ଅହଂକାର ଭାବ ଯେପରି ଥିଲା ଏବେ ମଧ ସେହିପରି ରହିଥିବା କଥା ସେ କହିଛନ୍ତି । ୟୁରୋପର ରାଷ୍ଟ୍ରଗୁଡିକ ଯେମିତି ଅନ୍ୟରାଷ୍ଟ୍ରଗୁଡିକୁ ଦେଖୁଛନ୍ତି ଯଦି ସେମାନେ ସମାନ ଢଙ୍ଗରେ ଦେଖିବାକୁ ଆରମ୍ଭ କରିବେ ତେବେ ପରିସ୍ଥିତି ଜଟିଳ ହେବ ଏବଂ ସେମାନେ ତାହା ସହ୍ୟ କରିପାରିବେ ନାହିଁ ବୋଲି ପରୋକ୍ଷରେ ଇଙ୍ଗିତ ଦେଇ ସେ ବୁଝାଇ ଦେଇଛନ୍ତି ।

ଆଲୋଚନା ମାଧ୍ୟମରେ ଶାନ୍ତି ସ୍ଥାପନ ଉଦ୍ଦେଶ୍ୟରେ ଜର୍ମାନୀର ମ୍ୟୁନିକ ସହରରେ ୧୯୬୩ରୁ ପ୍ରତିବର୍ଷ ମ୍ୟୁନିକ ସୁରକ୍ଷା ସମ୍ମିଳନୀ ଅନୁଷ୍ଠିତ ହୋଇଆସୁଛି । ପୂର୍ବରୁ ଏହାର ନାମଥିଲା "ମ୍ୟୁନିକ କନ୍‌ଫରେନ୍ସ ଅନ୍ ସିକ୍ୟୁରିଟୀ ପଲିସି" । ଏଡୱାର୍ଡ ହେନରିକ ଭନ୍ କ୍ଲେଷ୍ଟ ସ୍କେମେନଜିନ ଥିଲେ ଏହାର ପ୍ରତିଷ୍ଠାତା । ଏବେ ଖ୍ରୀଷ୍ଟୋଫ ହେସଜେନ୍ ଏହାର ଅଧ୍ୟକ୍ଷ ରହିଛନ୍ତି । ପ୍ରତିବର୍ଷ ପ୍ରାୟ ୭୦ଟି ଦେଶରୁ ୩୫୦ରୁ ଅଧିକ ପ୍ରମୁଖ ବ୍ୟକ୍ତିତ୍ୱ ଏହି ସମ୍ମିଳନୀରେ ଯୋଗଦାନ କରି ବର୍ତ୍ତମାନ ଏବଂ ଭବିଷ୍ୟତର ସୁରକ୍ଷା ପାଇଁ ଆହ୍ୱାନ ବିଷୟରେ ଆଲୋଚନା କରିଥାନ୍ତି । ଏହାର ପ୍ରତିନିଧିମାନଙ୍କ ମଧ୍ୟରେ ରାଷ୍ଟ୍ରମୁଖ୍ୟ, ସରକାରଙ୍କ ପ୍ରତିନିଧି, ଅନ୍ତରାଷ୍ଟ୍ରୀୟ ସଂଗଠନ, ମନ୍ତ୍ରୀ, ସାଂସଦ, ସେନାବାହିନୀର ବରିଷ୍ଠ ଅଧିକାରୀ, ବୈଜ୍ଞାନିକ, ନାଗରିକ ସଂଗଠନ, ବାଣିଜ୍ୟ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥାନ୍ତି । ଜର୍ମାନୀ ଅନ୍ତର୍ଗତ ବାଭାରିଆସ୍ଥିତ ବେୟେରିଶ୍ଚର ହୋଫ୍ ହୋଟେଲରେ ପ୍ରତିବର୍ଷ ଫେବୃଆରୀ ମାସରେ ସମ୍ମିଳନୀ ଅନୁଷ୍ଠିତ ହୋଇଥାଏ । ନାଟୋ ସେକ୍ରେଟାରୀ ଜେନେରାଲ ଜେନ୍ସ ଷ୍ଟୋଲେଟେନବର୍ଗ ୨୦୨୫ରୁ ଏହାର ଅଧ୍ୟକ୍ଷ ରହିବେ ବୋଲି ଅକ୍ଟୋବର ୨୦୨୪ରେ ନିଷ୍ପତ୍ତି ହୋଇଥିଲା । ୨୦୨୨ରୁ ଜର୍ମାନୀର କୂଟନୀତିଜ୍ଞ ଖ୍ରୀଷ୍ଟୋଫ ହେସଜେନ୍ ଏହି ସମ୍ମିଳନୀର ନେତୃତ୍ୱ ନେଇଆସିଛନ୍ତି । ସେ ଜର୍ମାନୀର ରାଷ୍ଟ୍ରଦୂତ ଭାବେ ଜାତିସଂଘର ନିଉୟର୍କ କାର୍ଯ୍ୟାଳୟଠାରେ ୨୦୧୭ରୁ ୨୦୨୧ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ଜର୍ମାନୀର ପୂର୍ବତନ ଶାସନମୁଖ୍ୟ ଏଞ୍ଜେଲା ମାର୍କେଲଙ୍କ ବିଦେଶନୀତି ଏବଂ ସୁରକ୍ଷା ପରାମର୍ଶଦାତା ଭାବେ ସେ କାର୍ଯ୍ୟ କରିଥିଲେ । ୧୯୮୦ରେ ସେଣ୍ଟ ଗାଲେନ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଲାଭ କଲାପରେ ହେସଜେନ୍ ପଶ୍ଚିମ ଜର୍ମାନୀର କୂଟନୀତିକ ସେବାରେ ଯୋଗଦାନ କରିଥିଲେ । ବ୍ରୁସେଲ୍ସଠାରେ ଥିବା ୟୁରୋପୀୟ କାର୍ଯ୍ୟାଳୟରେ ଜର୍ମାନୀର ପ୍ରତିନିଧି ଭାବେ ୧୯୯୯ ରୁ ୨୦୦୫ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ ।

ମ୍ୟୁନିକ ସୁରକ୍ଷା ସମ୍ମିଳନୀରେ ନାଟୋ ସଦସ୍ୟ ରାଷ୍ଟ୍ରର ପ୍ରତିନିଧି, ୟୁରୋପୀୟ ସଂଘ, ଚୀନ, ଆମେରିକା, ଜାପାନ,ଭାରତ, ଇରାନ, ଦକ୍ଷିଣ କୋରିଆ, ରୁଷିଆର ପ୍ରତିନିଧିଙ୍କୁ ଆଲୋଚନା ପାଇଁ ନିମନ୍ତ୍ରଣ କରାଯାଇଥାଏ । ଏହି ସମ୍ମିଳନୀ ମୂଳତଃ ବେସରକାରୀ ସ୍ତରରେ ଆୟୋଜିତ ହୋଇଥାଏ ।




ଜର୍ମାନୀ ସରକାରଙ୍କର ଏଥିରେ ବିଶେଷ ଭୂମିକା ନଥାଏ । ଚଳିତବର୍ଷ ଅନୁଷ୍ଠିତ ସୁରକ୍ଷା ସମ୍ମିଳନୀରେ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ଭାରତର ବିଦେଶମନ୍ତ୍ରୀ ଜୟଶଙ୍କର ଯୋଗଦାନ କରି ନିଜର ରୋକଠୋକ୍ ଜବାବ ରଖିଥିଲେ, ଯାହା ଏବେ ଗଣମାଧ୍ୟମରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । କାରଣ ଆମେରିକାର ଉପରାଷ୍ଟ୍ରପତି ୟୁକ୍ରେନ ଯୁଦ୍ଧ ମାମଲାରେ ୟୁରୋପୀୟ ରାଷ୍ଟ୍ରଗୁଡିକୁ ସମାଲୋଚନା କରିବା ସହ ସେମାନେବିଦେଶୀଙ୍କ ଅନୁପ୍ରବେଶ ପାଇଁ ଯେପରି ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି ତାହା ସେମାନଙ୍କ ପାଇଁ ଆଗାମୀ ଦିନରେ ସମସ୍ୟାର ମୂଳକାରଣ ହେବ ବୋଲି କହିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ପୂର୍ବରୁ ଏଲନ ମସ୍କ ମଧ ଏହି ବିଷୟରେ କଠୋର ମନ୍ତବ୍ୟ ଦେଇସାରିଛନ୍ତି । ୟୁରୋପୀୟ ରାଷ୍ଟ୍ରଗୁଡିକର ଇସଲାମୀକରଣ, ସରିୟାକରଣ, ବ୍ରିଟେନରେ ସେକ୍ସ ଜିହାଦ, ଇସଲାମିକ ଜିହାଦି ଗୋଷ୍ଠୀଗୁଡିକର କାର୍ଯ୍ୟକଳାପ ଯୋଗୁ ୟୁରୋପ ଆଉ ଏକ ସଂଘର୍ଷର ସମ୍ମୁଖୀନ ହୋଇଥିବା କଥା ସେ କହିଥିଲେ । ସାଂସ୍କୃତିକ ଭିନ୍ନତା ଏବଂ ଜିହାଦି ମାନସିକତା ଯୋଗୁ ଯେମିତି ଇସ୍ରାଏଲ ପାଲେଷ୍ଟାଇନରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ହୋଇପାରୁନାହିଁ ସେମିତି ୟୁରୋପରେ ମୁସଲିମ ଜିହାଦି ଅନ୍ୟମାନଙ୍କୁ ଶାନ୍ତିରେ ରଖାଇଦେବେ ନାହିଁ ବୋଲି ମସ୍କ ପରୋକ୍ଷରେ ପ୍ରକାଶ କରିସାରିଛନ୍ତି । ବିଗତ ଦିନମାନଙ୍କରେ ୟୁରୋପର ଭିନ୍ନ ଭିନ୍ନ ରାଷ୍ଟ୍ରରେ ଜିହାଦି ଆକ୍ରମଣ, ଗାଡି ଚଢାଇ ହତ୍ୟା, ପୋଡାଜଳା, ଲୁଟତରାଜ, କୋରାନକୁ ବିରୋଧ କରୁଥିବା ବ୍ୟକ୍ତିଙ୍କ ହତ୍ୟା, ମହମ୍ମଦଙ୍କ କାର୍ଟୁନ ଆଙ୍କିଥିବା ଯୋଗୁ ହତ୍ୟା,ଶ୍ରେଣୀ ଗୃହ ମଧ୍ୟରେ ଶିକ୍ଷକଙ୍କୁ ଆକ୍ରମଣ, ହିଜାବ ପିନ୍ଧିବା ପାଇଁ ଦାବି ପରି ଅନେକ ଘଟଣା ଦୃଷ୍ଟିକୁ ଆସିଛି । ଅଷ୍ଟ୍ରେଲିଆରେ ପାଲେଷ୍ଟାଇନ ଶରଣାର୍ଥିଥିବା ଜଣେ ଡାକ୍ତର ଏବଂ ନର୍ସ କିପରି ଜଣେ ଇସ୍ରାଏଲୀ ରୋଗୀକୁ ହତ୍ୟାକରିବା ପାଇଁ ସୋସିଆଲ ମିଡିଆରେ ଘୋଷଣା କରିଥିଲେ ତାହା ସମସ୍ତଙ୍କ ଦୃଷ୍ଟିକୁ ଆସିଛି । ଅତୀତରେ ଅଣମୁସଲିମ ରୋଗୀମାନଙ୍କୁ ସଂପୃକ୍ତ ନର୍ସଜଣକ ହତ୍ୟାକରିଥିବା ଘଟଣା ମଧ ଅନୁସନ୍ଧାନରୁ ଦୃଷ୍ଟିକୁ ଆସିଲାଣି । ତେଣୁ ମୁସଲିମ ନର୍ସ ଏବଂ ଡାକ୍ତରମାନଙ୍କୁ ନିଯୁକ୍ତି ପ୍ରଦାନ କରିଥିବା ୟୁରୋପର ଡାକ୍ତରଖାନାଗୁଡିକ ଏବେ ଚିନ୍ତାରେ ପଡିଛନ୍ତି । ଜିହାଦି ଗୋଷ୍ଠୀଗୁଡିକ ମୁସଲିମ ଡାକ୍ତର ଏବଂ ନର୍ସଙ୍କ ମାଧ୍ୟମରେ ଅଣମୁସଲିମଙ୍କୁ ହତ୍ୟା କରିବାକୁ ଯୋଜନା କରୁଥିବା ଜଣାପଡିଛି । ବ୍ରିଟେନରେ କାର୍ଯ୍ୟରତ ଜଣେ ମୁସଲିମ ମହିଳା ଡାକ୍ତର କିପରି ପାଲେଷ୍ଟାଇନ ହାମାସକୁ ସମର୍ଥନ କରି ଇସ୍ରାଏଲୀଙ୍କୁ ଘୃଣା କରୁଛନ୍ତି ତାହା ପ୍ରକାଶ କରିଛନ୍ତି । କେରଳର ଅନେକ ମୁସଲିମ ନର୍ସ ଭାରତର ଡାକ୍ତରଖାନାଗୁଡିକରେ ନିଯୁକ୍ତ ଥିବାବେଳେ ଏହି ସମସ୍ୟା ମଧ ଜଟିଳ ହେବାର ସମ୍ଭାବନା ରହିଛି ।

ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଜର୍ମାନୀର ରାଷ୍ଟ୍ରବାଦୀ ବିରୋଧୀ ଦଳର ପ୍ରତିନିଧିଙ୍କୁ ସାକ୍ଷାତ କରିବା ପରେ ରାଜନୈତିକ ଉଷ୍ମତା ବଢିଛି । ଚଳିତ ଫେବୃଆରୀ ୨୩ରେ ଜର୍ମାନୀରେ ନିର୍ବାଚନ ହେବାକୁ ଯାଉଥିବା ହେତୁ ରାଷ୍ଟ୍ରପତି ସ୍କଲଜଙ୍କ ବିରୋଧୀ ଏଏଫ୍‌ଡି ଦଳର ପ୍ରତିନିଧିଙ୍କୁ ଭାନ୍ସ ଭେଟିବା ଗାତ୍ରଦାହର କାରଣ ହୋଇଛି । ୟୁରୋପର ନେତାମାନେ ୟୁକ୍ରେନ ମାମଲା ଆଲୋଚନା କରିବାକୁ ଯୋଜନା କରୁଥିଲା ବେଳେ ଟ୍ରମ୍ପ ପ୍ରଶାସନର ମସ୍କ ଓ ଭାନ୍ସ ଯୋଡି ଯେମିତି ଏକପ୍ରକାର ୟୁରୋପରେ ନିଆଁ ଲଗାଇ ଦେଇଛନ୍ତି କହିଲେ ଠିକ୍ ହେବ । ଠିକ୍ ସେମିତି ଭାରତର ବିଦେଶମନ୍ତ୍ରୀ ଏସ୍.ଜୟଶଙ୍କର ମଧ ଆଲୋଚନା କାଳରେ ୟୁରୋପୀୟ ନେତାମାନଙ୍କର ସୀମିତ ଦୃଷ୍ଟିକୋଣକୁ ସମାଲୋଚନା କରିବାକୁ ଭୁଲି ନଥିଲେ । ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକ ଯେପରି ବୟାନବାଜି କରୁଛନ୍ତି ଜୟଶଙ୍କର ତାର କଠୋର ସମାଲୋଚନା କରିଥିଲେ । ସେ କହିଥିଲେ ଭାରତ ପୃଥିବୀର ସବୁଠୁ ବଡ ଦେଶ । ଭାରତର ଜନସାଧାରଣ ଗଣତନ୍ତ୍ରରେ ବିଶ୍ୱାସ କରିଆସିଛନ୍ତି । ତେଣୁ ପୂର୍ବାପେକ୍ଷା ଏବେ ଅଧିକରୁ ଅଧିକ ଲୋକ ଭୋଟ ଦେବାକୁ ଆସୁଛନ୍ତି । ନିକଟରେ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଭୋଟଦେଇଥିବା ଜୟଶଙ୍କର ନିଜ ଆଙ୍ଗୁଠି ଦେଖାଇ ନିର୍ବାଚନର କାଳିଦାଗ ଏବେ ବି ଅଛି ବୋଲି କହିଥିଲେ । ଭାରତରେ ଗଣତାନ୍ତ୍ରିକ ବ୍ୟବସ୍ଥା ସଙ୍କଟରେ ନଥିବା ସମୟରେ ୟୁରୋପୀୟ ରାଷ୍ଟ୍ରଗୁଡିକ ଏବଂ ସେମାନଙ୍କ କୂଟନୀତିଜ୍ଞମାନେ ଯେପରି ଏହାକୁ ଏକ ବିଷୟ ଭାବେ ଗ୍ରହଣକରି ଭାରତର ଆଭ୍ୟନ୍ତରୀଣ ମାମଲାରେ ହସ୍ତକ୍ଷେପ କରିବାକୁ ଚେଷ୍ଟା କରୁଛନ୍ତି ଜୟଶଙ୍କର ତା'ର ସମାଲୋଚନା କରିଥିଲେ । ସମାନ କାର୍ଯ୍ୟ କରିବାକୁ ୟୁରୋପୀୟ ରାଷ୍ଟ୍ରଗୁଡିକରେ ନିଯୁକ୍ତ ଭାରତର ରାଷ୍ଟ୍ରଦୂତମାନଙ୍କୁ କୁହାଗଲେ ଆପଣମାନେ ଗ୍ରହଣ କରିବେକି ବୋଲି ସେ ପାଲଟା ପ୍ରଶ୍ନ ପଚାରି ସମସ୍ତଙ୍କ ପାଟି ବନ୍ଦ କରି ଦେଇଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ କୋର୍ଟଙ୍କ ରାୟ ଯୋଗୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଦୁର୍ନୀତି ଅଭିଯୋଗରେ ଜେଲକୁ ଯିବାପରେ ଭାରତରେ ନିଯୁକ୍ତ କିଛି ୟୁରୋପର ରାଷ୍ଟ୍ରଦୂତ ସେହି ମାମଲାର ସମାଲୋଚନା କରିଥିଲେ । ଭାରତର ଅଦାଲତର ରାୟକୁ ସମ୍ମାନ ଦେଉନଥିବା ବିଦେଶୀ କୂଟନୀତିଜ୍ଞଙ୍କୁ ନୂଆଦିଲ୍ଲୀର ବୈଦେଶିକ ବିଭାଗର କାର୍ଯ୍ୟାଳୟ ପକ୍ଷରୁ ସମନ ଜାରି କରାଯାଇ ଚେତାବନୀ ଦିଆଯାଇଥିଲା । ଠିକ୍ ସେମିତି କାଶ୍ମୀରର ନିର୍ବାଚନ ଜାରିଥିବା ସମୟରେ କେତେକ ୟୁରୋପୀୟ କୂଟନୀତିଜ୍ଞ କାଶ୍ମୀରକୁ ଗସ୍ତକରି ସେଠାରେ ମୁସଲିମନେତାମାନଙ୍କୁ ସାକ୍ଷାତ କରିଥିଲେ । ସେ ସମୟରେ ଭାରତ ସରକାର ତାକୁ ବିରୋଧ କରିଥିଲେ । ଏହାଛଡା ଋଷୀ ଆନ୍ଦୋଳନ ସମୟରେ ବିଦେଶୀ କୂଟନୀତିଜ୍ଞମାନେ ଆନ୍ଦୋଳନକାରୀଙ୍କୁ ସାକ୍ଷାତ କରି ଆଲୋଚନା କରିବା ଦେଖାଯାଇଥିଲା । ମଣିପୁର ମାମଲାରେ ମଧ ବିଦେଶୀ ପର୍ଯଟକମାନେ ଏବଂ କୂଟନୀତିଜ୍ଞମାନେ ହସ୍ତକ୍ଷେପ କରିବା ଦୃଷ୍ଟିକୁ ଆସିଥିଲା । କେବଳ ସେତିକି ନୁହେଁ ଭାରତର ରାଜନୀତିକୁ ପ୍ରଭାବିତ କରିବା ପାଇଁ ଅତୀତରେ ହଜାର ହଜାର କୋଟିର ସହାୟତା ଭାରତକୁ ଆମେରିକା ଏନ୍‌ଜିଓଗୁଡିକ ମାଧ୍ୟମରେ ପଠାଇଥିବା ଏବଂ କେବଳ ଜୋ ବାଇଡେନଙ୍କ ଶାସନର ଋରିବର୍ଷରେ ଅନେକ ଅର୍ଥ ସରକାର ବଦଳାଇବା ପାଇଁ ଆସିଥିବା ବିଷୟ ଏବେ ଖୋଦ୍ ଏଲନ୍ ମସ୍କ ଆମେରିକାର ସରକାରୀ ଦଲିଲ କାଢି ଦର୍ଶାଇଛନ୍ତି । ମୋଦି ବିରୋଧୀ ବାଇଡେନ ପ୍ରଶାସନ ଏବଂ ତାଙ୍କ ଅଧିକାରୀ ଡୋନାଲଡ ଲୁ ଏଥିପାଇଁ କେତେ ପ୍ରୟାସ କରିଥିଲେ ତାହା ପୂର୍ବରୁ ରାଜନୈତିକ ବିଷୟ ହୋଇଥିଲା । ଏପରିକି ଖୋଦ୍ ଲୁ ଲୋକସଭା ନିର୍ବାଚନ କାଳରେ ମଧ ଦୁଇଦିନ ପାଇଁ ନୂଆଦିଲ୍ଲୀରେ ରହି ଷଡଯନ୍ତ୍ରରେ ସାମିଲ ହୋଇଥିଲେ । ତାଙ୍କ ମାର୍ଗଦର୍ଶନରେ ନିର୍ବାଚନ କାଳରେ ବିରୋଧୀ ପକ୍ଷ ଠିକ୍ ଆମେରିକାରେ ଟ୍ରମ୍ପଙ୍କ ବିରୋଧରେ ପ୍ରଋର ହେବା ପରି ଗଣତନ୍ତ୍ର ଓ ସମ୍ବିଧାନକୁ କେନ୍ଦ୍ର କରି ଭୋଟରଙ୍କ ମନରେ ଆଶଙ୍କା ସୃଷ୍ଟି କରିବା ପାଇଁ ଚେଷ୍ଟା କରିଥିଲେ । ସଂରକ୍ଷଣକୁ ସରକାର ହଟାଇ ଦେବେ ବୋଲି ପ୍ରଋର ମଧ ହୋଇଥିଲା । ଆଗାମୀ ଦିନରେ ଖର୍ଚ୍ଚ ପାଇଁ ଥିବା ଅର୍ଥକୁ ଏବେ ଟ୍ରମ୍ପ ପ୍ରଶାସନ ହଟାଇନେବା ସହ ଭାରତ-ଭଙ୍ଗା ଅଭିଯାନ ଷଡଯନ୍ତ୍ରକୁ ସର୍ବସାଧରଣରେ ପ୍ରକାଶ କରିଛନ୍ତି । ପାଶ୍ଚାତ୍ୟର ମିଛ ଏବଂ ପ୍ରତାରଣା ଉପରେ ଜୟଶଙ୍କର କହିବା ସହ ଦୋମୁହାଁ ନୀତିର ସମାଲୋଚନା କରିଥିଲେ । ପ୍ରତ୍ୟେକ ଦେଶରେ ମୁଖ୍ୟଧାରା ରାଜନୀତି ରହିଥିବାବେଳେ ମିଛ କହୁଥିବା ଲୋକେ ମଧ ରହିଥାନ୍ତି । ଏହି ମିଛୁଆ ଲୋକମାନଙ୍କୁ ଅର୍ଥ ପ୍ରଦାନ କରି ମିଛୁଆ ଗଣତନ୍ତ୍ର ଛିଡା କରିବା ପାଇଁ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକ ଉଦ୍ୟମ କରୁଥିବା ବିଷୟ ପ୍ରକାଶ କରିଛନ୍ତି ଜୟଶଙ୍କର । ଜୟଶଙ୍କରଙ୍କ ଏହି ରୋକ୍‌ଠୋକ୍ ଜବାବ ରୁଷିଆଠାରୁ ଆମେରିକା ପର୍ଯ୍ୟନ୍ତ ସବୁଠି ପ୍ରମୁଖ ଗଣମାଧ୍ୟମରେ ସ୍ଥାନ ପାଇଛି ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩



## ଗ୍ୟାସ ଲିକ୍‌ରୁ ଅଗ୍ନିକାଣ୍ଡ

ଭଦ୍ରକ,୨୧।୨: ରୋଷେଇ କରୁଥିବା ବେଳେ ଲିକ ହେଲା ଗ୍ୟାସ। କେହି କିଛି ବୁଝିବା ପୂର୍ବରୁ ହଠାତ ନିଆଁ ଏମିତି ବ୍ୟାପିଗଲା ଯେ ଘରୁ ବାହାରିବା ମୁସ୍କିଲ ହୋଇପଡ଼ିଲା। ଆଉ ସଙ୍ଗେ ସଙ୍ଗେ ଘର କଣ ଘରେ ଥିବା ସଦସ୍ୟଙ୍କ ଶରୀରରେ ବି ଲାଗିଗଲା ନିଆଁ। ୨ ବଖରା ଘର ଜଳିଯିବା ସହ ନିଆଁରେ ପୋଡ଼ି ଗୁରୁତର ଆହତ ହୋଇଛନ୍ତି ବାପ ପୁଅ ଓ ମା। ଏଭଳି ଘଟଣା ଘଟିଛି ଭଦ୍ରକ ଜିଲ୍ଲାର ଧୂଷୁରୀ ଥାନା ଅଧିନସ୍ଥ ଗଡ଼ିଆଳି ପଞ୍ଚାୟତର ଉଚ୍ଚପଦା ଗାଁରେ। ଏହି ଗାଁର ବୃନ୍ଦାବନ ସାହୁଙ୍କ ସ୍ତ୍ରୀ ଗତକାଲି ରାତିରେ ରୋଷେଇ କରୁଥିବା ବେଳେ ହଠାତ ଗ୍ୟାସ ପାଇପ୍ ଲିକ ହୋଇ ନିଆଁ ଲାଗି ଯାଇଥିଲା। ଚହୁଁ ଚହୁଁ ଗ୍ୟାସର ନିଆଁ ତାଙ୍କ ଘରେ ଲାଗି ଯାଇଥିଲା।

ଫଳରେ ତାଙ୍କର ୨ ବଖରା ଚାଳ ଘର ସମ୍ପୂର୍ଣ୍ଣ ପୋଡି ଯାଇଥିଲା। ଘର ଭିତରେ ଥିବା ବୃନ୍ଦାବନ ସାମାନ୍ୟ ଆହତ ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ବାସନ୍ତୀ ଓ ପୁଅ ଦୀପକ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ବୃନ୍ଦାବନ ସୁସ୍ଥ ଥିବା ବେଳେ ତାଙ୍କ ସ୍ତ୍ରୀ ଓ ପୁଅ ଗୁରୁତର ଅଛନ୍ତି। ଏହି ଅଗ୍ନିକାଣ୍ଡରେ ବୃନ୍ଦାବନଙ୍କର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳି ପୋଡି ପାଉଁଶ ହୋଇଯାଇଛି । ଘରେ ଘରେ ଲୋକେ ଗ୍ୟାସରେ ରୋଷେଇ କରୁଛନ୍ତି ।

ବେଳେବେଳେ ଏହି ଗ୍ୟାସ ଲିକ୍ ହୋଇଥାଏ ଆଉ ଏମିତି ଅଘଟଣ ଘଟେ। ଯଦି ଆପଣ ଏମିତି ଗ୍ୟାସରେ ରୋଷେଇ କରୁଛନ୍ତି ତେବେ ସମୟ ସମୟରେ ଗ୍ୟାସ୍ ପାଇପ୍ କୁ ଭଲ ଭାବେ ଚେକ୍ କରନ୍ତୁ। ଯାହା ଦ୍ୱାରା ଆପଣ ଏଭଳି ଅଘଟଣକୁ ରୋକି ପାରିବେ।

## ନୂଆପଡ଼ା ଜିଲ୍ଲାପାଳଙ୍କ ଦ୍ୱାରା ମତ୍ସ୍ୟ ବିଭାଗ କାର୍ଯ୍ୟାବଳୀର ସମୀକ୍ଷା ବୈଠକ

ନୂଆପଡା, ୨୧।୨: ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟ ସ୍ଥିତ ସଭାଗୃହରେ ଏକ ସମିକ୍ଷା ସଭାର ଆୟୋଜନ ଜିଲ୍ଲା ମତ୍ସ୍ୟ ବିଭାଗ ତରଫରୁ ହୋଇଥିଲା । ଉକ୍ତ ବୈଠକରେ ମତ୍ସ୍ୟ ବିଭାଗ ତରଫରୁ ଚାଲୁଥିବା ବିଭିନ୍ନ ଯୋଜନା ବିଷୟରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀ ବିଜନ କୁମାର ସାହୁ ସୂଚନା ଦେଇଥିଲେ । ବିଭାଗ ଦ୍ୱାରା ଚଳିତ ବର୍ଷ ୩୫.୫୦ ଏକର ପୋଖରୀରେ ମାଛ ଯାଆଁଳା ଉତ୍ପାଦନ ହୋଇଛି । ୭.୮ ହେକ୍ଟର ନୂଆ। ବନ୍ଧ ମତ୍ସ୍ୟ ପୋଖରୀ ଯୋଜନାରେ ଖୋଲା ଯାଇଅଛି ଏବଂ ୧୨ ଟି ବାୟୋଫ୍ଲକ୍ସ ଟ୍ୟାଙ୍କରେ ମାଛ ଉତ୍ପାଦନ ହେଉଛି । ମତ୍ସ୍ୟଜିବୀ ପରିବାରରୁ ୨୭ ଜଣ ଛାତ୍ର ଛାତ୍ରୀଙ୍କୁ ମେଧା ବୃତ୍ତି ପ୍ରଦାନ ସହ ୨୨ ଜଣ ଚାଷୀଙ୍କୁ ଜିଲ୍ଲା ମତ୍ସ୍ୟ ବିଭାଗ ତରଫରୁ ମାଛ ଜାଲ ପ୍ରଦାନ କରାଯାଇଛି । ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରି ଏଥିରେ ଅଧିକ ସଂଖ୍ୟକ ପ୍ରବାସୀ ଶ୍ରମିକ ଙ୍କୁ ସହାୟତା ଯୋଗାଇ ଦେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ ସଭାରେ ସହକାରୀ ମତ୍ସ୍ୟ ଅଧିକାରୀ ମୁଖ୍ୟାଳୟ ନୂଆପଡ଼ା ସନ୍ତୋଷି ଶୁଭଦର୍ଶିନୀ ସାହୁ , ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ବଳଭଦ୍ର ଠାକୁର ,ନୂଆପଡ଼ା , ବିଷ୍ଣୁ ପ୍ରସାଦ ଦ୍ୱାରି , କୋମନା, ସହଦେବ ଭୋଇ , ଖଡିଆଳ, ଭବାନୀ ଶଙ୍କର ପଣ୍ଡା, ସିନାପାଲୀ ଉପସ୍ଥିତ ରହି ନିଜ ନିଜ ବ୍ଲକ୍ ର ମତ୍ସ୍ୟଚାଷ ସଫଳତାର କାହାଣୀ ପାୱାର ପଏଣ୍ଟ ମାଧ୍ୟମରେ ପ୍ରଦର୍ଶିତ କରିଥିଲେ ।

## ବିଷ୍ଣୁପୁରରେ ଭୁବନେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା

ବାଲିଆପାଳ ,୨୧।୨: ବାଲିଆପାଳ ବ୍ଲକ ଅନ୍ତର୍ଗତ ବିଷ୍ଣୁପୁର ଗ୍ରାମରେ ଶ୍ରୀ ଶ୍ରୀ ଭୁବନେଶ୍ୱର ମହାଦେବଙ୍କ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ପୂର୍ବାହ୍ନ ସାଢ଼େ ଏଗାରଟାରେ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ଗୁରୁବାର ଗ୍ରାମର ଶତାଧିକ ମହିଳା ସୁବର୍ଣ୍ଣରେଖା ନଦୀରୁ କଳସ ଶୁଭଯାତ୍ର ରେ ପାଣି ଆଣିଥିଲେ । ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ନାମ ସଂକୀର୍ତ୍ତନ , ହୋମ ଯଜ୍ଞ, ବ୍ରାହ୍ମଣମାନଙ୍କ ବେଦ ପାଠରେ ବିଷ୍ଣୁପୁର ଗ୍ରାମ ପ୍ରକମ୍ପିତ ହୋଇଉଠିଥିଲା । ଶ୍ରୀ ଶ୍ରୀ ଭୁବନେଶ୍ୱର ବାବା ପାତାଳ ଫୁଟା ମହାଦେବ ହୋଇଥିଲେ ମଧ୍ୟ ଏଯାବତ ମନ୍ଦିରଟିଏ ଗଢା ହୋଇପାରି ନ ଥିଲା । ମାତ୍ର ଆଜି



ଗ୍ରାମବାସୀଙ୍କ ସହଯୋଗରେ ତାହା ସମ୍ଭବ ହୋଇପାରିଛି । ବହୁ ଆନନ୍ଦ ଉଲ୍ଲାସରେ ମନ୍ଦିରର ପ୍ରତିଷ୍ଠା ହେଉଛି ବୋଲି ବିନୟ ସି, ନବୀନ କୁମାର ପାତ୍ର, ସୁଧୀର କୁମାର ଖଣ୍ଡା, ଜୀବନ କୃଷ୍ଣ ଦାସ, ଚନ୍ଦ୍ରମୋହନ ଦାସ, ଭଗିରଥ ଖଣ୍ଡା, ନୀଳକଣ୍ଠ ଜେନା, ସଞ୍ଜୟ ମାହାନା, କାଳିଚରଣ ଜେନା ପ୍ରମୁଖ ଗ୍ରାମବାସୀ କହିଛନ୍ତି । ପୂର୍ଣ୍ଣ ଆହୂତି ପରେ ପ୍ରସାଦ ସେବନର ବ୍ୟବସ୍ଥା କରାଇଥିଲା ।ୟ

## ବନ୍ଦ ଘରୁ ମହିଳାଙ୍କ ମୃତଦେହ ଉଦ୍ଧାର

ଚୌଦ୍ୱାର, ୨୧।୨: ବନ୍ଦ ଘରୁ ମହିଳାଙ୍କ ମୃତଦେହ ଉଦ୍ଧାର। ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକ। ଚୌଦ୍ୱାର ଜରିପଡ଼ା ପଞ୍ଚାୟତ ସାମନ୍ତରାପୁର ଗାଁରେ ମହିଳାଙ୍କ ସନ୍ଦେହଜନ ମୃତ୍ୟୁ ହୋଇଛି। ମୃତକ ଯାଜପୁର ଜିଲ୍ଲା ରଙ୍ଗିଦାସପୁର ଗାଁର ରଞ୍ଜୁଲତା ପ୍ରଧାନଙ୍କ ଝିଅ ସୀତୁ ପ୍ରଧାନ। ଗତ ଦେଢ ବର୍ଷ ତଳେ ସୀତୁ କଟକ ଜିଲ୍ଲା ଟାଙ୍ଗୀ ଥାନା ସାମନ୍ତପୁରର ମୁଲିଆ ସ୍ୱାଇଁଙ୍କ ପୁଅ ରାଜେନ୍ଦ୍ର ସ୍ୱାଇଁଙ୍କୁ ବିବାହ କରିଥିଲେ। ତାଙ୍କର ୬ ମାସର ପୁତ୍ର ସନ୍ତାନ ରହିଛି। ତେବେ ବାହାଘରର ୬ ମାସ ପରେ ଶାଶୁଘର ଲୋକ ସୀତୁଙ୍କୁ ଯୌତୁକ ପାଇଁ ଶାଶୁ, ଶ୍ୱଶୁର ଓ ସ୍ୱାମୀ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା। ଗତକାଲି ସନ୍ଧ୍ୟାରେ ସୀତୁ ତାଙ୍କ ମାଆଙ୍କ ସହ କଥା ହୋଇଥିଲେ। ହେଲେ ମାତ୍ର ଅଧଘଣ୍ଟା ପରେ ଝିଅର ମୃତ୍ୟୁ ଖବର ପାଇଥିଲେ ବାପଘର ଲୋକ। ଘରେ ଝିଅର ମୃତଦେହ ପଡିଥିବାବେଳେ ଶାଶୁଘର ଲୋକ ଫେରାର ହୋଇଯାଇଛନ୍ତି। ଝିଅକୁ ହତ୍ୟା କରାଯାଇଥିବାନେଇ ଟାଙ୍ଗୀ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

## ମାଟ୍ରିକ ପରୀକ୍ଷା ଆରମ୍ଭ, ପ୍ରଥମ ଦିନରେ ୧୪ ଅନୁପସ୍ଥିତ

ପିପିଲି,୨୧।୨: ରାଜ୍ୟରେ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଶୁକ୍ରବାର ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ପିପିଲି ବ୍ଲକରେ ମୋଟ ୨ହଜାର ୪୦୭ ପରୀକ୍ଷାର୍ଥୀ ରହିଛନ୍ତି । ବାଳକ ପରୀକ୍ଷାର୍ଥୀ ୧ହଜାର୨୫୯ଙ୍କ ମଧ୍ୟରୁ ୧ହଜାର ୨୫୩ ଏବଂ ବାଳିକା ପରୀକ୍ଷାର୍ଥୀ ୧ହଜାର୧୪୮ଙ୍କ ମଧ୍ୟରୁ ୧ହଜାର୧୪୦ ଜଣ ପ୍ରଥମଦିନରେ ମୋଟ ୧୧ ଗୋଟି କେନ୍ଦ୍ରରେ ଶ୍ରେଣୀ ଗୃହରେ ପରୀକ୍ଷା ଦେଇଛନ୍ତି ।ପ୍ରଥମଦିନ ପରୀକ୍ଷାରେ ୧୪ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ସୁଚନା ମିଳିଛି। ପିପିଲି ବିଜ୍ଞାପିତ ଅଂଚଳରେ ଥିବା ଜବାହର ବିଦ୍ୟାପୀଠକୁ ମାଟ୍ରିକ ପରୀକ୍ଷାର ନୋଡାଲ ସେଂଟର କରାଯାଇଛି। ଏହି ଅଧିନରେ ବ୍ଲକ ଅନ୍ତର୍ଗତ ୮ଟି ପରୀକ୍ଷା କେନ୍ଦ୍ର ରହିଛି । ମାଟ୍ରିକ ପରୀକ୍ଷା ପାଇଁ ନିର୍ମିତ ସ୍ୱତନ୍ତ୍ର ଷ୍ଟ୍ରଙ୍ଗରୁମରେ ଉତର ଖାତାକୁ ରଖାଯିବାର କଡା ବ୍ୟବସ୍ଥା କରାଯାଇଛି । ଏନେଇ ନୋଡାଲ କେନ୍ଦ୍ର ଅଧିକାରୀ ପୀତବାସ ସେଠୀ ସୁଚନା ଦେଇଛନ୍ତି ।

## ୪ଲକ୍ଷରୁ ଅଧିକ ଚାଷୀଙ୍କୁ ମିଳିଲାଣି ବର୍ଷା କ୍ଷୟକ୍ଷତି ସହାୟତା

ଭୁବନେଶ୍ୱର, ,୨୧।୨: ନିକଟରେ ହୋଇଥିବା ଅଦିନିଆ ବର୍ଷାରେ ରାଜ୍ୟରେ ୧୬ଟି ଜିଲ୍ଲାରେ ଧାନ ଓ ଅନ୍ୟାନ୍ୟ ଫସଲ କ୍ଷୟକ୍ଷତି ହୋଇଥିଲା । ଏହିସବୁ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୪,୯୧,୧୭୮ଜଣ ଚାଷୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି । ଚାଷୀଙ୍କ କ୍ଷୟକ୍ଷତି ପ୍ରଦାନ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ମନ୍ତ୍ରୀ ଦର୍ଶାଇଛନ୍ତି ଯେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କ୍ଷେତ୍ର ଅଧିକାରୀମାନଙ୍କ ଦ୍ୱାରା ଯୁଗ୍ମ ଟିମ୍ ଗଠନ କରାଯାଇ କ୍ଷୟକ୍ଷତିର ଆକଳନ କରାଯାଇଥିଲା । ବର୍ତ୍ତମାନ ସୁଦ୍ଧା କ୍ଷୟକ୍ଷତି ବାବଦରେ ସହାୟତା ରାଶି ପାଇଥିବା ମୋଟ୍ ୪,୯୧,୧୭୮ ଜଣ ଚାଷୀଙ୍କ ମଧ୍ୟରୁ ଗାମ ଜିଲ୍ଲାରେ ସର୍ବାଧିକ ୧,୨୫,୭୨୪ ଜଣ ଥିବାବେଳେ କେନ୍ଦ୍ରାପଡାରେ ୧,୦୬,୩୧୧ଜଣ, ପୁରୀରେ ୮୫,୯୯୦ ଜଣ, ଜଗତ୍‌ସିଂହପୁରରେ ୫୫,୨୯୧ ଜଣ, କଟକରେ ୩୭,୫୧୩ଜଣ, ନୟାଗଡରେ ୩୬,୧୯୦ଜଣ, ଖୋରଧାରେ ୧୯,୮୨୩ ଜଣ ଓ ଯାଜପୁରରେ ୧୩,୭୯୬ ଜଣ ପାଇଛନ୍ତି । ସବଠାରୁ କମ୍ ନୂଆପଡା ଜିଲ୍ଲାରେ ମାତ୍ର ୨୯ଜଣ ଚାଷୀଙ୍କୁ ଏହି ସହାୟତା ମିଳିଛି ।

## ବ୍ୟାଙ୍କରୁ ୩୦ ଲକ୍ଷ ଲୁଟ୍

ମୟୂରଭଞ୍ଜ,୨୧।୨:ଗ୍ରାହକ ସାଜି ଆସିଲେ, ବ୍ୟାଙ୍କରୁ ୩୦ ଲକ୍ଷ ଲୁଟିନେଲେ। ମୟୂରଭଞ୍ଜ ଜିଲ୍ଲା ବହଳଦା ସ୍ଥିତ ଏସିଆଇ ଶାଖାରୁ ପ୍ରାୟ ୩୦ ଲକ୍ଷ ଟଙ୍କା ଲୁଟ ଅଭିଯୋଗ ହୋଇଛି। ଏପରିକି ଦୁର୍ବୃତ୍ତଙ୍କ ମାଡ଼ରେ ବ୍ୟାଙ୍କର ଦୁଇ କର୍ମଚାରୀଙ୍କୁ ଲହୁଲୁହାଣ ହୋଇଛନ୍ତି। ଘଟଣାସ୍ଥଳରେ ବହଳଦା ଥାନା ପୋଲିସ ପହଞ୍ଚି ତଦନ୍ତ ଚଳାଇଛି । ସୂଚନା ଅନୁସାରେ ଆଜି ସକାଳୁ ବ୍ୟାଙ୍କ୍ ଖୋଲିବାର କିଛି ସମୟ ପରେ ୫ ଜଣ ଦୁର୍ବୃ ୨ଟି ବାଇକରେ ଆସି ବ୍ୟାଙ୍କକୁ ପହଞ୍ଚିଥିଲେ। ୩ ଜଣ ମୁଖା ପିନ୍ଧା ଦୁର୍ବୃ ବ୍ୟାଙ୍କ ମଧ୍ୟକୁ ପ୍ରବେଶ କରିଥିବା ବେଳେ ୨ ଜଣ ବାହାରେ ଜଗିଥିଲେ। ବ୍ୟାଙ୍କ ଭିତରକୁ ପଶି ବନ୍ଧୁକ ଦେଖାଇ କର୍ମଚାରୀ ଓ ଗ୍ରାହକଙ୍କୁ ଭୟଭୀତ କରାଇ ଟଙ୍କା ଲୁଟିଥିଲେ। ବାଧା ଦେବାରୁ ବ୍ୟାଙ୍କ ମ୍ୟାନେଜରଙ୍କ ସମେତ ଅନ୍ୟ ଜଣେ କର୍ମଚାରୀଙ୍କୁ ମାଡ଼ ମାରିଥିଲେ। ଆଖି ପିଛୁଳାକେ ୩୦ ଲକ୍ଷରୁ ଅଧିକ ଟଙ୍କା ନେଇ ବାଇକ ଯୋଗେ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ସମସ୍ତ ଅଭିଯୁକ୍ତ ହିନ୍ଦୀରେ କଥାବାର୍ତ୍ତା କରୁଥିଲେ। ଘଟଣାସ୍ଥଳରେ ରାଇରଙ୍ଗପୁର ଅତିରିକ୍ତ ଏସପି, ଏସଡିପିଓ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଆହତ ୨ବ୍ୟାଙ୍କ କର୍ମଚାରୀଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବ୍ୟାଙ୍କ ସୁରକ୍ଷାକର୍ମୀମାନେ ଆସିବା ପୂର୍ବରୁ କିଭଳି ବ୍ୟାଙ୍କକୁ ଖୋଲାଗଲା ତାକୁ ନେଇ ପ୍ରଶ୍ନ ଉଠିଛି।

## କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବରେ ଝୁମିଲେ ଦର୍ଶକ

କୋଣାର୍କ,୨୧।୨: ସ୍ୱର୍ଗତ ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ଦ୍ୱାରା ପ୍ରତିଷ୍ଠିତ କୋଣାର୍କ ନାଟ୍ୟ ମଣ୍ଡପ ପରିସରରେ ଗତ ୧୯ ତାରିଖ ସଂଧ୍ୟାରେ କୋଣାର୍କ ୩୯ ତମ କୋଣାର୍କ ନୃତ୍ୟ ସଙ୍ଗୀତ ଉତ୍ସବ-୨୦୨୫ ଓ କୋଣାର୍କ ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ପୂର୍ବତନ ସାଂସଦ ଡ ପ୍ରସନ୍ନ ପାଟଶାଣୀ, କୋଣାର୍କ ଏନ୍ଏସି ଅଧକ୍ଷା ସୁଶ୍ରୀ ସଞ୍ଜୁକ୍ତା ତ୍ରିପାଠୀ, ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ସୁଲୋଚନା ପ୍ରଧାନ ଓ ନାଟ୍ୟ ମଣ୍ଡପର ସମ୍ପାଦକ ଶିବାଶିଷ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ।

ଏହି ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ଉତ୍ସବରେ ପ୍ରଥମେ ଡିମିରିଶେଣାର ବାବା ବାଲୁଙ୍କେଶ୍ୱର ଘ ମର୍ଦ୍ଦଳ ଦଳଙ୍କ ପକ୍ଷରୁ ଘ ମର୍ଦ୍ଦଳ ପରିବେଷଣ କରାଯାଇଥିଲା। ତାପରେ କୋଣାର୍କ ନାଟ୍ୟ ମଣ୍ଡପର କଳାକାରମାନଙ୍କ ଦ୍ୱାରା ପଞ୍ଚ ଦେବସ୍ତୁତୀ ପରିବେଶଣ କରାଯାଇଥିଲା। ପରେ ପରେ ନିମାପଡ଼ାର ନୃତ୍ୟାଳୟା ଡାନ୍ସ ଏକାଡେମୀ ଏବଂ କୋଣାର୍କ ନାଟ୍ୟ ମଣ୍ଡପ କଳାକାରମାନଙ୍କ ଦ୍ୱାରା ଗୁରୁ ଗଙ୍ଗାଧର ବନ୍ଦନା ପରିବେଷଣ କରାଯାଇଥିଲା। ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତର ସାଂସ୍କୃତିକ ସଂଧାର ପ୍ରଥମ ଚରଣରେ ଭୁବନେଶ୍ୱରର ବାଦ୍ୟବାଣୀ ଗୁରୁକୁଳ ପକ୍ଷରୁ ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ସାଥୀଙ୍କ ଦ୍ୱାରା ମର୍ଦ୍ଦଳ ବାଦନ କରାଯାଇଥିଲା। ଦ୍ୱିତୀୟ ଚରଣରେ କୋଲକତାର ସଙ୍କଳପ ନୃତ୍ୟୟନ ପକ୍ଷରୁ ଶ୍ରୀ ଶୁବିକାଶ୍ ମୁଖାର୍ଜୀ ଓ ସାଥିମାନଙ୍କ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେକ୍ଷଣ କରାଯାଇଥିଲା। ଅନ୍ତିମ ଚରଣରେ



ରଘୁରାଜପୁରର ଦଶଭୂଜା ଗୋଟିପୁଅ ନୃତ୍ୟ ଗୃପ୍ ପକ୍ଷରୁ ଗୋଟିପୁଅ ନୃତ୍ୟ ବେଶ୍ ଆକର୍ଷଣ ହୋଇଥିଲା। ଏତଦ୍‌ବ୍ୟତୀତ ଦିନ ବେଳା କୋଣାର୍କ ସାହିତ୍ୟ ଉତ୍ସବ ପକ୍ଷରୁ ସାହିତ୍ୟ ଆସର ପୂର୍ବାହ୍ନ ୧୧ଟା ରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଏହି ସାହିତ୍ୟ କାର୍ଯ୍ୟକ୍ରମରେ ଡଃ ଅଜୟ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ କବି ଉମାକାନ୍ତ ନାୟକ, କବି ଉମାକାନ୍ତ ମିଶ୍ର, କବି ସୁରେନ୍ଦ୍ର ନାଥ ତ୍ରିପାଠୀ, କବି ବିଜୟ କୁମାର ଦାଶ ଓ କବି ଗଣେଷ ମହାନ୍ତି ପ୍ରମୁଖ ଯୋଗଦେଇ ଓଡିଆ ଅସ୍ମିତା ସମ୍ପର୍କରେ ଆଲୋଚନା କରିଥିଲେ। ଏହା ପରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା କବି ଓ କବୟିତ୍ରୀ ମାନେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। କବି ରତ୍ନାକର ବେହେରା ଓ ତାଙ୍କ ସହଯୋଗୀ କଳାକାର ଏକ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। ଏହି ଅବସରରେ ଦୁଇଜଣ ପ୍ରତିଭାଙ୍କୁ କୋଣାର୍କ ସାହିତ୍ୟ ଉତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ କୋଣାର୍କ ନାଟ୍ୟ ମଣ୍ଡପର ମାର୍ଗଶକ ଉମେଶ ଚନ୍ଦ୍ର ସ୍ୱାଇଁ, ବରିଷ୍ଠ ଗୋଟିପୁଅ ସଙ୍ଗୀତ ଗୁରୁ ଜୟକୃଷ୍ଣ ନାୟକ, ଉପସଭାପତି ପ୍ରସନ୍ନ ବେଉରିଆ, ଡଃ ରମଣୀ ରଞ୍ଜନ ଜେନା, ସୁଦେଶନା ଶାସମଲ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବୃହତ୍ ନିଯୁକ୍ତି ମେଳା ପାଇଁ ପ୍ରସ୍ତୁତି

ଯାଜପୁର, ୨୧।୨: ପୂର୍ବାହ୍ନ ୧୧ ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ପ୍ରକୋଷ୍ଠରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବକୃଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ଏକ ବୃହତ୍ ନିଯୁକ୍ତି ମେଳା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି।

ଉକ୍ତ ବୈଠକରେ ଅନ୍ୟତମ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ଶୁଭେନ୍ଦ୍ର କୁମାର ସାମଲ, ଜିଲ୍ଲାର ସମସ୍ତ ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ, ଶ୍ରୀ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ, ଶ୍ରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଶ୍ରୀ ପଦ୍ମଚରଣ ସେଠୀ, ଅଧକ୍ଷ, ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ, ଶ୍ରୀ ରାଜେଶ କୁମାର ସ୍ୱାଇଁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଶ୍ରୀ ଲକ୍ଷ୍ମୀଧର ରାଉତ, କାର୍ଯ୍ୟନିର୍ବାହୀ ଅଧିକାରୀ ଯାଜପୁର ପୌରପରିଷଦ, ଶ୍ରୀ ସଞ୍ଜୟ କୁମାର ଦାସ, ଅତିରିକ୍ତ ଶିଳ୍ପ ଅଧିକାରୀ, ଶ୍ରୀ ହିରନ୍ୟ ଲକ୍ଷ୍ମୀ ନାୟକ, କନିଷ୍ଠ ଯନ୍ତ୍ରୀ, ଶ୍ରୀ ରବୀନ୍ଦ୍ର ନାଥ ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀ କ୍ଷିତିଶ ଚନ୍ଦ୍ର ବଳ, ଉପ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଓରମାସ୍, ଡଃ ସତିକାନ୍ତ ସାହୁ, ଅଧ୍ୟାପକ (ବଟାନି), ନରସିଂହ ଚୌଧୁରୀ (ସ୍ୱୟଂଶାସିତ) ମହାବିଦ୍ୟାଳୟ, ଶ୍ରୀ ନୃସିଂହ ଚରଣ ବେହେରା, ବରିଷ୍ଠ ଅଧ୍ୟାପକ, ସରକାରୀ ବହୁମୁଖୀ ବୈଷୟିକ ଶିକ୍ଷା ଅନଷ୍ଠାନ, ଶ୍ରୀ କ୍ଷୀରୋଦ ଚନ୍ଦ୍ର ବେହେରା, ଉପଖଣ୍ଡ ଅଧିକାରୀ, ଜନ ସ୍ୱାସ୍ଥ୍ୟ ବିଭାଗ, ଶ୍ରୀ ସୁଶାନ୍ତ ସେଠି, ସହାୟକ ଅଗ୍ନିଶମ ଅଧିକାରୀ, ଶ୍ରୀ କମଳାକାନ୍ତ ଘଡ଼େଇ, ହିସାବ ରକ୍ଷକ, ଓଡ଼ିଶା ଜୀବିକା ମିଶନ, ଶ୍ରୀ ସୁଶାନ୍ତ କୁମାର ନାୟକ, ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ, ଯାଜପୁର, ଶ୍ରୀ ପ୍ରଭାତ କୁମାର ବସ୍ତୀ, ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ, ଯାଜପୁର, ଶ୍ରୀ ରାକେଶ କୁମାର ନାୟକ, ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ କର୍ମଚାରୀ, ଶ୍ରୀ ହରିହର ମହାପାତ୍ର, କନିଷ୍ଠ ନିଯୋଜନ ଅଧିକାରୀ ଇତ୍ୟାଦି ଯୋଗଦାନ କରି ଏହି ନିଯୁକ୍ତି ମେଳାକୁ ସଫଳ କରିବା ଉଦ୍ଦେଶ୍ୟରେ ସେମାନଙ୍କର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଜିଲ୍ଲାରେ ୨୦୨୫ ମାର୍ଚ୍ଚ ୧୧ ତାରିଖ ରେ ନରସିଂହ ଚୌଧୁରୀ (ସ୍ୱୟଂଶାସିତ) ମହାବିଦ୍ୟାଳୟ ପରିସରରେ ଏହି ବୃହତ୍ ନିଯୁକ୍ତି ମେଳା ଅନୁଷ୍ଠିତ ହେବା ପାଇଁ ବୈଠକରେ ନିଷ୍ପତି ନିଆଯାଇଅଛି। ଏହି ନିଯୁକ୍ତି ମେଳାରେ ବିଭିନ୍ନ ପ୍ରତିଷ୍ଠିତ ବେସରକାରୀ ସଂସ୍ଥାର ନିଯୁକ୍ତିଦାତାଙ୍କ ସମେତ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣଙ୍କ ସହିତ ଅନୁବନ୍ଧିତ ଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥାର ଅଧିକାରୀମାନଙ୍କୁ ଯୋଗଦେବା ପାଇଁ ନିଷ୍ପତି ହୋଇଛି। ଜିଲ୍ଲାର ସମସ୍ତ ବ୍ଲକର ନିଯୁକ୍ତି ଆଶାୟୀ ଯୁବକ ଯୁବତୀମାନେ ଯେଭଳି ବହୁଳ ସଂଖ୍ୟାରେ ଏହି ବୃହତ୍ ନିଯୁକ୍ତି ମେଳାର ଅଂଶ ଗ୍ରହଣ କରି ସୁଯୋଗ ନେଇପାରିବେ ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ବୈଠକରେ ଅଧକ୍ଷ ଶ୍ରୀ ନବକୃଷ୍ଣ ଜେନା ଅତିରିକ୍ତ ଜିଲ୍ଲାପାଳ ସମସ୍ତ ମଣ୍ଡଳ ଉନ୍ନୟନ ଅଧିକାରୀମାନଙ୍କୁ ଏବଂ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିଯୁକ୍ତି ମେଳା ସମ୍ବନ୍ଧରେ ଗ୍ରାମାଞ୍ଚଳ ରେ ରହୁଥିବା ନିଯୁକ୍ତି ଆଶାୟୀ ଯୁବକ ଯୁବତୀ ମାନେ ଯେଭଳି ବ୍ୟାପକ ଭାବେ ସଚେତନ ହୋଇ ଏହାର ସୁଯୋଗ ନେଇପାରିବେ ସେଥିପାଇଁ ମିଶନ ଶକ୍ତି ଜରିଆରେ ବାର୍ତ୍ତା ପ୍ରଦାନ ପାଇଁ ବୈଠକରେ ଅଧକ୍ଷ ଗୁରୁତ୍ୱାରୋପ କରିବା ସହିତ ନିର୍ଦ୍ଦେଶ ଦେଇଥିଲେ। ତତ୍ ସହିତ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟ, ଶିଳ୍ପ ତାଲିମ୍ କେନ୍ଦ୍ର ଏବଂ ଡିପ୍ଲୋମା ପାଠ୍ୟ ପ୍ରଦାନକାରୀ ଅନୁଷ୍ଠାନ ଗୁଡ଼ିକର ଛାତ୍ରଛାତ୍ରୀମାନଙ୍କୁ ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ ପାଇଁ ସୂଚନା ପ୍ରଦାନ ନିମନ୍ତେ ନିଷ୍ପତି ହୋଇଅଛି। ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ମାଧ୍ୟମରେ ଜିଲ୍ଲାର ସମସ୍ତ ଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ ପାଇଁ ଅଧକ୍ଷ ଶ୍ରୀ ଜେନା ନିର୍ଦ୍ଦେଶ ଦେଇଥିଲେ। ଏହି ବୃହତ୍ ନିଯୁକ୍ତି ମେଳାରେ ମୋଟ ୫୦ ଟି ଷ୍ଟଲ ସହ ୩ ଟି କାଉଣ୍ଟର ଖୋଲାଯାଇ ବିଭିନ୍ନ ବ୍ଲକ ରୁ ଅଂଶଗ୍ରହଣ କରିଥିବା ପାର୍ଥୀ ଓ ପାର୍ଥିନୀ ମାନଙ୍କର ପଞ୍ଜିକରଣ ନିମନ୍ତେ ନିଷ୍ପତ୍ତି ନିଆଯାଇଅଛି। ସେହିଭଳି ଅଗ୍ନିବୀର ପଦବୀରେ ନିଯୁକ୍ତି ନିମନ୍ତେ ଇଚ୍ଛୁକ ଯୁବକ ଯୁବତୀ ମାନଙ୍କ ପାଇଁ ଆର୍ମି, ଏୟାର ଫୋର୍ସ ଓ କୋଷ୍ଟ ଗାର୍ଡ ଆଦି ପ୍ରତିରକ୍ଷା ବିଭାଗକୁ ଏହି ବୃହତ୍ ନିଯୁକ୍ତି ମେଳାରେ ଅଂଶ ଗ୍ରହଣ କରିବା ପାଇଁ ନିଷ୍ପତି ନିଆଯାଇଅଛି। ଯାଜପୁର ଜିଲ୍ଲାରେ କାର୍ଯ୍ୟ କରୁଥିବା ବିଭିନ୍ନ ବୃହତ୍ କଂପାନୀ ଗୁଡ଼ିକୁ ମଧ୍ୟ ଅଂଶ ଗ୍ରହଣ କରିବା ପାଇଁ ନିଷ୍ପତି ନିଆଯାଇଅଛି। ନିଯୁକ୍ତି ମେଳା ସମୟରେ ଆଇନ ଶୃଙ୍ଖଳା ପାଇଁ ପୋଲିସ ଫୋର୍ସର ମୁତୟନ, ସ୍ୱାସ୍ଥ୍ୟ ସେବା ପାଇଁ ମେଡିକାଲ୍ ଟିମ୍ ଓ ଆମ୍ବୁଲାନ୍ସ ଯୋଗାଇଦେବାକୁ ନିଷ୍ପତି ନିଆଯାଇଅଛି। ସେହିଭଳି ଅଗ୍ନି ନିର୍ବାପକ ସୁରକ୍ଷା ପାଇଁ ସଂପୃକ୍ତ ବିଭାଗର କର୍ମଚାରୀମାନେ ମୁତୟନ ରହିବେ। ନିଯୁକ୍ତି ମେଳା ସମୟରେ ପାନୀୟ ଜଳ ଯୋଗାଣ ସହ ପରିମଳ ଓ ସ୍ୱାସ୍ଥ୍ୟ ରକ୍ଷା ସେବା ଯୋଗାଇଦେବା ପାଇଁ ନିଷ୍ପତି ହୋଇଛି। ନରସିଂହ ଚୌଧୁରୀ (ସ୍ୱୟଂଶାସିତ) ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଏହି ନିଯୁକ୍ତି ମେଳାରେ ସହଯୋଗ ପାଇଁ ମୁତୟନ ରହିବେ। ଏହି ବୈଠକ ଶେଷରେ ଅଂଶଗ୍ରହଣ କରିଥିବା ସମସ୍ତ ଅଧିକାରୀ ମାନଙ୍କୁ ଶ୍ରୀ ପ୍ରଭାତ କୁମାର ବସ୍ତୀ, ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବର୍ଷା ପବନରେ ଜାମଦା ଅଞ୍ଚଳରେ ବ୍ୟାପକ କ୍ଷତି

ମୟୂରଭଞ୍ଜ,୨୧।୨: ମୟୂରଭଞ୍ଜ ଜିଲ୍ଲା ଜାମଦା ତହସିଲ ଅନ୍ତର୍ଗତ ତାଲଗାଁ ରାଜସ୍ୱ ନିରୀକ୍ଷକ ଅଧିନରେ ଥିବା ଚିତ୍ରିଟାଙ୍ଗର, ଖଇରପାଳ, କୁଚେଇପାଳ,ହେଁସଡ଼ା, ଚନ୍ଦିଖମଣ ଆଦି ଗାଁରେ ବର୍ଷା ଓ ପବନ ଯୋଗୁଁ ଖପରଘର,ଛଣଛପର ଘର, ନିର୍ମାଣଧୀନ ଥିବା ଆଦି ଘର ଭାଙ୍ଗିଯିବା ସହ ଉଡ଼ିଯାଇଛି ଏଆରଆଇ ତାଲଗାର ରାଜେଶ ନାଏକ ଉକ୍ତ ସ୍ଥାନକୁ ଯାଇ ପର୍ଯ୍ୟବେକ୍ଷଣ କରି କ୍ଷତିଗ୍ରସ୍ତ ଲୋକଙ୍କୁ ତାକି ପ୍ରଦାନ କରିଛନ୍ତି ନାଗୀ ମାର୍ଣ୍ଡି,ଅଂକୁରା ବିରୁଆ, ସଦନ ହାଁସଦା ପ୍ରମୁଖଙ୍କୁ ୟୁଏସ୍ଆଇ ସଂଗଠନର ରାଜ୍ୟ ସଂଯୋଜକ ପ୍ରଶ୍ନ ଶତପଥୀ,ତାଲଗାଁ ଆରଆଇ,ଏଆରଆଇ ପ୍ରମୁଖ ଉପସ୍ଥିତ ରହି ପ୍ରଦାନ କରିଛନ୍ତି ସୂଚନାଯୋଗ୍ୟ ଯେ ଗତ ୧୯ ତାରିଖ ଓ ୨୦ତାରିଖ ସନ୍ଧ୍ୟାରେ ପ୍ରବଳ ବର୍ଷା ଓ ପବନ ହେତୁ ଜାମଦା ଅଞ୍ଚଳର ବେଲପୋଷିରେ ଘରକୁଘର ପାଣି ମାଡିଯାଇଛି, ବହୁ ଗାଁରେ ଗଛ ଉପୁଡ଼ି ଯାଇଛି ଏବଂ କୁଆପଥର ମାଡରେ ଅନେକ ପନିପରିବା ନଷ୍ଟ ହୋଇଥିବା ଚାଷୀମାନେ ଜଣାଇଛନ୍ତି।

## ଦିବ୍ୟାଙ୍ଗଙ୍କୁ ଜୀବନ ରକ୍ଷାକାରୀ କିଟ୍ ପ୍ରଦାନ

ରାୟଗଡ଼ା,୨୧।୨:ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲାର ଏକ ସହଯୋଗୀ କମ୍ପାନୀ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସାହାଯ୍ୟ ହାତ ବଢାଇବା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହି କ୍ରମରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଚିହ୍ନଟ ସହ ସେମାନଙ୍କୁ ବିଭିନ୍ନ ଉପକରଣ ପ୍ରଦାନ କରାଯାଇଛି। ରାୟଗଡା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା ଖଣି ପ୍ରକଳ୍ପ ତରଫରୁ ସାମାଜିକ ଦାୟିତ୍ୱବୋଧ ଅଭିଯାନ ଅଧୀନରେ ଦୁଇଦିନିଆ ଦିବ୍ୟାଙ୍ଗ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ରାୟଗଡା ଓ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ସ୍ଥିତ ବ୍ଲକ କାର୍ଯ୍ୟାଳୟ ଏବଂ କାଶିପୁର ବ୍ଲକ୍ ଟିକିରି ଡୋରଗୁଡା ସ୍ଥିତ କ୍ଲବ ହାଉସ ଠାରେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ନେଇ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୋଟ ୮୦ ଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ପୂର୍ବରୁ ଆୟୋଜିତ ସ୍ୱାସ୍ଥ୍ୟ କ୍ୟାମ୍ପରେ ଚିହ୍ନଟ କରାଯିବା ପରେ ସେମାନଙ୍କୁ ବିଭିନ୍ନ ଜୀବନ ରକ୍ଷାକାରୀ ଉପକରଣ ପ୍ରଦାନ କରାଯାଇଛି। ଉକ୍ତ



ଉପକରଣ ଯଥା, ଆଶାବାଡୀ, ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଗମନାଗମନ ସୁଗମ ସକାଶେ ଭୀଲ ଚେୟାର ଓ ଅନ୍ୟାନ୍ୟ ଶଯ୍ୟକାରୀ ସାଧନ ଇତ୍ୟାଦି ପ୍ରଦାନ ହୋଇଛି। ଏହି କାର୍ଯ୍ୟକ୍ରମ କମ୍ପାନୀ ଖଣି ପ୍ରକଳ୍ପ ଅଧୀନରେ ସ୍ୱାବଲମ୍ବନ ଯୋଜନା ଅନ୍ତର୍ଗତ କାର୍ଯ୍ୟକାରୀ ହୋଇଥିବା ସ୍ଥଳେ ଓପନ ଲର୍ଣ୍ଣିଙ୍ଗ ସିଷ୍ଟମ ସହଭାଗିତାରେ ସଫଳ ରୂପାୟନ ହୋଇଛି। ଏହା କମ୍ପାନୀର ସାମାଜିକ ମଙ୍ଗଳ କାର୍ଯ୍ୟକ୍ରମ ପ୍ରତି ପ୍ରତିବଦ୍ଧତା ଦର୍ଶାଇଥିବା ବେଳେ ଆଗାମୀ ଦିନରେ ଅନୁରୂପ କମ୍ପାନୀ ଓ ଏହାର ଆଖପାଖ ଅଞ୍ଚଳରେ ସମ୍ପ୍ରତି ଉନ୍ନତିମୂଳକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଖଣି ସିଏସଆର ମୁଖ୍ୟ ନିହାରିକା ସାହୁ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ଖଣି ସିଏସଆର ମୁଖ୍ୟ ନିହାରିକା ସାହୁଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲା ଖଣିଜ ପାଣ୍ଠି ସମନ୍ୱୟ ଅଧିକାରୀ ପ୍ରଶାନ୍ତ ମିଶ୍ର, ଥୁଆମୁଲ ରାମପୁର ବ୍ଲକ ଉନ୍ନୟନ ଅଧିକାରୀ ଧ୍ରୁବ ଚରଣ ମୁଦୁଲିଙ୍କ ସମେତ ଶିଶୁ ବିକାଶ ଓ ସୁରକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ଏଫ୍‌ଆଇ ତରଫରୁ କିଟ୍ ରେ ଛାତ୍ରୀଙ୍କର ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ, ଦୋଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଓ କ୍ଷତି ପୂରଣ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଜଳେଶ୍ୱର,୨୧।୨:କିଟ୍ ରେ ଛାତ୍ରୀଙ୍କର ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ, ଦୋଷୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ କ୍ଷତି ପୂରଣ ନେଇ ୨୦ ତାରିଖ ଗୁରୁବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏସ୍..ଏଫ୍. ଆଇ ଛାତ୍ର ସଂଗଠନ ,ଦୀନକୃଷ୍ଣ କଲେଜ ଶାଖା ତରଫରୁ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଗତ ତା୧୭-୦୨-୨୦୨୪ ରିଖରେ କିଟ୍ ବିଶ୍ୱବିଦ୍ୟାଳୟରେ ଜଣେ ନେପାଳୀ ଛାତ୍ରୀ ପ୍ରକୃତିଙ୍କ ଆତ୍ମହତ୍ୟା ପାଇଁ ପ୍ରତ୍ୟକ୍ଷ ଭାବେ କର୍ତ୍ତୃପକ୍ଷ ଦାୟୀୟ ଆତ୍ମହତ୍ୟା କରିଥିବା ଛାତ୍ରୀ ପୂର୍ବରୁ ତାଙ୍କ ପ୍ରତି ହୋଇଥିବା ମାନସିକ ନିର୍ଯାତନା, ଅପମାନ ଓ ଭେଦଭାବ ମୂଳକ ଆଚରଣ ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । କିଟ କର୍ତ୍ତୃପକ୍ଷ ଏଥି ପ୍ରତି ସଚେତନ ରହି ଆଇନଗତ ଭାବେ, ପ୍ରତି ଅନୁଷ୍ଠାନରେ ଥିବା ଯୌନ ଉତ୍ପୀଡ଼ନ କମିଟି ଜରିଆରେ, ଘଟଣାର ତଦନ୍ତ କରି ପ୍ରତିଷେଧ ମୂଳକ ପଦକ୍ଷେପ ନେଇଥିଲେ ଏଭଳି ଦୁର୍ଭାଗ୍ୟ ଜନକ ଘଟଣା ଘଟିନଥାନ୍ତା । ଭିନ୍ନ ଭିନ୍ନ ସୂତ୍ରରୁ ଉପଲବ୍ଧ ଭିଡ଼ିଓରେ ପ୍ରଦର୍ଶିତ ହେଉଥିବା ଦୃଶ୍ୟ ଓ ଶ୍ରାବ୍ୟରୁ ଜଣାପଡୁଛି କିଟ କର୍ତ୍ତୃପକ୍ଷ ସଂଗଠିତ ଭାବେ ପ୍ରତିବାଦ କରି ଛାତ୍ରଛାତ୍ରୀଙ୍କୁ ମରଣାତ୍ମକ ଆକ୍ରମଣ କରିବା ସହ ବଳ ପୂର୍ବକ କ୍ୟାମ୍ପସରୁ ବାହାର କରି ବସ୍ ରେ ନେଇ ରେଳ ଷ୍ଟେସନ ଓ ଅନ୍ୟ ସ୍ଥାନରେ ଛାଡ଼ିଦେଇ ଆସିବା, ଅତ୍ୟନ୍ତ ଅମାନୁଷିକ ଓ ବର୍ବରତା । ବିଶ୍ୱବିଦ୍ୟାଳୟ କିଟ ଏକ ଗୁଣ୍ଡାଙ୍କ ଆଡ୍ଡା ସ୍ଥଳୀରେ ପରିଣତ ହୋଇଛି । ବ୍ୟବସାୟିକ ଓ ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକ କିପରି ବର୍ବର ଓ ଅସଭ୍ୟ ଆଚରଣ କରିପାରନ୍ତି, ଏହା ତାର ନଗ୍ନ ଉଦାହରଣ । କିଟ କତୃପକ୍ଷ ନିଜର ରାଜନୈତିକ କ୍ଷମତା ଓ ଶିକ୍ଷା ବେପାରରୁ ବିପୁଳ ବେନାମୀ ସମ୍ପତିର ମାଲିକାନାର ଚରମ ଔଦ୍ଧତ୍ୟ ପ୍ରଦର୍ଶନ କରିଛନ୍ତି ।

ଏହି ପୃଷ୍ଠଭୂମିରେ ଏସ୍.ଏଫ୍.ଆଇର ଜିଲ୍ଲା ଆବାହକ ଚନ୍ଦନ କାମିଳାଙ୍କ ନେତୃତ୍ୱରେ ଏସ୍.ଏଫ୍.ଆଇ, ଦୀନକୃଷ୍ଣ କଲେଜ ଶାଖାର ସଭାପତି ତରୁଣ କୁମାର ରାଉତ,ଏସ୍.ଏଫ୍.ଆଇ ଦୀନକୃଷ୍ଣ କଲେଜ ଶାଖାର ସମ୍ପାଦକ କୁଳମଣି ବେହେରା, ଝାନ୍ସୀ ସାହୁ, ଅନିତା ଜେନା , ଯଶୋଦା ମହାନ୍ତି, ଶୁଭଶ୍ରୀ ବେହେରା, ଅଚ୍ୟୁତ ଜେନା, ଶିବ ପ୍ରସାଦ ସିଟ, ବେବି ଗିରି, ସଂଜୀବ ଭୋଳ, ମଧୁସ୍ମିତା ବେହେରା, ସୁଚିତ୍ରା ବେହେରା, କାର୍ତ୍ତିକ ବେହେରା, ରଞ୍ଜିତା କାମିଲା, ଶୁଭଶ୍ରୀ କାମିଲା, ଦୀପ୍ତିମୟୀ ବେହେରା, ଶୁଭଶ୍ରୀ ଗିରି, ବିନୋଦିନୀ ପ୍ରଧାନ, ଶ୍ରେୟାସ୍ମୃତି ପ୍ରଧାନ, ମୌସୁମୀ ମହାନ୍ତି, ମାନାକ କିସ୍କୁ, ନେନା ଦାସ, ଶୋଭା ଦଣ୍ଡପାଟ ଆଦି ଛାତ୍ର ନେତୃତ୍ୱ ପକ୍ଷରୁ ସମଗ୍ର ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଓ କ୍ୟାମ୍ପସର ସମସ୍ତ ଛାତ୍ର ଛାତ୍ରୀଙ୍କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଦାବୀ ଜଣାଇଛନ୍ତି । ପଦକ୍ଷେପ ନନେଲେ ଆଗାମୀ ଦିନରେ ପ୍ରତିବାଦ ଆନ୍ଦୋଳନ ଦୁର୍ବାର ହେବ ବୋଲି ଚେତାବନୀ ଦିଆଯାଇଛି ।



# ସାଂସଦଙ୍କ ମୁନିସିପାଲଟିର ଦୁଇଟି ୱାର୍ଡରେ ଉନ୍ନତି ମୂଳକ କାର୍ଯ୍ୟର ତଦାରଖ

ଉମରକୋଟ,୨୧।୨ (ନି.ପ୍ର) : ନବରଙ୍ଗପୁର ଜ଼ିଲ୍ଲାର ଉମକୋଟ ମୁନିସିପାଲଟିର ୱାର୍ଡନମ୍ବର ୧୦,ଏବଂ ୱାର୍ଡ,ଗୁଲିପାଟଣା ସାହି ଓ ୱାର୍ଡ ନମ୍ବର ୦୭, କୁସମାଗୁଡା ସହିରେ ବୁଲି ଉନ୍ନୟତି ମୂଳକ କାର୍ଯ୍ୟ ଗୁଡିକର ତଦାରଖ କରିଥିଲେ ।ଏହି ତଦାରଖ କାର୍ଯ୍ୟକ୍ରମରେ ମୁନିସିପାଲଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଆଲୋକ ଅଲୁଗୁଳିଅ। ଓ ବିଭାଗୀୟ ଯନ୍ତ୍ରୀ ଶ୍ରୀ ମହାନ୍ତିଙ୍କ ସହ କାଉଁସିଲେର ଶ୍ରମତୀ କନକଲତା ନାୟକ, ଯୋଗ ଦେଇ ସାହିର ସଫାଇ କାର୍ଯ୍ୟ ସହ ରାସ୍ତାର ମରାମତି,ସାହି ରାସ୍ତାରେ ଡ୍ରେନ ନିର୍ମାଣ ସହ କିଛି ଡ୍ରେନର ମରାମତି,ମଶାଣିର ରାସ୍ତା ନିର୍ମାଣ ,ପାନୀୟ ଜଳ,ଇତ୍ୟାଦି କାର୍ଯ୍ୟ ଗୁଡିକୁ ତୁରନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ସାହି ବାସିନ୍ଦା ସାଥିରେ ରହି ବସ୍ତିରେ କେଉଁଠି କେଉଁ କାର୍ଯ୍ୟ ହେବାକୁ



ଅଛି ତାହା ଦେଖାଇଥିଲେ । ସେହିପରି ସାହିରେ ଘର ଉପରେ ଅର୍ଥାତ ଇଲେକ୍ଟ୍ରି ଅଫିସ ଠାରୁ ମା ମଙ୍ଗଳା ମନ୍ଦିର ପର୍ଯନ୍ତ ପ୍ରାୟ ଦେଢ଼ କିଲୋମିଟର ହେବ ଏହା ଚାରି ଗୋଟି ସାହିରେ ଘର ଉପର ଦେଇ ଏହି ଇଲେଭେନ ୧୧ କଭୀ ଲାଇନ ରହିଛି । ଏହାକୁକୁ ହଟାଇବା ପାଇଁ ଇଲେକ୍ଟ୍ରି ବିଭାଗର ଉପରସ୍ତ ଅଧିକାରୀଙ୍କୁ ଫୋନ ଯୋଗେ ନିର୍ଦ୍ଦେଶ ଦେଇଥିଲ । ଏହାପରେ ସାଂସଦ ବି,ଜେ,ପି କାର୍ଯ୍ୟାଳୟ କୁ ଯାଇ ଦଳୀୟ କର୍ମୀ ମାନଙ୍କ ସହ ଦଳୀୟ ସଂଗଠନ ବିଷୟରେ ଆଲୋଚନା କରିବା ସହ ସହରର ବିଭିନ୍ନ ଉନ୍ନୟତି ମୂଳକ କାର୍ଯ୍ୟ ଉପରେ ଆଲୋଚନା କରିବା ସହ ଋଷୀ ମାନେ ଧାନ ମଣ୍ଡିରେ ଧାନ କଟିନୀ, ଛଟିନି ନହ ହୋଇ ଉପଯୁକ୍ତ ମୂଲ୍ୟ ପାଉଛନ୍ତି ନା ନାହିଁ ସେ ବିଷୟରେ ଆଲୋଚନା କରିଥିଲେ । ମଣ୍ଡି ରେ ଋଷୀ ଧାନ ନ ନେଇ ସିଧା ସଳଖ ମିଲରକୁ ଧାନ ଦେଇ ବହୁ ଋଷୀ ରେଜିଷ୍ଟ୍ରେସନ ସମୟ ସୀମା ତାରିଖ ଭିତରେ ନକରିବା ଫଳରେ ଋଷୀ ହଇରାଣ ହେବା ତାଙ୍କ ନଜରକୁ ଆସିବା ପରେ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସହ ଫୋନଯୋଗେ କଥା ହୋଇ ତୁରନ୍ତ ସମାଧାନ କରିବାକୁ କହିଥିଲ । ଏହି କାର୍ଯ୍ୟକ୍ରମ ରେ ବି,ଜେପି ଦଳର ରାଜ୍ୟ ସମ୍ପାଦକ ରମେଶ ସାହୁ,ଜିଲ୍ଲା ସମ୍ପାଦକ ଅଶୋକ ପଢି,ସାଂସଦଙ୍କ ପ୍ରତିନିଧି ରାମ ନାୟକ,ନଗର ସଭାପତି ସନ୍ତୋଷ ଶର୍ମା, ବରିଷ୍ଠ ନେତା ପ୍ରଭାତ ନାୟକ, ସନତ ଠାକୁର,ସିତାରାମ ମାଝୀ, ବାପୀ ଦଶ ଗୋପୀନାଥ ସାହୁ,ସୁରେଶ ଆଚାର୍ଯ୍ୟ, ଟିଙ୍କୁ ଦାସ,ମିଲୁ ପଣ୍ଡା,ନିତୁ ଗଣ୍ଡ,ଶଙ୍କର ମିସ୍ତ୍ରୀ,ଶଙ୍କର ଡାକୁଆ, ମୁନା ପାଣିଗ୍ରାହୀ,ଜଟି ପଟନାୟକ ଙ୍କ ସହ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# ବାଲ୍ୟ ବିବାହ ନିଷେଧ ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ

## କଡାକଡି ଲାଗୁହେବ ବାଲ୍ୟବିବାହ ନିଷେଧ ଆଇନ

## ଥାନାରେ ପଞ୍ଜିକୃତ ହେବ ପ୍ରତ୍ୟେକ ବାଲ୍ୟ ବିବାହ ଅଭିଯୋଗ

ପୁରୀ,୨୧।୨ (ନି.ପ୍ର) : ବାଲ୍ୟ ବିବାହ ସଭ୍ୟ ସମାଜ ରେ ଏକ ଘୃଣ୍ୟ କାର୍ଯ୍ୟଏହା ପ୍ରତ୍ୟେକ ଶିଶୁମାନଙ୍କ ପାଇଁ ହିଂସା ସଦୃଶୟ ଏହା ଦ୍ୱାରା ଶିଶୁଟି ତାର ଶିକ୍ଷା ଓ ସ୍ୱାସ୍ଥ୍ୟ ଅଧିକାରରୁ ବଂଚିତ ହୋଇଥାଏ ଓ ଅନେକ ଅସୁବିଧା ଜନକ ପରିସ୍ଥିତି ଦେଇ ଗତିକରିଥାଏ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ । ଗତକାଲି ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲଙ୍କ କାର୍ଯ୍ୟାଳୟ ପରିସରରେ ବାଲ୍ୟ ବିବାହକୁ ଜିଲ୍ଲାରେ ସମ୍ପୂର୍ଣ୍ଣ ବନ୍ଦ କରିବା ଲକ୍ଷ୍ୟରେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ଏକ ସାମୁହିକ ବୈଠକ ଅନୁଷ୍ଠିତ ହୋଇଥିଲା ।



ଏଥିରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ବାଲ୍ୟ ବିବାହ ଦ୍ୱାରା ପିଲାଟି ସ୍ୱାସ୍ଥ୍ୟଗତ ଓ ମାନସିକ ସ୍ତରରେ କ୍ଷତିଗ୍ରସ୍ତ ହୋଇଥାଏ । ପିଲାଟି ରୁଗ୍ଣ ସହ ସମାଜ ମଧ ବ୍ୟାଧି ଗ୍ରସ୍ତ ହୁଏ । ତୃଣମୂଳ ସ୍ତରରୁ ଜିଲ୍ଲା ପର୍ଯ୍ୟନ୍ତ ସମସ୍ତ ଅଂଶୀଦାର ସମୂହ ଓ ବିଭିନ୍ନ କମିଟି ମଧରେ ସମନ୍ୱୟ ରଖି କାର୍ଯ୍ୟ କଲେ ଆମେ ଆମ ଲକ୍ଷ୍ୟ ସ୍ଥଳରେ ପହଂଚିପାରିବା । ଆମପାଖରେ ମାନବ ସମ୍ବଳର ଅଭାବ ନାହିଁ,କିନ୍ତୁ ମାନସିକତା ଅଭାବ ରହିଛି । ଅଂଶୀଦାର ସମୂହ ନିଜ ଦାୟିତ୍ୱ ନିର୍ବାହ କଲେ ଆମର ଜିଲ୍ଲାକୁ ବାଲ୍ୟବିବାହ ମୁକ୍ତ କରିପାରିବା ବୋଲି ସେ ଆହ୍ୱାନ ଦେଇଥିଲେ । ଅତିରିକ୍ତ ଏସ ପି ଦେବବ୍ରତ ଚକ୍ର କୌଣସି ସ୍ଥାନରେ ବାଲ୍ୟବିବାହ ହେଉଛି ବୋଲି ଅବଗତ ହେଲେ ଦାୟିତ୍ୱରେ ଥିବା ଅଧିକାରୀ ବା ବ୍ୟକ୍ତି ବିଶେଷ ବାଲ୍ୟ ବିବାହରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ ନିକଟସ୍ଥ ପୋଲିସ ଥାନାରେ ଅଭିଯୋଗ ଦାଖଲ କରାଗଲେ ଏହା ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ । ବାଲ୍ୟବିବାହ ନିଷେଧ ଆଇନ ସମ୍ପର୍କିତ ସମୀକ୍ଷା ବୈଠକ ପ୍ରାରମ୍ଭରେ ଆକ୍ସନ ଏଡ ସଂଗଠନର ଜିଲ୍ଲା ସଂଯୋଜକ ରଞ୍ଜିତା ଦାଶ ଅଂଶୀଦାର ସମୂହଙ୍କୁ ସ୍ୱାଗତ କରିବାସହ ସମୀକ୍ଷା ବୈଠକର ଉଦେଶ୍ୟ ଉପରେ ଆଲୋକପାତ କରି ଆଗାମୀ ଦିନରେ ଜିଲ୍ଲାକୁ ବାଲ୍ୟବିବାହ ମୁକ୍ତ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବାପାଇଁ ମତାମତ ଲୋଡ଼ିଥିଲେ । ୧୮ ଦିନ ପାଇଁ ଏକ ଖସଡ଼ା ପ୍ରସ୍ତୁତ ସହ ସମସ୍ତଙ୍କ ଭାଗିଦାରୀ ବାଲ୍ୟ ବିବାହକୁ ରୋକି ଆମ ଜିଲ୍ଲା କୁ ବାଲ୍ୟ ବିବାହ ମୁକ୍ତ ଜିଲ୍ଲା କରାଯାଇ ପାରିବ ବୋଲି ସେ ଆଶା କରିଥିଲେ । ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ଅଜିତ କୁମାର ମହାପାତ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ,ଶିଶୁ ସୁରକ୍ଷା ଆଇନ ପରାମର୍ଶ ଦାତା ସନ୍ତୋଷ କୁମାର ପ୍ରତ୍ୟକ ବିଦ୍ୟାଳୟ ରେ କିଶୋର କିଶୋରୀ ମାନଙ୍କୁ ଉଚିତ ପରାମର୍ଶ ଦିଆଯିବା, ଅଦ୍ୱିକା କାର୍ଯ୍ୟକ୍ରମ ବିଷୟରେ ପିଲାମାନଙ୍କୁ ଅବଗତ କରାଯିବା, ଗାଁ କଲ୍ୟାଣ ସମିତିର ବୈଠକରେ ଶିଶୁ ସୁରକ୍ଷା ଓ ଅଧିକାର ଉପରେ ବିଶେଷ ଆଲୋଚନା କରାଯିବା ସମ୍ପର୍କରେ ଆଲୋଚନା ସହ ଏନଫୋର୍ସମେ କୁ କଡାକଡି ସମ୍ପର୍କରେ ପ୍ରସ୍ତାବ ଦେଇଥିଲେ । ବୈଠକ ନିଷ୍ପି ଅନୁସାରେ ପ୍ରତ୍ୟକ ପଞ୍ଚାୟତ ହେବ ଶିଶୁଅନୁକୂଳ ପଂଚାୟତ, ଜିଲ୍ଲାରେ ବିଭିନ୍ନ ସ୍ଥାନରେ ବାଲ୍ୟବିବାହ ନିଷେଧ ଆଇନ ସପର୍କିତ ପୋଷ୍ଟର ଲାଗିବ,ୱାଲ ପେଣ୍ଟିଂ କରାଯିବ । ସରକାର ପଂଚାୟତ ସ୍ତରରେ ପିଇଓ, ସ୍କୁଲ ପ୍ରଧାନ ଶିକ୍ଷକ ଓ ଆବାସିକ ବିଦ୍ୟାଳୟ ର ୱାର୍ଡେନ ମାନଙ୍କୁ ବାଲ୍ୟ ବିବାହ ନିଷେଧ ଅଧିକାରୀ ରୂପେ ବିଜ୍ଞାପ୍ତି ପ୍ରକାଶ କରିଛନ୍ତି । ତେଣୁ ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନଙ୍କ ବାଲ୍ୟବିବାହ ସମ୍ପର୍କିତ ନିର୍ଦ୍ଦେଶାବଳୀ ଜିଲ୍ଲାରେ କାର୍ଯ୍ୟ କରୁଥିବା ସମସ୍ତ ଅଂଶୀଦାର ସମୂହ ଅନୁପାଳନ କରିବାକୁ ପରାମର୍ଶ ଦିଆଯାଇଛି । ବୈଠକରେ ଅନ୍ୟ ମାନଙ୍କ ମଧରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା,ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମମତା ମିଶ୍ର ।

# ସମ୍ବେଦନଶୀଳ ଶିଶୁ ପ୍ରସଙ୍ଗରେ ଗୋପନୀୟତା

## ଜିଲ୍ଲାସ୍ତରୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ନିମନ୍ତେ କର୍ମଶାଳା

ଭଦ୍ରକ,୨୧।୨ : ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସମ୍ବେଦନଶୀଳ ଶିଶୁ ପ୍ରସଙ୍ଗରେ ଗୋପନୀୟତା ଶୀର୍ଷକ କର୍ମଶାଳା ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ମର୍ମରେ ଜିଲ୍ଲାପାଳ, ଭଦ୍ରକ ଦୀଲିପ ରାଉତରାଏ ମୁଖ୍ୟ ଅତିଥିରୂପେ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସମ୍ମାନୀତ ଅତିଥି ରୂପେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ (ଗୁଇନ୍ଦା) ଅଂଶୁମାନ ଦ୍ୱିବେଦୀ, ଶିଶୁ ମଂଗଳ କମିଟିର ଅଧକ୍ଷ ଡ଼ା. ଦେବରାଜ ପାଣିଗ୍ରାହୀ, କିଶୋର ନ୍ୟାୟ ପରିଷଦର ସଦସ୍ୟ ବନମାଳୀ ଜେନା ପ୍ରମୁଖ ଯୋଗଦାନ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ର ଆଇନପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ପ୍ରାରମ୍ଭିକ ସୂଚନା ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଜିଲ୍ଲାପାଳ ନିଜ



ଅଭିଭାଷଣରେ ବିପନ୍ନରେ ଥିବା ଶିଶୁ କିଭଳି ପରିବର୍ତ୍ତନ ହୋଇପାରିବ ଏବଂ ତାର ପରିଚୟ ଗୋପନରଖି ମର୍ଯ୍ୟାଦା ରକ୍ଷା କଲେ ସେ ପୁନଃଷ୍ଟ ସାମାଜିକ ସ୍ରୋତରେ ସାମିଲ ହୋଇ ପାରିବ, ସେଥିପାଇଁ ଗଣ ମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ । ସେହିପରି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଭିନ୍ନ ଆଇନ ଶିଶୁମାନଙ୍କ ନିମନ୍ତେ ଥିବା ସତ୍ତ୍ୱେ ବହୁ ସମୟରେ ଆମେ ଶିଶୁଙ୍କୁ ଅଣ ଦେଖାକରୁ ଏବଂ ବୟସ ନିର୍ଦ୍ଧାରଣରେ ପୋଲିସ ଓ ଗଣମାଧ୍ୟମର ଭୂମିକା ମଧ ଗୁରୁତ୍ୱପୂର୍ଣ୍ଣ ଅଟେ । ସେଥିପ୍ରତି ସମସ୍ତେ ଧ୍ୟାନ ଦେବା ଉଚିତ୍ ବୋଲି ମତ ପୋଷଣ କରିଥିଲେ । ସେହିପରି ଆଇନଜୀବୀ ବନମାଳୀ ଜେନା ଶିଶୁମାନଙ୍କ ପାଇଁ ମିଶନ ବାତ୍ସଲ୍ୟର ନୀତି ନିୟମ ଉପରେ ଅଭିମତ ରଖିଥିଲେ । ଅଧକ୍ଷ ଶିଶୁ ମଂଗଳ କମିଟି ଶିଶୁମାନଙ୍କ ପାଇଁ ସମସ୍ତେ ସମ୍ବେଦନଶୀଳ ହେବା ଜରୁରୀ ବୋଲି ମତପୋଷଣ କରିଥିଲେ । କର୍ମଶାଳାରେ ବିଷୟ ବିଷାରଦ ରୂପେ ପୂର୍ବତନ ଶିଶୁ ମଂଗଳ କମିଟିର ଅଧକ୍ଷ ଡ଼. ସୁଦର୍ଶନ ବାରିକ ପୁଙ୍ଖାନୁପୁଙ୍ଖ ଭାବେ ଶିଶୁ ଅଧିକାର, ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନ୍ ଓ ଗଣମାଧ୍ୟମ ପ୍ରତିନିଧି ଜ୍ଞାନ ପ୍ରକାଶ ପାଣି, ପ୍ରମୋଦ ରାୟ, ପ୍ରଭାତ ଦାସ, ନରେନ୍ଦ୍ର ସାମଲ ପ୍ରଭୃତି ଶିଶୁର ଗୋପନୀୟତା ବଜାୟ ରଖିବା ଏବଂ ଗଣମାଧ୍ୟମର ଭୂମିକା ସଂବନ୍ଧରେ କର୍ମଶାଳାରେ ଉଲ୍ଲେଖ କରିଥିଲେ । ଶିଶୁ ସୁରକ୍ଷା ଶାଖାର ଅଣ ଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ, ସୁଦର୍ଶନ ବାନ୍ଦ୍ରା, ବିଶ୍ୱ ନାରାୟଣ ପଣ୍ଡା, ଧୀରଜ ବାରିକ ସମେତ ଚାଇଲ୍ଡ ଲାଇନର ଦିଗ୍ ବିଜୟ ମହାନ୍ତି, ଲକ୍ଷ୍ମଣ ଜେନା, କାହ୍ନୁ ଚରଣ ମଲ୍ଲିକ, ନରେନ୍ଦ୍ର ନବୀନ ଚନ୍ଦ୍ର ବେହେରା, ଚନ୍ଦ୍ରକାନ୍ତ ଗୋଛାୟତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଶିଶୁ ଅନୁଷ୍ଠାନର ରିୟାଜ ଅହମ୍ମଦ, ଆକାଶ ପୃଷ୍ଟି, ଚନ୍ଦନ ବିଶ୍ୱାଳ, ଲୁନା ଦାସ, ଭଗବାନ ବେହେରା ଏବଂ ସମସ୍ତ ଗଣମାଧ୍ୟମର ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ । ପରିଶେଷରେ ଆଇନ ପ୍ରୋବେସନ୍ ଅଧିକାରୀ ସୁବ୍ରତ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୁବ ବ୍ୟବସାୟୀଙ୍କୁ ସୁଦୃଢ କରିବା ଦିଗରେ ନାନୋ ୟୁନିକର୍ନ ଯୋଜନା

ମାଲକାନଗିରି, ୨୧/୨ : ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ କାର୍ଯ୍ୟାଳୟ ତରଫରୁ ଜିଲ୍ଲା ପାଠାଗାର ଠାରେ ନାନୋ ୟୁନିକର୍ନ ଯୋଜନାରେ ହିତାଧିକାରୀଙ୍କ ଚୟନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛିୟ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ମନସ୍ି ସେଠୀଙ୍କ ତ ।ବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଚୟନ ପ୍ରକିୟାରେ ଜିଲ୍ଲା ଶିକ୍ଷ ଅଧିକାରୀ , ଆଇ ଟି ଆଇ ପ୍ରିନ୍ସିପାଲ୍, ପଲିଟେକନିକ୍ ପ୍ରିନ୍ସିପାଲ୍, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଓ ପ୍ରଶିକ୍ଷକ ଏବଂ ଟାଟା ଷ୍ଟ୍ରାଇଭ୍ ତରଫରୁ ମାନସ କୁମାର ଓ ସୌମ୍ୟ କୁମାର ଉପସ୍ଥିତ ଥିଲେ । ଏହି ୧୧ ଜଣ ଉଦ୍ୟୋଗୀ ଏବେ ନିଜ ବ୍ୟବସାୟରେ ଆଗକୁ ଯିବାପାଇଁ ବାହାରିଛନ୍ତି । ଏମାନେ ମଧ ଆଗକୁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବେ ବୋଲି ଲକ୍ଷ୍ୟ ରଖାଯାଇଛି । ଏହି କାର୍ଯ୍ୟକ୍ରମ ଆଗାମୀ ସମୟରେ ଅନ୍ୟ ଯୁବକମାନଙ୍କୁ ପ୍ରେରଣା ଦେବ ଓ ନୂତନ ଉଦ୍ୟୋଗୀ ସୃଷ୍ଟି କରିବ ବୋଲି ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ସୂଚନା ଦେଇଛନ୍ତି । ୩୦ ଜଣ ଆଶାୟୀ ଏହି କାର୍ଯ୍ୟକ୍ରମ ନିମନ୍ତେ ମନୋନୀତ



ହୋଇଥିଲେ ଓ ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କୁ ଚୟନ କରାଯାଇଥିଲା । ଖୁବ୍ ଶୀଘ୍ର ସେମାନଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯିବ । ଏଥି ନିମନ୍ତେ ଟାଟା ଷ୍ଟ୍ରାଇଭ ଦ୍ୱାରା ୧୦ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ପ୍ରଶିକ୍ଷଣ ଦ୍ୱାରା ବ୍ୟବସାୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରା ଯାଇଥିଲା , ଓ ବ୍ୟବସାୟୀ କିଭଳି ଭାବେ ଏକ ଭଲ ଯୋଜନା ପ୍ରସ୍ତୁତ କରି ବ୍ୟବସାୟ କରି ପାରିବେ ସେଥି ନିମନ୍ତେ ପ୍ରଶିକ୍ଷଣ ଦିଆଯାଇଥିଲା ।

ସୂଚନା ଯୋଗ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ତତ୍ତ୍ୱାବଧାନରେ ୧୧/୦୩/ ୨୦୨୪ରେ ନାନୋ ୟୁନିକୋର୍ଣ୍ଣ ଯୋଜନାର ଆରମ୍ଭ ହୋଇଥିଲା । ଯାହାର ଲକ୍ଷ୍ୟ ଥିଲା ନୂତନ ବ୍ୟବସାୟୀ ମାନଙ୍କୁ ପ୍ରୋତ୍ସାହନ ଦେବା ଓ ଯୁବ ବର୍ଗ କୁ ଦକ୍ଷ କରିବା ଯମୁଖ୍ୟତଃ ଗ୍ରାମୀଣ ଅଞ୍ଚଳ ଉପରେ ପ୍ରାଧାନ୍ୟ ଦେଇ ସେମାନଙ୍କ ଜୀବିକା କୁ ସୁଦୃଢ଼ କରିବା ଯ ଏହି ଯୋଜନା ମାଧ୍ୟମ ରେ ବଡ଼ ଧରଣ ର ପରିବର୍ତ୍ତନ ଆସିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ଯୋଜନା ମାଧ୍ୟମରେ ବେକାରୀ ସମସ୍ୟା ଓ ଋକିରି ପାଇଁ ବାହାର ରାଜ୍ୟ ଉପରେ ନିର୍ଭରଶୀଳ ହେବା ଭଳି ସମସ୍ୟା ଗୁଡ଼ିକୁ ସମାଧାନ କରିପାରିବ ।

# ସୋଆରେ ବିଶ୍ୱ ମାତୃଭାଷା ଦିବସ ପାଳିତ

ଭୁବନେଶ୍ୱର,୨୧।୨ (ନି.ପ୍ର) : ବିଶ୍ୱରେ ୭୦୦୦ ରୁ ଊର୍ଦ୍ଧ୍ୱ ଭାଷା ରହିଥିବା ବେଳେ ତନ୍ମଧ୍ୟରୁ ଅନେକ ଲୋପ ପାଇବାକୁ ବସିଲାଣି। ଓଡ଼ିଆ ଏକ ସମୃଦ୍ଧ ତଥା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି। ତେବେ ଆମେ ଆମ ମାତୃଭାଷାକୁ ଅଧିକ ସମୃଦ୍ଧ ଓ ବଂଚାଇ ରଖିବା ପାଇଁ ନିଜ ଠାରୁ ହିଁ ପ୍ରୟାସ ଆରମ୍ଭ କରିବା ଜରୁରୀ। କାରଣ ନିଜଠାରୁ ଆରମ୍ଭ ହୋଇଥିବା କାର୍ଯ୍ୟ ଦୀର୍ଘସ୍ଥାୟୀ ହୋଇଥାଏ ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ପ୍ରାଚୀନ୍ର ମୁଖ୍ୟ ତଥା ବିଶିଷ୍ଟ ସାହିତ୍ୟିକା ପ୍ରଫେସର ଗାୟତ୍ରୀବାଳା ପଣ୍ଡା।

ସୋଆରେ ଶୁକ୍ରବାର ଦିନ ବିଶ୍ୱ ମାତୃଭାଷା ଦିବସର ରଜତ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ୱାଗତ ଅଭିଭାଷଣ ଦେବା ପରିପ୍ରେକ୍ଷୀରେ ପ୍ରଫେସର ପଣ୍ଡା କହିଥିଲେ ଯେ ଓଡ଼ିଆ ଭାଷାକୁ ବଂଚାଇବା ସହ ପ୍ରତ୍ୟେକ ପରିବାର ତଥା ସାମାଜିକ ସ୍ତରରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି। ପିଲାମାନଙ୍କୁ ନିଜ



ମାତୃଭାଷା ପ୍ରତି ଆକୃଷ୍ଟ କରାଇବା ଜରୁରୀ ବୋଲି ପ୍ରଫେସର ପଣ୍ଡା କହିଛନ୍ତି।

କାର୍ଯ୍ୟକ୍ରମରେ ବିଶିଷ୍ଟ ଐତିହାସିକ ଡକ୍ଟର ନିବେଦିତା ମହାନ୍ତି 'ଓଡ଼ିଆ ଜାତି ନିର୍ମାଣରେ ଭାଷାର ଭୂମିକା' ପ୍ରସଙ୍ଗରେ ଆଲୋଚନା କରି ବ୍ୟାସକବି ଫକୀରମୋହନ ସେନାପତିଙ୍କ 'ରେବତୀ' ଗଳ୍ପକୁ ଉଦ୍ଧୃତ କରି ଆଜି ବି ସମାଜରେ ଜଣେ ଜଣେ ରେବତୀ ବଂଚିଛନ୍ତି ବୋଲି କହିଥିଲେ। ଫକୀରମୋହନଙ୍କ ସମୟରେ ନାରୀମାନଙ୍କୁ ନେଇ ଅନେକ କୁସଂସ୍କାର ଓ ଅନ୍ଧବିଶ୍ୱାସ ରହିଥିବା ବେଳେ ଏହାକୁ ଅନୁଭବ କରି ନିଜ ରଚନାରେ ସେ ଏହା ଉପରେ ମନ୍ତବ୍ୟ ରଖିଥିଲେ।

ଏହି ଅବସରରେ ବିଶିଷ୍ଟ କବୟିତ୍ରୀ ଡକ୍ଟର ଅପର୍ଣ୍ଣା ମହାନ୍ତି ମାତୃଭାଷାକୁ ମା' ସହ ଜଡ଼ିତ କରି ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ଦିଗରେ ମା' ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ରମାଦେବୀ ମହିଳା ବିଦ୍ୟାଳୟର ରାଜନୀତି ବିଜ୍ଞାନର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ମାନସ ବେହେରା 'ଓଡ଼ିଆ ଭାଷାର ପ୍ରାୟୋଜିତ ସମ୍ଭାବନା: ଇତିହାସ ପୃଷ୍ଠଭୂମିରେ' ପ୍ରସଙ୍ଗରେ ଆଲେଚନା କରିଥିଲେ। ଓଡ଼ିଆ ଭାଷାକୁ ସବୁସ୍ତରରେ ପ୍ରଚଳିତ କରିବା ପାଇଁ ସରକାରୀ ସ୍ତରରେ ପ୍ରଚେଷ୍ଟା ହେବା ଜରୁରୀ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଶେଷରେ ସାରୋଳଦାସ ମହାଭାରଥର ସମ୍ପାଦକ ପ୍ରଫେସର ଗୌରାଙ୍ଗ ଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଚୀନ୍ର ଆନ୍ଥ୍ରୋପୋଲଜି ଓ ଟ୍ରାଇବାଲ୍ ଷ୍ଟଡିଜ୍ ବିଭାଗର ଆସୋସିଏଟ୍ ପ୍ରଫେସର (ଡକ୍ଟର) ନିହାର ରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଫେସର ପ୍ରଦୀପ୍ତ କୁମାର ପଣ୍ଡା ଓ ପ୍ରଫେସର ସନ୍ତୋଷ କୁମାର ରଥ ଉପସ୍ଥିତ ଥିଲେ।

# ମାର୍ଚ୍ଚ ୨୧ରୁ ରେକୀ ମିଶନ ପକ୍ଷରୁ ୧୮ତମ ମହା ଶିଶୁପର୍ବ

କଟକ,୨୧।୨ (ନି.ପ୍ର) : ରେକୀ ମିଶନ ପକ୍ଷରୁ ୪୨ ମୌଜା ଅନ୍ତର୍ଗତ କୂଳସରିଚୂଆଁ ସ୍ଥିତ ଆର୍ଏମ ସ୍କୁଲର ବହୁ ପ୍ରତିଷ୍ଠିତ ୧୮ତମ ମହା ଶିଶୁପର୍ବ ଆସନ୍ତା ମାର୍ଚ୍ଚ ମାସ ୨୧,୨୨ ଓ ୨୩ରେ ଅନୁଷ୍ଠିତ ହେବ ବୋଲି ପ୍ରତିଷ୍ଠାତା ପୂଜ୍ୟ ବିଜ୍ଞାନୀ ଗୁରୁ ଶ୍ରୀସନ୍ତୁ ଆଜି ଏକ ବୈଠକରେ ସୂଚନା ପ୍ରଦାନ କରିଛନ୍ତି । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଆରଏମ ସ୍କୁଲ ପରିସରରେ ମହା ଶିଶୁପର୍ବ ଅନୁଷ୍ଠିତ ହେବ । ଗ୍ରାମାଂଚଳର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁଚି ରହିଥିବା ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବା ପାଇଁ ଏ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ମାର୍ଚ୍ଚ ୨୧ ଓ ୨୨ରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନେକ ଗୁଡ଼ିଏ ବିଷୟ ଉପରେ ଯଥା, ଗଳ୍ପ ଲିଖନ,



ଚିତ୍ରାଙ୍କନ, ନୃତ୍ୟ ଓ ସଙ୍ଗୀତ ଭଳି ଆଦି ପ୍ରତିଯୋଗିତା କରାଯିବା ସହ ୨୩ରେ ଏକ ଭବ୍ୟ ପରିବେଶରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯିବ । ଏହି କାର୍ଯ୍ୟକ୍ରମ ତିନିଦିନ ବ୍ୟାପି ଆୟୋଜିତ ହେବ । ପ୍ରତିଯୋଗିତା ପାଇଁ କଟକ ସଦର ତଥା ଆଖପାଖ ଅଂଚଳର ପାଖାପାଖି ୧୩୦ ଗୋଟି ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ନିମନ୍ତ୍ରଣ କରାଯିବା ସହ ପ୍ରତିଯୋଗିତା ପାଇଁ ପଞ୍ଜିକରଣ ପତ୍ର ପ୍ରଦାନ କରାଯାଉଛି । ଏହି ମହାପର୍ବରେ ଅତିଥି ଭାବେ ମନ୍ତ୍ରୀ, ଲୋକ ପ୍ରତିନିଧି ଏବଂ ବହୁ ଉଚ୍ଚ ପଦସ୍ଥ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସ୍କୁଲର ସଂଯୋଜକ ଭାରତ ଭୂଷଣ ରାୟ କହିଛନ୍ତି । ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ କେବଳ ପରୀକ୍ଷା ବୋର୍ଡ ଛଡ଼ା ଅନ୍ୟ କୌଣସି ଜିନିଷ ପ୍ରତିଯୋଗିତା ସ୍ଥଳକୁ ଆଣିବା ପାଇଁ ବାରଣ କରାଯାଇଛି । ଏପରିକି ଖାଦ୍ୟ, ପାନୀୟ ସହ ପ୍ରତିଯୋଗିତା ପାଇଁ ଆବଶ୍ୟକୀୟ ହେଉଥିବା ସମସ୍ତ ପେପର, ପେନ, ପେନସିଲ, କଟର ଓ ରବର୍ ଆଦି ଆୟୋଜକଙ୍କ ତରଫରୁ ଯୋଗାଇ ଦିଆଯିବ ।

ଏହି ବୈଠକରେ ରେକି ମିଶନ ପକ୍ଷରୁ ଆର ପି ସିଂହ, ବାପି ବରାଳଙ୍କ ସମେତ ଆଶ୍ରମର ସମସ୍ତ ଗୁରୁସେନା ଓ ଶକ୍ତିସେନା ଏବଂ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ପ୍ରୋଟିଆନ୍ ଆପ୍ ଦ୍ୱାରା ଏନ୍ ପିଏସ୍ ଅପଗ୍ରେଡ୍ ହେଲା : ଯୁବ ନିବେଶକଙ୍କ ପାଇଁ ଅବସର ଯୋଜନାକୁ ସହଜ କରିଛି

ଭୁବନେଶ୍ୱର,୨୧।୨ (ନି.ପ୍ର) : ଡିଜିଟାଲ ପବ୍ଲିକ ଇନଫ୍ରାଷ୍ଟ୍ରକଚରରେ ଟେକ୍ନୋଲୋଜି ଅଗ୍ରଣୀ ପ୍ରୋଟିଆନ୍ ଇ-ଗଭ ଟେକ୍ନୋଲୋଜି (ପୂର୍ବରୁ ଏନଏସଡିଏଲ ଇ-ଗଭ) ଏବଂ ନ୍ୟାସନାଲ ପେନସନ ସିଷ୍ଟମ (ଏନପିଏସ) ଏବଂ ଅଟଳ ପେନସନ ଯୋଜନା (ଏପିୱାଇ) ପାଇଁ ଭାରତର ସର୍ବବୃହତ ସେଟ୍ରାଲ ରେକର୍ଡକିପିଂ ଏଜେନ୍ସି (ସିଆରଏ) ସେମାନଙ୍କର ପେନସନ ପରିଚାଳନା ଆପ୍ 'ଏନପିଏସ୍ ବାଇ ପ୍ରୋଟିଆନ୍'କୁ ଆଜିର ଡିଜିଟାଲ୍ ଜ୍ଞାନକୌଶଳ ପିଢ଼ି ପାଇଁ ବିଶେଷ ଭାବରେ ଡିଜାଇନ୍ କରାଯାଇଥିବା ଅନେକ ନୂତନ ବୈଶିଷ୍ଟ୍ୟ ସହିତ ବୃଦ୍ଧି କରିଛି। 'ଏନପିଏସ ବାଇ ପ୍ରୋଟିଆନ' ଆପ୍ ପେନସନ ପରିଚାଳନାରେ ଏକ ବଡ଼ ଅଗ୍ରଗତିର ପ୍ରତିନିଧିତ୍ୱ କରୁଛି, ଯାହା ଭାରତୀୟମାନଙ୍କୁ, ବିଶେଷକରି ଯୁବ ନିବେଶକମାନଙ୍କୁ ସେମାନଙ୍କ ଅବସର




ସଂଚୟର ଦାୟିତ୍ୱ ନେବାକୁ ଏବଂ ସହଜରେ ଜାତୀୟ ପେନସନ ବ୍ୟବସ୍ଥାରେ ଅଂଶଗ୍ରହଣ କରିବାକୁ ସଶକ୍ତ କରୁଛି । ଏହି ଅବସରରେ ପ୍ରୋଟିଆନ୍ ଇ-ଗଭ ଟେକ୍ନୋଲୋଜିର ଏମ୍ ଡି ତଥା ସିଇଓ ସୁରେଶ ସେଠୀ କହିଛନ୍ତି, "ଉଦ୍ଭାବନ ମାଧ୍ୟମରେ ଜନସଂଖ୍ୟା ଭିର୍ତ୍ତିକ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରୋଟିଆନ୍ ପ୍ରତିଶ୍ରୁତିବଦ୍ଧ। ୨୦୨୪-୨୫ ଆର୍ଥିକ ବଜେଟରେ ଦେଶରେ ପେନସନ ପହଚାଇବାରେ ସରକାରଙ୍କ ଦୃଢ଼ ଉଦ୍ଦେଶ୍ୟକୁ ଦର୍ଶାଯାଇଛି। ଏନପିଏସ ଏବଂ ଏପିୱାଇ ପାଇଁ ଅଗ୍ରଣୀ କେନ୍ଦ୍ରୀୟ ରେକର୍ଡକିପିଂ ଏଜେନ୍ସି (ସିଆରଏ) ଭାବରେ, ଆମେ ଏହାକୁ ବଜାର ସମ୍ପ୍ରସାରଣ ପାଇଁ ଏକ ବିରାଟ ସୁଯୋଗ ଭାବରେ ଦେଖୁଛୁ । ଆମର ନୂତନ ଆପର ଉନ୍ନତ ସଂସ୍କରଣ ଏକ ଉପଯୁକ୍ତ ସମୟରେ ଆସିଛି କାରଣ ଭାରତର ଯୁବଗୋଷ୍ଠୀ ବିବିଧ ନିବେଶ ବିକଳ୍ପ ବିଷୟରେ ଅଧିକ ସଚେତନ ହୁଅନ୍ତି ଏବଂ ସକ୍ରିୟ ଭାବରେ ସେମାନଙ୍କ ଅବସର ଯୋଜନା ଆରମ୍ଭ କରନ୍ତି । ନୂଆ ଆପ୍ ସଂସ୍କରଣରେ ଗ୍ରାହକଙ୍କୁ ନୂଆ ଯୁଗର ଡିଜିଟାଲ ଅନବୋର୍ଡିଂ କ୍ଷମତା, ଲକ୍ଷ୍ୟ ଯୋଜନା ଏବଂ ସହଜ ଲଗଇନ୍ ସହିତ ଅନେକ ଅଭିନବ ବୈଶିଷ୍ଟ୍ୟ ସହିତ ଏକ ନିରବଚ୍ଛିନ୍ନ ଅନୁଭୂତି ପ୍ରଦାନ କରାଯିବ।"



# ଜଗନ୍ନାଥଙ୍କ ଆଶୀର୍ବାଦ ଓ ଜନତାଙ୍କ ବିଶ୍ୱାସ କଂଗ୍ରେସକୁ ସୁଦୃଢ଼ କରିବ : ଭକ୍ତ ଚରଣ ଦାସ

ଭୁବନେଶ୍ୱର,୨୧।୨ (ନି.ପ୍ର) : ଓଡ଼ିଶା ପ୍ରଦେଶ କଂଗ୍ରେସର ନୂତନ ସଭାପତି ଭକ୍ତ ଚରଣ ଦାସ ଦଳର ଦାୟିତ୍ୱ ନେଲାପରେ ସାଢ଼େ ଚାରିକୋଟି ଓଡ଼ିଆଙ୍କ ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ଭିକ୍ଷା ନିମନ୍ତେ ଭୁବନେଶ୍ୱରରୁ ପୁରୀ ପର୍ଯ୍ୟନ୍ତ ସଂକଳ୍ପ ପଦଯାତ୍ରା କରିଥିଲେ। ଲକ୍ଷ ଲକ୍ଷ ସମର୍ଥକଙ୍କ ସହିତ ଲଗାତାର ତିନିଦିନ ଧରି ପାଦରେ ଚାଲିଚାଲି ଶ୍ରୀକ୍ଷେତ୍ରକୁ ଯିବା ବାଟରେ କଂଗ୍ରେସ ନେତା, କର୍ମୀ, କଂଗ୍ରେସ ପ୍ରେମୀ ଓ ଜନସାଧାରଣଙ୍କ ସହ ସମ୍ପର୍କ ଯୋଡ଼ି ଦଳକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ପାଇଁ ସଂକଳ୍ପ ନେଇଛନ୍ତି। କଂଗ୍ରେସ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକ ମାନଙ୍କୁ ସମ୍ବୋଧନ କରି କହିଛନ୍ତି ଯେ ଭୁବନେଶ୍ୱରରୁ ପୁରୀ ଯିବା ବାଟରେ, କଂଗ୍ରେସକୁ ଭଲ ପାଉଥିବା ସାଧାରଣ ଜନତାଙ୍କ କଂଗ୍ରେସକୁ ଭଲପାଇବା ଓ ବିପୁଳ ସମର୍ଥନ ଆମ ସମସ୍ତଙ୍କ ମନୋବଳ ବଢ଼ାଇବାରେ ସହାୟକ ହୋଇଛି। ମହାପ୍ରଭୁ ଜଗନ୍ନାଥଙ୍କ କୃପା କରୁଣା କଂଗ୍ରେସ ଉପରେ ରହିଛି। ଓଡ଼ିଶା ଜନସାଧାରଣଙ୍କ ପାଖକୁ ଯାଇ ସେମାନଙ୍କ ବିଶ୍ୱାସ ଜିତିବା ଆମର ପ୍ରଥମ କର୍ତ୍ତବ୍ୟ ହେବ ବୋଲି ଶ୍ରୀ ଦାସ ପ୍ରକାଶ କରିଛନ୍ତି। ଓଡ଼ିଶାର ନୂତନ ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ପୂର୍ବତନ ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଡ. ଗିରିଧର ଗମାଙ୍ଗୋ, ପ୍ରାକ୍ତନ ସାଂସଦ ଡଃ ରାମଚନ୍ଦ୍ର ଖୁଂଟିଆ, ଜଗନ୍ନାଥ ପଟ୍ଟନାୟକ, ଅମର ପ୍ରଧାନ, ନକୁଳ ନାୟକ, ପ୍ରାକ୍ତନମନ୍ତ୍ରୀ ବିଜୟଲକ୍ଷ୍ମୀ, ଓଡ଼ିଶା ସହ ପ୍ରଭାରୀ ଶାହାନୱାଜ ଚୌଧୁରୀ, ରୋଜାଲିନ ତିର୍କି, ଅନନ୍ତ ସେଠୀ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ପ୍ରାକ୍ତନ ବିଧାୟକ ସନ୍ତୋଷସିଂ ସାଲୁଜା, ଡଃ. ଦେବାଶିଷ ପଟ୍ଟନାୟକ, ନବଜ୍ୟୋତି ପଟ୍ଟନାୟକ, ବିଶ୍ୱଜିତ ଦାସ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

ଭୁବନେଶ୍ୱରରୁ ପୁରୀ ଯାତ୍ରା ସମୟରେ କଂଗ୍ରେସର ପୁରୁଖା ନେତାମାନଙ୍କ ନୈତିକ ସମର୍ଥନ ଦଳପାଇଁ କାମକରିବାର ଅପୂର୍ବ ମନୋବଳ ଯୋଗାଇଛି। ପଦଯାତ୍ରା ସମୟରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନା ପ୍ରମୁଖ ସାମିଲ ନହୋଇଥିଲେ ମଧ୍ୟ ଜନସମ୍ପର୍କ ଯୋଡ଼ିବାରେ ତାଙ୍କର ସମର୍ଥନ ଜଣାଇଥିଲେ। ଆଜିର ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଥିଲେ ଯେ ମାନନୀୟା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ଼ଗେ ଓଡ଼ିଶାରେ କଂଗ୍ରେସକୁ ଅଧିକ ଶକ୍ତିଶାଳୀ କରିବାପାଇଁ ମୋତେ ଦାୟିତ୍ୱ ଦେଇଥିଲା ବେଳେ ପ୍ରଭାରୀ ଭାବେ ଅଜୟ କୁମାର ଲଲ୍ଲୁଙ୍କୁ ଗୁରୁ ଦାୟିତ୍ୱ ଦେଇଛନ୍ତି। ସମସ୍ତଙ୍କୁ ସାଥିରେ ନେଇ କଂଗ୍ରେସ ଦଳକୁ ରାଜ୍ୟରେ ଏକ ଶକ୍ତିଶାଳୀ ଦଳ ରୂପେ ଗଢ଼ିବା ହେଉଛି ମୋର ପ୍ରଥମ କାମ। ମୁଖ୍ୟମନ୍ତ୍ରୀ ହେବା ମୋର କୌଣସି ଇଚ୍ଛା ନାହିଁ। ଦଳକୁ ଗଢ଼ି କ୍ଷମତାକୁ ଆଣିଲେ ମୋର ଜୀବନର ସମସ୍ତ ଇଚ୍ଛା ପୂରଣ ହେବ ବୋଲି ଭାବିବି, ତାହାହିଁ କେବଳ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରିଛି। ଆସନ୍ତା ଦିନରେ ଓଡ଼ିଶାରେ ଚାରିକୋଟି ପଚାଶ ଲକ୍ଷଙ୍କ ଆଶା, ଭାରସା ଓ ଆଶିର୍ବାଦକୁ ପାଥେୟ କରି କଂଗ୍ରେସ ଏ ଅହଂକାରି ଜନବିରୋଧି, ଗଣତନ୍ତ୍ରବିରୋଧି ସରକାର ବିରୋଧରେ ବିଧାନସଭାରୁ ଆରମ୍ଭ କରି ରାଜରାସ୍ତାରେ ଲଢ଼େଇ କରିବ। କୌଣସି ଜନତାଙ୍କ ସ୍ୱାର୍ଥକୁ ରକ୍ଷା କରିବା ପାଇଁ ସବୁକିଛି ବଳିଦାନ ଦେବା ପାଇଁ କଂଗ୍ରେସ ପ୍ରସ୍ତୁତ। ଆସନ୍ତାଦିନ ଛାତ୍ର କଂଗେଅସ, ଯୁବ କଂଗ୍ରେସ ଓ ମହିଳା କଂଗ୍ରେସ ଠାରୁ ଆରମ୍ଭ କରି ସମସ୍ତ ଛାମୁଆଁ ସଂଗଠନକୁ ନେଇ ସାରା ରାଜ୍ୟରେ ଲଢ଼େଇର ଡାକରା ଦିଆଯିବ।

ରାଜନୈତିକ ଦଳ ଭାବେ ଜନତାଙ୍କ ପାଖରେ ପହଂଚାଇବା ଆମର ମୁଖ୍ୟ ଲକ୍ଷ୍ୟ ରହିବ। ଜଗନ୍ନାଥଙ୍କ ପାଖରେ ସମର୍ପଣ ଭାବ ନେଇ ସଂକଳ୍ପ କରିଛୁ ଯେ ସାଧାରଣ ଜନତାଙ୍କ ସେବାରେ କଂଗ୍ରେସ କାର୍ଯ୍ୟକରିବ। କେବଳ କଂଗ୍ରେସ ଭବନରେ ବସିଲେ କାମ ହେବନାହିଁ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ଯାଇ ଦଳର କର୍ମୀ ଓ ସାଧାରଣ ଜନତାଙ୍କ ସହ ସମ୍ପର୍କକୁ ଅଧିକ ମଜବୁତ କରିବାକୁ ଗୁରୁତ୍ୱ ଦିଆଯିବ। ମୋର ହାତ ଭାଙ୍ଗିଲେ ବି ମନୋବଳ ଭାଙ୍ଗି ନାହିଁ। ସମସ୍ତ ପ୍ରତିକୁଳ ପରିସ୍ଥିତିରେ ଦଳକୁ ଆଗକୁ ନେବାପାଇଁ କେବେବି ପଛଘୁଂଚା ଦେବିନାହିଁ। କଂଗ୍ରେସ ପାଖରେ ବିଜେପି ଭଳି ପଇସା ନଥିଲେ ବି ଆମ ପାଖରେ ଆତ୍ମ ବିଶ୍ୱାସ ରହିଛି। ସେହି ବିଶ୍ୱାସ ନେଇ ଆମେ କାମ କରିବୁ। ବିଜେପି କ୍ଷମାତାକୁ ଆସିଲାପରେ ତାର ଚିତ୍ର, ଚରିତ୍ର ପଦାରେ ପଡ଼ିଛି। ବଡ଼ ବଡ଼ କଥା କହି ଓଡ଼ିଶାବାସୀଙ୍କୁ ଭୂଆଁ ବୁଲାଇବା ଛଡ଼ା ଅନ୍ୟକିଛି ନାହିଁ। ମୁଁ ଡିକ୍ଟେଟରସିପ ରେ ବିଶ୍ୱାସ କରେ ନାହିଁ ଗଣତନ୍ତ୍ର ଉପରେ ବିଶ୍ୱାସ କରେ। ଲୁହ ଲହୁ ଢ଼ାଳି ଯେତେ କଷ୍ଟ ହେଲେବି ପ୍ରଥମ ଲକ୍ଷ୍ୟ ହେବ ଜନତାଙ୍କ ପାଖରେ ପହଂଚିବି ସେମାନଙ୍କ ସମସ୍ୟାରେ ସାମିଲି ହେବି। ଲୋକଙ୍କ ସମସ୍ୟାର ସମାଧାନ ପାଇଁ ସଂଗ୍ରାମ ଜାରି ରଖିବି। ଗର୍ବ ଅହଂକାର ଅପେକ୍ଷା ଆତ୍ମ ସମର୍ପଣ ଭାବ ନେଇ ଲୋକଙ୍କ ମନଜିତିବା ଆମର ପ୍ରଥମ ଲକ୍ଷ୍ୟ ହେବ। ଓଡ଼ିଶାର କଂଗ୍ରେସର ନୂତନ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ ପ୍ରତ୍ୟେକ କଂଗ୍ରେସ କର୍ମୀ ହେଉଛନ୍ତି ଜଣେ ଜଣେ ଯୋଦ୍ଧା। ସେମାନେ ଭୟ କରନ୍ତି ନାହିଁ। କେନ୍ଦ୍ର ଓ ରାଜ୍ୟରେ ଚାଲିଥିବା ଘୃଣା, ହିଂସା ଓ ଭେଦ ଭାବର ଡବଲ ଇଞ୍ଜିନ ସରକାର ପତନ କରାଇବା ମୋର ପ୍ରଥମ କାମ। ଏ ରାଜ୍ୟର ଆଦିବାସୀ, ଅନୁସୂଚିତ ଜାତି ଓ ପଛୁଆବର୍ଗଙ୍କ ପ୍ରତି ଘୋର ଅନ୍ୟାୟ କରାଯାଉଛି। ବିଶେଷ କରି ଆଦିବାସୀ ଓ ଅନୁସୂଚିତ ଜାତି ର ଲୋକମାନଙ୍କର ଜମିକୁ ବଳ ପ୍ରୟୋଗ କରି ଅଧିଗ୍ରହଣ କରି ନିର୍ଦ୍ଦିଷ୍ଟ କତିପୟ ବ୍ୟବସାୟଙ୍କୁ ଦିଆଯାଉଛି। ଖାଲି ସେତିକି ନୁହେଁ ଆଇନ ଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ ସାଂଘାତିକସ୍ଥିତିରେ ଏ ସରକାର ଆସିବା ପରେ ପାଖାପାଖି ୧୧ ଜଣରୁ ଅଧିକ କୃଷକ ଆତ୍ମହତ୍ୟା କରିବା ସହିତ ରାଜ୍ୟର ବିଭିନ୍ନ ଅଂଚଳରେ ଆଦିବାସୀ ମହିଳାମାନଙ୍କ ପ୍ରତି ପାସବିକ ଅତ୍ୟାଚାର କରାଯାଉଛି। ଏପରିକି ସାମଗ୍ରିକ ଭାବରେ ମହିଳାମାନଙ୍କ ସୁରକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଏ ସରକାର ଏହାକୁ ଗୁରୁତର ସହ ସମାଧାନ କରୁନାହିଁ। ରାଜ୍ୟର ସମସ୍ତ ଖଣିଜ ସମ୍ପଦ ହରିଲୁଟ ଚାଲିଛି। ଏପରିକି ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦକୁ ଆଦାନୀ ହାତରେ ଟେକିଦେବା ପାଇଁ ଚକ୍ରାନ୍ତ ଚାଲିଛି। ଏହାକୁ କଂଗ୍ରେସ ବରଦାସ୍ତ କରିବ ନାହିଁ। ସଡକରୁ ଆରମ୍ଭ କରି ବିଧାନସଭା ପର୍ଯ୍ୟନ୍ତ ଆନ୍ଦୋଳନଜାରି ରହିବ। ସାମାଜିକ ନ୍ୟାୟ, ଚାଷୀମାନଙ୍କ ସମସ୍ୟା, ଶ୍ରମିକ ମାନଙ୍କ ଅଧିକାର, ମହିଳମାନଙ୍କ ପ୍ରଗତୀ ଓ ଯୁବକମାନଙ୍କ ନିଯୁକ୍ତି ପାଇଁ ତଥା ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ବ୍ୟାପକ ପରିବର୍ତ୍ତନ ପାଇଁ ଦଳ ଲଢ଼େଇ ଜାରି ରଖିବ। କେନ୍ଦ୍ର ସରକାରଙ୍କ ଦୁର୍ବଳ ଶାସନ ଓ ଗୃହମନ୍ତ୍ରୀଙ୍କ ଅପାରଗତା ବାରମ୍ବାର ପ୍ରମାଣିତ ହୋଇସାରିଛି। ଦରଦାମ ଆଜି ଆକାଶଛୁଆଁ। ଲୋକଙ୍କ ପାଖରେ ସଂଚୟ ନାହିଁ। ଆଦିବାସୀ, ଦଳିତ ଓ ଅବହେଳିତ ବର୍ଗ ପାଇଁ ଦଳ ଯେଉଁ ସଂକଳ୍ପ ନେଇଛି ସେଥିପାଇଁ ଅହରହ ସଂଗ୍ରାମ ଜାରି ରହିବ ବୋଲି ଶ୍ରୀ ଲଲ୍ଲୁ କହିଥିଲେ।

ଆଜିର ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରମୁଖ ବହୁ କଂଗ୍ରେସ ନେତା ଯୋଗଦେଇଥିଲେ। ଶ୍ରୀଜୟଦେବ ଜେନା ସାମ୍ବାଦିକମାନଙ୍କୁ ସମ୍ବୋଦିତ କରି କହିଥିଲେ ଯେ ଓଡ଼ିଶାର ଜନସାଧାରଣ କଂଗ୍ରେସ ଆଡ଼କୁ ମୁହାଁଇଲାଣି। ଏକ ଦକ୍ଷ ଓ ଯୋଗ୍ୟ ବ୍ୟକ୍ତି ଆଜି ପ୍ରଦେଶ କଂଗ୍ରେସ ସଭାପତି ହୋଇଛନ୍ତି। ମୁଁ ତାଙ୍କୁ ପୂର୍ଣ୍ଣ ସମର୍ଥନ ଦେଉଛି। ଶ୍ରୀକାନ୍ତ ଜେନା ମଧ୍ୟ କହିଛନ୍ତି ଯେ ରାଜ୍ୟରେ ଏକ ବଡ଼ ସମ୍ଭାବନା ସୃଷ୍ଟି ହୋଇଛି ଏହାକୁ ଆମେ ହାତଛଡା କରିବୁ ନାହିଁ। ଆସନ୍ତା ଦିନରେ କଂଗ୍ରେସ ନିଶ୍ଚିତ ସରକାର କରିବ। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି ଯେ ତାଙ୍କ ନେତୃତ୍ୱରେ କଂଗ୍ରେସ ଆଗକୁ ଯିବ। ସେ ଜଣେ ଲଢୁଆ ନେତା ଅଟନ୍ତି।



## ମାଟ୍ରିକ୍ ପରୀକ୍ଷାରେ ନୋଡାଲ ଅଧିକାରୀଭାବେ ନିଯୁକ୍ତି ପାଇଥିବା ପ୍ରଧାନ ଶିକ୍ଷୟିତ୍ରୀଙ୍କ ମୃତ୍ୟୁରେ ଓଷ୍ଟାର ଶୋକ

କଟକ, ୨୧।୨ (ନି.ପ୍ର) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ୍ ଅଧିନସ୍ଥ ତୁମୁସିଂହା ଥାନା ଶ୍ରୀମୂଳା ପଞ୍ଚସଖା ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତଥା ନୋଡାଲ ଅଧିକାରୀ ଭାବେ ନିଯୁକ୍ତି ପାଇଥିବା ପ୍ରଭାତୀ ଦେହୁରୀଙ୍କ ପରୀକ୍ଷାର ଦିନକ ପୂର୍ବରୁ ସନ୍ଦେହଜନକ ମୃତ୍ୟୁ ଘଟିଛି । ସେହିପରି କେନ୍ଦ୍ରପଡ଼ା ଜିଲ୍ଲା ରାଜନଗର ବ୍ଲକ୍ ଅନ୍ତର୍ଗତ ବାଘମାରି ପଞ୍ଚାୟତରୁ ଏକ ଗାଡ଼ି ଯୋଗେ ୧୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା କେନ୍ଦ୍ରକୁ ଯାଉଥିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଆହତ ହୋଇଛନ୍ତି । ଏହି ଉଭୟ ଘଟଣାରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ଗଭୀର ଦୁଃଖ ପ୍ରକାଶ କରିବା ସହ ସଂଗଠନ ତରଫରୁ ସମବେଦନା ଜ୍ଞାପନ କରିଛନ୍ତି । ସୂଚନାଥାଉକି, ମୃତ ପ୍ରଧାନଶିକ୍ଷୟିତ୍ରୀଙ୍କ ଘର ଢେଙ୍କାନାଳ କାମାକ୍ଷାନଗର ତୁମୁସିଂହା ଥାନା ଅନ୍ତର୍ଗତ ଗୁନେଇବିଲି ଗାଁରେ । ପରୀକ୍ଷାର ଦିନକ ପୂର୍ବରୁ ତାଙ୍କର ମୃତଦେହ ଘର ସାମ୍ନାରେ ଥିବା ଗ୍ୟାରେଜରୁ ଉଦ୍ଧାର ହୋଇଛି । ସବୁଦିନ ପରି ରାତିରେ ଖାଇପିଇ ସାରି ଶିକ୍ଷୟିତ୍ରୀ ଜଣକ ଘରେ ଶୋଇଥିଲେ । ସକାଳୁ ପ୍ରଭାତୀଙ୍କ ଡ୍ରାଇଭର ଘରକୁ ଆସି ପ୍ରଭାତୀଙ୍କୁ ସ୍କୁଲ ନେବା ପାଇଁ ଡାକିଥିବା ବେଳେ ସେ ଘରେ ନଥିବା ଜଣାପଡ଼ିଥିଲା । ପରେ ଘର ସାମ୍ନାରେ ଥିବା ଗ୍ୟାରେଜ ଘରୁ ସନ୍ଦେହଜନକ ଭାବରେ ତାଙ୍କର ମୃତଦେହ ମିଳିଥିଲା । ଢେଙ୍କାନାଳ ଜିଲ୍ଲା ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛନ୍ତି । ଶିକ୍ଷୟିତ୍ରୀ ଜଣକ କାମାକ୍ଷାନଗର ବ୍ଲକ୍ ଓଷ୍ଟା ସଙ୍ଘର ସଭାପତି ଥିବା ଜଣାପଡ଼ିଛି । ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି । ଘଟଣାରେ ସଂପୃକ୍ତ ଥିବା ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ବିଧାନ ପୂର୍ବକ ମୃତ ଶିକ୍ଷୟିତ୍ରୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ ନିମନ୍ତେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ସରକାର ତଥା ସ୍ଥାନୀୟ ପ୍ରଶାସନଙ୍କ ନିକଟରେ ଦୃଢ଼ ଦାବି କରାଯାଉଛି ।

ସେହିପରି କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ୍ ବାଘମାରି ପଞ୍ଚାୟତରୁ ୧୨ ଛାତ୍ରଛାତ୍ରୀଙ୍କୁ ନାଗାନାରାୟଣ ହାଇସ୍କୁଲ, ଡାଙ୍ଗମାଳ ପରୀକ୍ଷା କେନ୍ଦ୍ରକୁ ନେଇଯାଉଥିବା ଗାଡ଼ିଟି ଦୁର୍ଘଟଣାର ସମ୍ମୁଖୀନ ହୋଇ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି । ଛାତ୍ରଛାତ୍ରୀମାନେ ଆହତ ହୋଇ ନିକଟସ୍ଥ ଡାଙ୍ଗମାଳ ଚିକିତ୍ସା କେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି । ଚାଳକଙ୍କ ଅସାବଧାନତା ଯୋଗୁଁ ଗାଡ଼ିଟି ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା କଥା କୁହାଯାଉଛି । ଯଦିଓ ପରୀକ୍ଷା କେନ୍ଦ୍ର ଗୁଡ଼ିକ ବିଦ୍ୟାଳୟଠାରୁ ପାଞ୍ଚରୁ ସାତ କି.ମି. ମଧ୍ୟରେ ଅବସ୍ଥିତ ତେବେ ପୂର୍ବଭଳି ଯଦି ପରୀକ୍ଷା କେନ୍ଦ୍ର ନିକଟରେ ରହି ପିଲାମାନେ ପରୀକ୍ଷା ଦେବାକୁ ଯାଆନ୍ତେ ଏପରି ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ପାରନ୍ତା ବୋଲି ଓଷ୍ଟା ପକ୍ଷରୁ କୁହାଯିବା ସହ ସମସ୍ତ ଛାତ୍ରଛାତ୍ରୀଙ୍କର ଆଶୁ ଆରୋଗ୍ୟ କାମନା କରାଯାଉଛି । ଏଭଳି ଅଭାବନୀୟ ଘଟଣା ପାଇଁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷାପ୍ରଦୀପ ସଂପାଦକ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ଦୁଃଖ ପ୍ରକାଶ କରିବା ସହ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା ଓ ମୃତକଙ୍କ ପରିବାର ପାଇଁ ଆର୍ଥିକ ସହାୟତା ରାଶି ପ୍ରଦାନ କରିବା ନିମନ୍ତେ ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି ।

## ଫ୍ରେଜର ସରକାରୀ ବାଳିକା ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

ଭଦ୍ରକ,୨୧।୨ (ନି.ପ୍ର) : ପୁରଣାବଜାର ନିକଟସ୍ଥ ଫ୍ରେଜର ସରକାରୀ ବାଳିକା ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର ସଭ୍ୟସଭ୍ୟାମାନଙ୍କର ମିଳିତ ଉଦ୍ୟମ ଯୋଗୁଁ କାର୍ଯ୍ୟକ୍ରମଟି ସଫଳ ହୋଇପାରିଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଭଦ୍ରକ ପୌର ପରିଷଦର ଅଧକ୍ଷା ଗୁଲମକୀ ଦଲୱାଜି ହବିବ୍ ମୁଖ୍ୟଅତିଥି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଭଦ୍ରକ, ଅଂଶୁମାନ ଦିବେଦୀ ମୁଖ୍ୟବକ୍ତା, ଉପଗୋଷ୍ଠୀ ଶିକ୍ଷାଧିକାରୀ, ଭଦ୍ରକ, ଶ୍ରୀମତୀ ମିଶ୍ର, ବରେଣ୍ୟ ଅତିଥି, କାର୍ଯ୍ୟନିର୍ବାହୀ ଅଧିକାରୀ ଭଦ୍ରକ ପୌରପାଳିକା ତାପସ କୁମାର ସାମଲ, ବିଶିଷ୍ଟ ଅତିଥି ତଥା ସମ୍ମାନିତ ଅତିଥି ଭାବେ ଶେଖ ଜୁଇଫୁକାର ଅଲ୍ଲି, କାଉନ୍‌ସିଲର ୱାର୍ଡ଼ନଂ-୨୬, ନିଳାମ୍ବର ପାଣିଗ୍ରାହୀ, ସି.ଆର.ସି.ସି., ହାଜି ତବରେଜ ଖାଁ, ସମ୍ପାଦକ ରାଜ୍ୟ ଶିକ୍ଷକ ସଙ୍ଘ ଓ ଜାବିର ଖାଁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ।



ବିଦ୍ୟାଳୟର ଶିକ୍ଷକ ଶେଖ୍ ଜମାଲୁଦ୍ଦିନ୍ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସୁବାସିନୀ ନାୟକ ବିବରଣୀ ପାଠ କରିଥିଲେ। ଶିକ୍ଷକ ପଦ୍ମନାଭ ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶିକ୍ଷୟିତ୍ରୀ ଜିସାନ୍ କାଦ୍ରୀ, ସଗୁପ୍ତା କାଦ୍ରୀ ଓ ସ୍ନେହଲତା ଦେ। ସେହିପରି ଶିକ୍ଷକ ଶାହାନାୱାଜ ଆଲାମ, ଶେଖ ଅଜିଜ୍, ଶିକ୍ଷିକା ଅଜିଜା ଖାତୁନ, ହନିଫ୍ ବେଗମ, ମଞ୍ଜୁଲତା ଗୁପ୍ତା, ମଞ୍ଜୁଲତା ସାହୁ, ପ୍ରଦିପ୍ତା ପାଢ଼ୀ ସହିତ ପରିଚାଳନା କମିଟିର କର୍ମକର୍ତ୍ତା ଉତ୍ସବ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ପାଇଁ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବା ସହିତ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପୁରାତନ ବିଦ୍ୟାଳୟରେ ପ୍ରଥମ ଥର ବାର୍ଷିକ ଉତ୍ସବ ମହାଡ଼ମ୍ବରରେ ପାଳିତ ହୋଇଥିବାରୁ ଅଭିଭାବକ ମହଲରୁ ସୁଭେଚ୍ଛାର ବାର୍ତ୍ତା ପ୍ରଦାନ କରିଥିଲେ।

## ସ୍ୱର୍ଗତଃ ଦୁର୍ଯ୍ୟୋଧନ ପ୍ରଧାନଙ୍କର ସ୍ମୃତି ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୧।୨ (ନି.ପ୍ର) : ଦିଲ୍ଲୀର ବିଖ୍ୟାତ ଉଦ୍ୟୋଗପତି ଓ ସ୍ୱନାମଧନ୍ୟ ସମାଜସେବୀ ଦୁର୍ଯ୍ୟୋଧନ ପ୍ରଧାନଙ୍କର ସ୍ମୃତି ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି ୟ ସ୍ୱର୍ଗତଃ ପ୍ରଧାନଙ୍କର ବିୟୋଗର ଏକାଦଶ ତିଥି ଉପଲକ୍ଷେ ଭୁବନେଶ୍ୱରର ଏ. ଏ କନଭେନସନ ଏବଂ ଦିଲ୍ଲୀର ହାଉଜଖାସ୍ ଜଗନ୍ନାଥ ମନ୍ଦିର ପରିସରରେ ବୁଧବାର ଫେବୃଆରୀ ୧୯ ତାରିଖ ଦିନ ଆୟୋଜିତ ଏକାଦଶ ଉତ୍ସବରେ ତାଙ୍କର ଶତାଧିକ ପରିବାର ସଦସ୍ୟ, ବନ୍ଧୁବାନ୍ଧବ ଏବଂ ପ୍ରଶଂସକ ଯୋଗ ଦେଇଥିବା ଦେଖାଯାଇଥିଲା । ଏହି ଅବସରରେ ଉପସ୍ଥିତ ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତଃ ପ୍ରଧାନଙ୍କର ଆଦର୍ଶ ଜୀବନ, ଉତ୍କର୍ଷ ଦର୍ଶନ ଏବଂ ଉତ୍ସର୍ଗୀକୃତ ସମାଜସେବାର ଅମ୍ଳାନ ସ୍ମୃତି ଚାରଣ କରିବା ସହିତ ତାଙ୍କର ଅମର ଆତ୍ମାର ସଦ୍ଗତି ଓ ଚିରଶାନ୍ତି କାମନା କରିଥିଲେ । ସ୍ୱର୍ଗତଃ ପ୍ରଧାନ ଏକାଧାରରେ ଜଣେ ଧର୍ମପରାୟଣ, କର୍ତ୍ତବ୍ୟନିଷ୍ଠ, ନିଷ୍ଠାପର, ମିଷ୍ଟଭାଷୀ, ଦରଦୀ, ପରୋପକାରୀ ତଥା ସର୍ବୋପରି ଜଣେ ସର୍ବଗୁଣ ସମ୍ପନ୍ନ ମଣିଷ ଥିଲେ । ଦିଲ୍ଲୀ ଓ ଜାତୀୟ ରାଜଧାନୀ କ୍ଷେତ୍ରର ବହୁ ସାମାଜିକ, ସାଂସ୍କୃତିକ, ଧାର୍ମିକ ଓ ଦାତବ୍ୟ ଅନୁଷ୍ଠାନ ସହିତ ସେ ଜୀବନର ଶେଷ ପର୍ଯ୍ୟନ୍ତ ସକ୍ରିୟ ଭାବେ ଜଡ଼ିତ ରହି ଆସିଥିଲେ ୟ ନୂଆଦିଲ୍ଲୀର ହାଉଜଖାସ୍ ଜଗନ୍ନାଥ ମନ୍ଦିରକୁ ପରିଚାଳନା କରୁଥିବା ଶ୍ରୀ ନୀଳାଚଳ ସେବାସଙ୍ଘ ଏବଂ ଛତରପୁରଠାରେ ଠାକୁର ନିଗମାନନ୍ଦଙ୍କର ଆଶ୍ରମ ସ୍ଥାପନା କରିଥିବା ଦିଲ୍ଲୀ ସାରସ୍ୱତ ସଙ୍ଘର ସ୍ୱର୍ଗତଃ ପ୍ରଧାନ ଯଥା କ୍ରମେ ପ୍ରତିଷ୍ଠାତା ସମ୍ପାଦକ ଓ ସଭାପତି ଥିଲେ । ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ରାଜୀବ ଗାନ୍ଧୀଙ୍କର ଖୁବ ଅନ୍ତରଙ୍ଗ ଥିବା ସ୍ୱର୍ଗତଃ ପ୍ରଧାନ ଦୀର୍ଘ କାଳ ଧରି ଗାନ୍ଧୀ ପରିବାରର ବାସଗୃହ ଏବଂ ଫାର୍ମ ହାଉସର ରକ୍ଷଣାବେକ୍ଷଣ କାର୍ଯ୍ୟକୁ ତଦାରଖ କରୁଥିଲେୟ ଶ୍ରୀ ପ୍ରଧାନଙ୍କର ନିମନ୍ତ୍ରଣ କ୍ରମେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ହାଉଜଖାସ୍ ମନ୍ଦିରର ରଥଯାତ୍ରାରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେୟ ସାଧାରଣରେ ଡିଡି ପ୍ରଧାନ ନାମରେ ବେଶ୍ ଲୋକପ୍ରିୟ, ସ୍ୱର୍ଗତଃ ପ୍ରଧାନଙ୍କର ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ମଦନଲାଲ ଖୁରାନା, ସାହିବ ସିଂ ବର୍ମା, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱ ଭୂଷଣ ହରିଚନ୍ଦନଙ୍କ ସହିତ ଖୁବ ଘନିଷ୍ଠ ସମ୍ପର୍କ ରହିଥିଲା । ଶ୍ରୀ ପ୍ରଧାନଙ୍କର ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ, ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଗଭୀର ଶୋକ ପ୍ରକାଶ କରିଛନ୍ତି । ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିବା ଅନ୍ୟ ବରେଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ରାଜ୍ୟ ମନ୍ତ୍ରୀ, ପୃଥୀରାଜ ହରିଚନ୍ଦନ, ସମ୍ପଦ ସ୍ୱାଇଁ, ବିଧାୟକ ବାବୁ ସିଂହ, ପୋଲିସ ଡିଜି ୱାଇ.ବି ଖୁରାନିଆ, ବରିଷ୍ଠ ରାଜନେତା ବ୍ରଜ କିଶୋର ତ୍ରିପାଠୀ, ଦେବୀ ପ୍ରସାଦ ମିଶ୍ର, ସୁରେଶ ଚନ୍ଦ୍ର ରାଉତରାୟ, ଗଣେଶ୍ୱର ବେହେରା, ଅତନୁ ସବ୍ୟସାଚୀ ନାୟକ, ପ୍ରସାଦ ହରିଚନ୍ଦନ, ସିଦ୍ଧାନ୍ତ ମହାପାତ୍ର, ପ୍ରିୟଦର୍ଶୀ ମିଶ୍ର, ରୋଜାଲିନ ପାଟ୍ଟଶାଣି, ଶୋଭନୀୟ ଆନ୍ଦୋଳନର ମୁଖ୍ୟ ଡଃ ଅରୁନ୍ଧତୀ ଦେବୀ, ୱାର୍ଲଡ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ସିଲଭର ଗାନ୍ଧୀ ମୋହନ ମହାପାତ୍ର, ଯାଜପୁର ସାଂସଦ ଡଃ ରବୀନ୍ଦ୍ର ନାରାୟଣ ବେହେରା, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତଗତ ସଚିବ ମନୋଜ ସାହୁ, କର୍ପୋରେଟ ପରାମର୍ଶ ଦାତା ରମେଶ ସାହୁ, ଉଦୟ ଇଣ୍ଡିଆର ସମ୍ପାଦକ ଦୀପକ ରଥ,ସୁନୀତି ମୁଣ୍ଡ, କୁଳମଣି ବିଶ୍ୱାଳ, ସସ୍ମିତ ତ୍ରିପାଠୀ, ପରମାତ୍ମା ଦାସ, ପବିତ୍ର ମହାରଥା, ମନୋଜ ନାୟକ, ରୀତା ପାତ୍ର, ବାଳକୃଷ୍ଣ ପଣ୍ଡା,ପ୍ରବୋଧ ସାମନ୍ତରା ଏବଂ କାବେରୀ ବେହେରା ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେୟ ଏହି ଅବସରରେ ପ୍ରସିଦ୍ଧ ଗାୟିକା ଜୟଶ୍ରୀ ଧଳଙ୍କ ଦ୍ୱାରା ସ୍ୱର୍ଗତଃ ପ୍ରଧାନଙ୍କର ସ୍ମୃତି ଉଦ୍ଦେଶ୍ୟରେ ପ୍ରସ୍ତୁତ ଏକ ସାଙ୍ଗୀତିକ ଭିଡିଓ ପରିବେଷଣ କରାଯାଇଥିଲା ଓ ସ୍ୱର୍ଗତଃ ଆତ୍ମାଙ୍କର ସ୍ମରଣରେ ଏକ ସ୍ମରଣିକା ମଧ୍ୟ ଉନ୍ମୋଚନ କରାଯାଇଥିଲା । ଦିଲ୍ଲୀଠାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସମାବେଶରେ ଉପସ୍ଥିତ ଥିବା ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଜୟରାମ ସାମଲ, ଶରତ ନନ୍ଦ, ଗଜେନ୍ଦ୍ର ସାମନ୍ତ, ଅଶୋକ ପ୍ରଧାନ, କ୍ଷୀରୋଦ ପାତ୍ର, ଡଃ ଅଶୋକ ଚୌଧୁରୀ, ଦିଲ୍ଲୀପ ସ୍ୱାଇଁ ,ରବି ପାଣି , ଅବନୀ ସାହୁ, ଗୋବର୍ଦ୍ଧନ ଧଳ,ପ୍ରଦୀପ୍ତ ସାହୁ, ଅଭୟ ପ୍ରଧାନ, ଅଜୟ ପ୍ରଧାନ, ସଞ୍ଜୟ ମିଶ୍ର, ଅଶୋକ ପ୍ରଧାନ (ଖ), ପ୍ରଦୀପ ସ୍ୱାଇଁ, ଦିଲ୍ଲୀପ ରାଉତ, ରଙ୍କନିଧି ସାହୁ, ସନ୍ତୋଷ ରାଉତ, ବିମଳ ପଣ୍ଡା ଏବଂ ସ୍ୱର୍ଣ୍ଣପ୍ରଭା ପତି ପ୍ରମୁଖ ସାମିଲ ଥିଲେ ।



## ରାସନକାର୍ଡ ଫେରାଇଲେ ୩୧ ଜଣ ବ୍ୟକ୍ତି

ଖଣ୍ଡପଡା,୨୧।୨(ନି.ପ୍ର) : ରାସନକାର୍ଡ ହାତେଇଥିବା ହିତାଧିକାରୀଙ୍କ ମଧ୍ୟରୁ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେବା ପାଇଁ ରାଜ୍ୟ ସରକାର କଡାକଡି ନିୟମ ଲାଗୁ କରିବା ସହ ସମସ୍ତ ହିତାଧିକାରୀ ଇ- କେୱାଇସି କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏହି କ୍ରମରେ ଖଣ୍ଡପଡା ବ୍ଲକ ଅଧିନ କୁମ୍ଭାରପଡା ଓ ରାଣିପଡ଼ା ପଂଚାୟତରୁ ୪ଜଣ, ଖଳିସାହି ପଂଚାୟତରୁ ୩ଜଣ, ବନମାଳୀପୁର ଓ ଶାଳଝରିଆ ପଂଚାୟତରୁ ୨ଜଣ, ସିଧାମୂଳା, ଜଗନ୍ନାଥପ୍ରସାଦ, ରାଣୀଛେଲ୍ଲୀ, ମର୍ଦ୍ଦରାଜପୁର, ଗଡିଆସାହି, ରୟତଢୋଲମରା, ବୋଦସା, ସିଂଘାପଡା ଓ ବଡବାଣପୁର ପଂଚାୟତରୁ ଜଣେ ଲେଖାଏଁ ବ୍ୟକ୍ତି ରାସନକାର୍ଡ ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରସ୍ଥିତ ଯୋଗାଣ ନୀରିକ୍ଷକଙ୍କ କାର୍ଯ୍ୟାଳୟରେ ଫେରସ୍ତ କରିଥିବା ଜଣାପଡ଼ିଛି। ରାସନ୍‌କାର୍ଡ଼ ଫେରସ୍ତ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ସରକାରୀ କର୍ମଚାରୀ, ଶିକ୍ଷକ ଓ ଆୟକର ଦାଖଲ କରୁଥିବା ବ୍ୟକ୍ତି ବିଶେଷ ଥିବା ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ସେହିପରି ଖଣ୍ଡପଡା ସହରାଚଂଳର ବିଭିନ୍ନ ୱାର୍ଡରୁ ୭ଜଣ ବ୍ୟକ୍ତି ରାସନକାର୍ଡ ଫେରାଇଥିବା ବ୍ଲକ ଯୋଗାଣ ନୀରିକ୍ଷକ ଗୋବିନ୍ଦ ଚନ୍ଦ୍ର ବେହେରାଙ୍କ ଠାରୁ ପ୍ରକାଶ ।

## ଭିନ୍ନକ୍ଷମ ଯୁବକଙ୍କୁ ମିଳିଲା ବିଦ୍ୟୁତ୍ ଚାଳିତ ଗାଡି



ଖଣ୍ଡପଡା,୨୧।୨(ନି.ପ୍ର) : ଖଣ୍ଡପଡା ସହରର ୯ନଂ ୱାର୍ଡ ମଣିକର୍ଣ୍ଣିକାସାହିର ଭିନ୍ନକ୍ଷମ ଯୁବକ ହରିକୃଷ୍ଣ ସାହୁ(୪୮)ଙ୍କୁ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଏକ ବିଦ୍ୟୁତ ଚାଳିତ ଗାଡି ମିଳିବା ପରେ ପରିବାରବର୍ଗଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ଉକ୍ତ ଭିନ୍ନକ୍ଷମ ଯୁବକ ଜଣଙ୍କ ଯାତ୍ରୀବାହୀ ବସରେ ଦିର୍ଘବର୍ଷ ଧରି ହେଲପର ଭାବେ କାର୍ଯ୍ୟକରି ପରିବାର ପ୍ରତିପୋଷଣ କରୁଥିଲେ । ମାତ୍ର ୪ବର୍ଷ ଧରି ପକ୍ଷାଘାତ ରୋଗରେ ପୀଡିତ ହେବା ପରେ ସେ ଆଉ ଯାତ୍ରୀବାହୀ ବସରେ ଯାତାୟତ କରି ପାରୁନଥିଲେ । ଫଳରେ ପରିବାର ପ୍ରତିପୋଷଣ କରିବା ହରିକୃଷ୍ଣଙ୍କ ପାଇଁ କଷ୍ଟକର ହୋଇପଡିଥିଲା । ଏ ସଂପର୍କରେ ହରିକୃଷ୍ଣ ନୟାଗଡ ଜିଲ୍ଲାପାଳଙ୍କୁ ଭେଟି ଦୁଃଖ ଜଣାଇବା ସହ ଏକ ଆବେଦନପତ୍ର ପ୍ରଦାନ କରିଥିଲେ । ନୟାଗଡ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସୁପାରିଶକ୍ରମେ ହରିକୃଷ୍ଣଙ୍କୁ ଏକ ବିଦ୍ୟୁତ୍ ଚାଳିତ ଗାଡି ମିଳିଥିବା ଜଣାପଡିଛି । ଏବେ ସେ ଉକ୍ତ ଗାଡିକୁ ବ୍ୟବହାର କରି ପରିବାର ପ୍ରତିପୋଷଣ କରିପାରିବେ ବୋଲି କହିଛନ୍ତି ।

